ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସିଦ୍ଧରମେୟାଙ୍କୁ ଆଶ୍ୱସ୍ତି | ୬



ଦମଦାର୍ ଲୁକ୍‌ରେ ସଲ୍‌ମାନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୨ Vol. 21 No-322 20 FEBRUARY 2025 THURSDAY BHUBANESWAR ଗୁରୁବାର, ୨୦ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ନେପାଳ କାଉନସେଲରଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

# ପ୍ରକୃତିଙ୍କୁ ମିଳିବ ନ୍ୟାୟ





ଭୁବନେଶ୍ୱର,୧୯।୨(ଭାସ୍କର ନ୍ୟୁଜ): କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ନେପାଳ କାଉନସେଲରଙ୍କ ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନେପାଳ କାଉନସେଲର ସଞ୍ଜୀବ ଦାସଶର୍ମା ଏବଂ ନବୀନ ରାଜ ଅଧିକାରୀଙ୍କ ସହ କଥା ହୋଇ ନେପାଳୀ ଛାତ୍ରୀ ପ୍ରକୃତିଙ୍କୁ ନ୍ୟାୟ ଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଖୁବ୍‌ଶୀଘ୍ର କିଟ୍ କ୍ୟାମ୍ପସରେ ଶାନ୍ତି ଫେରିଆସିବ। ତେଣୁ କ୍ୟାମ୍ପସକୁ ଛାତ୍ରଛାତ୍ରୀମାନେ ଫେରି ଆସିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ବୁଧବାର ରାଜ୍ୟ ଅତିଥି ଭବନରେ ନେପାଳୀ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହୋଇଥିଲା। ଏହି ଆଲୋଚନା ସମୟରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ଏଥିସହ ନେପାଳର ବୈଦେଶିକ ମନ୍ତ୍ରୀଙ୍କ ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଫୋନ୍ ଯୋଗେ କଥା ହୋଇଥିବା ସୂଚନା ଦେଇଥିଲେ। ଅନ୍ୟପକ୍ଷରେ କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣାର ପୁଙ୍ଖାନୁପୁଙ୍ଖ • ପୃଷ୍ଠା ୫ ଦେଖନ୍ତୁ

- କ୍ୟାମ୍ପସକୁ ଫେରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ
- ଉଚ୍ଚସ୍ତରୀୟ କମିଟିର ତଦନ୍ତ ଆରମ୍ଭ
- ଆଇନ ଅନୁଯାୟୀ ହେବ କାର୍ଯ୍ୟାନୁଷ୍ଠାନ
- କିଟ୍ କ୍ୟାମ୍ପସ ବାହାରେ ବିକ୍ଷୋଭ ପ୍ରଦର୍ଶନ
- ଗିରଫ ୫ କର୍ମଚାରୀଙ୍କୁ ଜାମିନ

## ବିଧାନସଭାରେ ମିଶନଶକ୍ତି ତାତି

# ହଟ୍ଟଗୋଳ ଯୋଗୁ ଗୃହ ମୁଲତବୀ



ଭୁବନେଶ୍ୱର,୧୯।୨(ଭାସ୍କର ନ୍ୟୁଜ): ବୁଧବାର ବିଧାନସଭାରେ ପ୍ରଶ୍ନକାଳ ଆରମ୍ଭରୁ ହଟ୍ଟଗୋଳ ଏବଂ ହୋହଲ୍ଲା ସୃଷ୍ଟି ହୋଇଥିଲା। ଯାହାଫଳରେ ବାଚସ୍ପତି ବିଧାନସଭାକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ବିଜେଡି ବିଧାୟକମାନେ ଧାରଣା ଦେଇଛନ୍ତି। ବୁଧବାର ବିଧାନସଭା ଅଧିବେଶନ ଆରମ୍ଭ ହେବାମାତ୍ରେ ବିଜେଡି ବିଧାୟକମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ମିଶନଶକ୍ତି ଇସି ପୁନର୍ଗଠନକୁ ବିରୋଧକରି ବିଜେଡି ବିଧାୟକମାନେ ନାରାବାଜି କରିଥିଲେ। ଏପରିକି ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ବିରୋଧ ପ୍ରଦର୍ଶନ କରିଥିଲେ। ଶେଷରେ ବାଧ୍ୟ ହୋଇ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମୁଲତବୀ ପରେ ବିଜେଡି ବିଧାୟକମାନେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେବା ସହ ବିରୋଧ ପ୍ରଦର୍ଶନ ଜାରି ରଖିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ରାଜ୍ୟର ବିଜେପି ସରକାର ଏକପାଖିଆ ନିଷ୍ପତ୍ତି ନେଉଛନ୍ତି। ସରକାର ମିଶନଶକ୍ତି ଇସିକୁ ପୁନର୍ଗଠନ କରିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ରାଜ୍ୟର ମାଆମାନଙ୍କ ବିରୋଧୀ ବୋଲି ବିଜେଡି ବିଧାୟକମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସଦସ୍ୟମାନେ ମଧ୍ୟ ବିଜେଡି ବିଧାୟକଙ୍କ ସହ ସାମିଲ ହୋଇ ବାଚସ୍ପତିଙ୍କ ପୋଡିୟମ ନିକଟରେ ପ୍ରବଳ ହଟ୍ଟଗୋଳ କରିଥିଲେ। ମିଶନଶକ୍ତି ମହିଳାଙ୍କ ଦାବି ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଉନଥିବା ସେମାନେ ଅଭିଯୋଗ କରିଥିଲେ। କଂଗ୍ରେସ ପକ୍ଷରୁ ବିଧାୟକ ତାରାପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ନିକଟରେ ଅନ୍ୟ ସଦସ୍ୟଙ୍କ ସହ ମିଶି ରାଜ୍ୟର ମହିଳାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସ୍ଲୋଗାନ ଦେଇଥିଲେ। ମିଶନଶକ୍ତିର ଗୈରୀକରଣ ବନ୍ଦ କରିବା, ମହିଳାଙ୍କୁ ନ୍ୟାୟ ଦେବା ନେଇ ସେମାନେ ନାରାବାଜି କରିଥିଲେ।

## ସଂକ୍ଷେପରେ...

### ୪ ନକ୍ସଲ ନିହତ

ଭୋପାଳ,୧୯।୨: ମଧ୍ୟପ୍ରଦେଶର ବାଲାଘାଟ ଗର୍ହିଥାନା ରୌନ୍ଦା ଜଙ୍ଗଲରେ ବୁଧବାର ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ନିହତ ନକ୍ସଲଙ୍କଠାରୁ ଇନସାସ୍ ବନ୍ଧୁକ ସହ ଏକେ-୪୭ ଜବତ କରାଯାଇଛି। ଏବେ ବି ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି।

### ମାଆକୁ ପିଟି ମାରିଦେଲା ପୁଅ

ନୀଳଗିରି,୧୯।୨(ଭାସ୍କର ନ୍ୟୁଜ): ପାରିବାରିକ କଳହକୁ କେନ୍ଦ୍ରକରି ପୁଅର କାଠଫାଳିଆ ମାଡ଼ରେ ମା’ର ଜୀବନ ଯାଇଛି। ଏପରି ଏକ ଅଭାବନୀୟ ଘଟଣା ନୀଳଗିରି ଥାନା ବାଘମରା ଗାଁରେ ଘଟିଛି। ପୋଲିସ ଅଭିଯୁକ୍ତ ପୁଅକୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

### ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ନବରଙ୍ଗପୁର,୧୯।୨(ଭାସ୍କର ନ୍ୟୁଜ): ୨୦୨୧ରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାପାଇଁ ଡିଏଲଏସ୍‌ଏକୁ ନିର୍ଦ୍ଦେଶ ଦିଆଯାଇଛି। ସେତେବେଳେ ଏହି ଦୁଷ୍କର୍ମ ଘଟଣା ଏହି ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଥିଲା।

### ଏମ୍ସ ହସ୍ପିଟାଲରେ ସିବିଆଇ ଚଢ଼ଉ

ଭୁବନେଶ୍ୱର, ୧୯।୨(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ରେଡ୍ ହୋଇଛି। ସିବିଆଇ ପକ୍ଷରୁ • ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୭୫,୯୩୯.୧୮
ସର୍ବାଧିକ: ୩୩.୮ ଡିଗ୍ରୀ
ସର୍ବନିମ୍ନ: ୨୨.୨ ଡିଗ୍ରୀ

**୧୯।୨।୨୦୨୫ ର ମତାମତ**

ଦିଲ୍ଲୀ ରେଳଷ୍ଟେସନ ଟ୍ରାଜେଡି ପାଇଁ ରେଳ ବିଭାଗକୁ ଦାୟୀ କରାଯିବା ଠିକ୍ କି?




**ଆଜିର ପ୍ରସଙ୍ଗ**

ଜାଲିଆତି କରି ରାସନକାର୍ଡ ହାତେଇଥିବା ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ରେଖା ଗୁପ୍ତା ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ

# ଆଜି ଶପଥ ସମାରୋହ



ନୂଆଦିଲ୍ଲୀ,୧୯।୨: ବୁଧବାର ସନ୍ଧ୍ୟାରେ ଦିଲ୍ଲୀ ବିଧାନସଭା ବିଜେପି ବିଧାୟକଦଳ ବୈଠକ ଅନୁଷ୍ଠିତ ହୋଇ ରେଖା ଗୁପ୍ତାଙ୍କୁ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। ଏ ନେଇ ବୈଠକରେ ଉପସ୍ଥିତ ଥିବା ପର୍ଯ୍ୟବେକ୍ଷକ ରବିଶଙ୍କର ପ୍ରସାଦ ଏବଂ ଓ.ପି.ଧନଖଡ଼ ଘୋଷଣା କରିଛନ୍ତି। ଏହି ବୈଠକରେ ଦିଲ୍ଲୀ ପ୍ରଭାରୀ ବୈଜୟନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ରହିଥିଲେ। ରେଖା ଦିଲ୍ଲୀର ସାଲିମାରବାଗ୍‌ରୁ ପ୍ରଥମ ଥରପାଇଁ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ସେ ଆପ୍‌ର ବନ୍ଦନା କୁମାରୀଙ୍କୁ ପରାଜିତ କରିଥିଲେ। ରେଖା ଏବେ ଦିଲ୍ଲୀ ବିଜେପିର ମହାସଚିବ ରହିଥିବାବେଳେ ବିଜେପି ମହିଳା ମୋର୍ଚ୍ଚାର ଉପାଧ୍ୟକ୍ଷା ମଧ୍ୟ ରହିଛନ୍ତି। ଗୁରୁବାର ନୂଆଦିଲ୍ଲୀର ରାମଲୀଳା ମଇଦାନରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ମନୋନୀତ ହୋଇଥିବା ପରବେଶ ବର୍ମା ମଧ୍ୟ ଶପଥ ଗ୍ରହଣ କରିବେ। ଦିଲ୍ଲୀ ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ଆଜିଠୁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୨(ଭାସ୍କର ନ୍ୟୁଜ): ଗୁରୁବାରଠାରୁ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ସମ୍ଭାବନା ଥିବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ପାଣିପାଗ ବିଭାଗ। ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରୁ ତେଲଙ୍ଗାନା ଯାଏ ଯାଇଥିବା ଏକ ଟ୍ରାପ୍‌ଲାଇନ୍ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ବର୍ଷା ହେବ ବୋଲି ବିଭାଗ ସୂଚନା ଦେଇଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଆଦି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଏହାସହ • ପୃଷ୍ଠା ୫ ଦେଖନ୍ତୁ

## ପ୍ରାକୃତିକ ବିପର୍ଯ୍ୟୟରେ ଓଡ଼ିଶାର ଆର୍ଥିକ କ୍ଷତି

# ୮ ବର୍ଷରେ ୧୭,୧୬୬ କୋଟି

ଭୁବନେଶ୍ୱର,୧୯।୨(ଭାସ୍କର ନ୍ୟୁଜ): ବିଗତ ୮ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟକୁ ପ୍ରାୟ ୧୭,୧୬୬.୪୩ କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଯାହାକି ୨୦୨୪-୨୫ ରାଜ୍ୟ ଜିଡିପିର ୧.୮ ପ୍ରତିଶତ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାର ବଜେଟ୍ ପୁସ୍ତକରେ ଏହା ଉଲ୍ଲେଖ କରିବା ସହ ଏହି ଅବଧି ମଧ୍ୟରେ ରାଜ୍ୟ ରାଜକୋଷରୁ ୮୩୪୯.୮୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନବେଳେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେବଳ ଧନଜୀବନ ନଷ୍ଟ ହେଉନାହିଁ, ବରଂ ଏହା ଫସଲ କ୍ଷତି, ଭୂତଳ ଓ ଭୂପୃଷ୍ଠ ଜଳସ୍ତର ହ୍ରାସ, ବେକାର ସଂଖ୍ୟା ବୃଦ୍ଧି, ଦାଦନ ଓ ଋଣଗ୍ରସ୍ତ ସମସ୍ୟାକୁ ବୃଦ୍ଧି କରୁଛି। ରାଜ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷରୁ ୨୦୨୪-୨୫ ମଧ୍ୟରେ ପ୍ରାୟ ୧୭.୧୬୬ କୋଟି ଟଙ୍କାର ଆର୍ଥିକ କ୍ଷତି ଘଟିଛି। ୨୦୧୭-୧୮ରେ ଅଦିନିଆ ବର୍ଷା ଓ ମରୁଡ଼ି ଯୋଗୁ ମୋଟ କ୍ଷତି ୧୩୪୩.୨୫ ହୋଇଥିବାବେଳେ ରାଜ୍ୟ ସରକାର ଏ ବାବଦରେ ୬୨୪.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ୨୦୧୮-୧୯ରେ ବାତ୍ୟା, ବନ୍ୟା, ମରୁଡ଼ି ଯୋଗୁ ୪୦୦୮.୭୨ କୋଟିର କ୍ଷତି ଘଟିଥିବାବେଳେ ରାଜ୍ୟ ସରକାର ଭରଣା କରିଛନ୍ତି ୧୮୩୧.୬୦ କୋଟି। ସେହିପରି ୨୦୧୯-୨୦ରେ ବାତ୍ୟା ଯୋଗୁ ୮୬୨୫.୦୧ କୋଟିର କ୍ଷତି ହୋଇଥିବାବେଳେ ଭରଣା କରାଯାଇଛି ୩୭୦୮.୮୫ କୋଟି। ଅନ୍ୟପକ୍ଷରେ ୨୦୨୦-୨୧ରେ ବାତ୍ୟା ପାଇଁ ୨୫୪.୨୬ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ୧୭୭.୨୦ କୋଟିର ଭରଣା କରାଯାଇଛି। ୨୦୨୧-୨୨ରେ ବାତ୍ୟା ପାଇଁ କ୍ଷୟକ୍ଷତି ପରିମାଣ ୧୨୩୫.୪୭ କୋଟି ହୋଇଥିବାବେଳେ ଭରଣା ହୋଇଛି ମାତ୍ର • ପୃଷ୍ଠା ୫ ଦେଖନ୍ତୁ

### ବିପର୍ଯ୍ୟୟ ମୁକାବିଲା ପାଇଁ ଓଡ଼ିଶାକୁ ୨୫୫.୨୪ କୋଟି



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୨(ବ୍ୟୁରୋ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଚଏଲ୍‌ସି ୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ଦ୍ୱାରା ପ୍ରଭାବିତ ୫ଟି ରାଜ୍ୟପାଇଁ ଏନଡିଆରଏଫ ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ ଦେଇଛି। ଏହି ପାଣ୍ଠିରୁ ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮ କୋଟି, ନାଗାଲାଣ୍ଡ ପାଇଁ ୧୭୦.୯୯ କୋଟି, ଓଡ଼ିଶା ପାଇଁ ୨୫୫.୨୪ କୋଟି, ତେଲଙ୍ଗାନା ପାଇଁ ୨୩୧.୭୫ କୋଟି ଏବଂ ତ୍ରିପୁରା ପାଇଁ ୨୮୮.୯୩ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଶୀତଦିନେ ଖରାରେ ବରଷା
ବଦଳୁଛି ପାଣିପାଗ
ଚାଷୀକୁଳ ଏଠି ଆଖି ଲୁହ ଢାଳେ
ଫସଲରେ ଲାଗେ ଦାଗ
ପରିବର୍ତ୍ତନର ବାଗ
କାହାପାଇଁ ପୁଷ୍ଟ କାହାପାଇଁ ନାଶ
ସବୁ ଲାଗୁଛି ଅବାଗ...।

# ଦାୟିତ୍ୱ ଗ୍ରହଣ କଲେ ନୂଆ ମୁଖ୍ୟ ନିର୍ବାଚନ କମିଶନର



ନୂଆଦିଲ୍ଲୀ,୧୯।୨: ଭାରତର ନୂଆ ମୁଖ୍ୟ ନିର୍ବାଚନ କମିଶନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଜ୍ଞାନେଶ କୁମାର। ସେ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଥିବା ରାଜୀବ କୁମାରଙ୍କ ସ୍ଥାନ ନେଇଛନ୍ତି। ଜ୍ଞାନେଶ ଦେଶର ୨୬ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ତୁଲାଇବେ। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିଲା। ତାଙ୍କ ସ୍ଥାନରେ ଜ୍ଞାନେଶ କୁମାରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେ ୨୦୨୯ ଜାନୁଆରୀ ୨୯ ଯାଏ ଏହି ପଦବୀରେ ରହିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ • ପୃଷ୍ଠା ୫ ଦେଖନ୍ତୁ

## ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା

# ୩ଲକ୍ଷରୁ ଅଧିକ ମୃତବ୍ୟକ୍ତି ନେଉଥିଲେ ଚାଉଳ



ଭୁବନେଶ୍ୱର,୧୯।୨(ଭାସ୍କର ନ୍ୟୁଜ): ଓଡ଼ିଶାରେ ୩ ଲକ୍ଷରୁ ଅଧିକ ମୃତବ୍ୟକ୍ତିଙ୍କ ନାମରେ ରାସନ କାର୍ଡ ରହିଥିଲା। ସେମାନଙ୍କ ନାମରେ ନିୟମିତ ଚାଉଳ ମଧ୍ୟ ଉଠା ଯାଉଥିଲା। ଏବେ ଜାରି ରହିଥିବା ଇ-କେୱାଇସି ଅପଡେଟ୍ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ଏ ନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିଧାନସଭାରେ ବୁଧବାର ବିଜେଡି ବିଧାୟକ ଗଣେଶ୍ୱର ବେହେରା ରାଜ୍ୟରେ ଭୂତ ରାସନକାର୍ଡ ହିତାଧିକାରୀଙ୍କ ବାବଦରେ ପଚାରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ ରାଜ୍ୟରେ ୩ଲକ୍ଷ ୨୮ହଜାର ୯୩୨ଜଣ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଯାଉଥିଲା। ସେଥିମଧ୍ୟରୁ କେନ୍ଦୁଝରରେ ସର୍ବାଧିକ ୩୫ ହଜାର ୫୫୦ଜଣ ରହିଥିବାବେଳେ ଗଞ୍ଜାମରେ ୨୫ହଜାର ୭୮୯, ମୟୂରଭଞ୍ଜରେ ୨୩ହଜାର ୭୯୯ ଏବଂ ରାୟଗଡ଼ାରେ ୨୨ହଜାର ୪୧୧ଜଣ ଚାଉଳ ଉଠାଉଥିଲେ। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨ କୋଟି ୯୯ ଲକ୍ଷ ୫୦ହଜାର ୮୨୦ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି। ଆହୁରି ୩୫ଲକ୍ଷରୁ ଅଧିକ ଲୋକଙ୍କ ଇ-କେୱାଇସି ବାକି ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ସେମାନେ ଇ-କେୱାଇସି ନ କଲେ ସେମାନଙ୍କ ରାସନକାର୍ଡ କଟିଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ନୂତନ ସରକାର ଆସିବା ପରେ ହିତାଧିକାରୀଙ୍କୁ ଦିଆଯାଉଥିବା ରାସନ ସାମଗ୍ରୀର ହେଉଥିବା ହେରଫେରର ତଦନ୍ତ ଆରମ୍ଭ ହୋଇଥିଲା। ଇ-କେୱାଇସି ଅପଡେଟ୍ କରିବା ପରେ ଜାଲ୍ ହିତାଧିକାରୀଙ୍କ ସଂଖ୍ୟା ଜଣାପଡ଼ିବା ସହ ସେମାନଙ୍କ କାର୍ଡ ରଦ୍ଦ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

## ବିଧାନସଭାରେ କୃଷିମନ୍ତ୍ରୀଙ୍କ ଉତ୍ତର

# ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୪୯ ଲକ୍ଷ

ଭୁବନେଶ୍ୱର,୧୯।୨(ଭାସ୍କର ନ୍ୟୁଜ): ରାଜ୍ୟରେ କେତେ ସଂଖ୍ୟକ ଚାଷୀ ଅଛନ୍ତି? କେତେ ଭାଗଚାଷୀ ଓ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ରହିଛନ୍ତି? ଏ ନେଇ ବୁଧବାର ବିଧାନସଭାରେ ଉତ୍ତର ରଖିଛନ୍ତି ରାଜ୍ୟ କୃଷି ଓ ଶକ୍ତି ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୪୮ଲକ୍ଷ ୬୫ହଜାର ୮୫୦ ରହିଥିବାବେଳେ ଭାଗଚାଷୀଙ୍କ ସଂଖ୍ୟା ହେଉଛି ୯ଲକ୍ଷ ୫ହଜାର ୧୮୪। ସେହିପରି କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୮ଲକ୍ଷ ୮୭ ହଜାର ୨୭୨ ହୋଇଥିବାବେଳେ ନାମମାତ୍ର ଚାଷୀଙ୍କ ସଂଖ୍ୟା ୩୬ଲକ୍ଷ ୩୬ ହଜାର ୬୫୮ ବୋଲି ଶ୍ରୀ ସିଂହଦେଓ କହିଥିଲେ। ଅନ୍ୟପକ୍ଷରେ ସେ କହିଥିଲେ ଯେ ରାଜ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ୨୦୨୪ ଅକ୍ଟୋବର ସୁଦ୍ଧା ୩୧ଲକ୍ଷ ୫୧ହଜାର ୭୦୦ ଚାଷୀ ଉପକୃତ ହୋଇଥିବାବେଳେ ସିଏମ୍ କିଷାନ ଯୋଜନା ମାଧ୍ୟମରେ ୪୫ହଜାର ୫୭ହଜାର ୫୩୩ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଥିବାବେଳେ ୩୯ହଜାର ୩୦୩ଜଣ ଭୂମିହୀନ କୃଷକ ଉପକୃତ ହୋଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧୫ଲକ୍ଷ ୧୭ହଜାର ଚାଷୀ ଖରିଫରେ ଏବଂ ୧.୮୩ଲକ୍ଷ ଚାଷୀ ରବି ଋତୁରେ ପଞ୍ଜିକରଣ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୪ ନିର୍ବାଚନୀ ସଭାରେ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କା ନେଇ ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୨୩୦୦ ଟଙ୍କା ଧାନ କ୍ୱିଣ୍ଟାଲ ପିଛା ପ୍ରଦାନ କରାଯାଉଥିବାବେଳେ ଘୋଷଣା ଅନୁଯାୟୀ ଚାଷୀଙ୍କୁ ଇନପୁଟ୍ ସହାୟତା ବାବଦରେ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ପ୍ରଦାନ କରାଯାଉଛି। ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଉଛି ବୋଲି ଶ୍ରୀ ସିଂହଦେଓ ସୂଚନା ଦେଇଥିଲେ।



ବୋଲଗଡ (ଭାସ୍କରନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ଆନୁକୂଲ୍ୟରେ ଓ ପରୀକ୍ଷା ସଂଯୋଜକ ସାନନ୍ଦ କୁମାର ସାହୁଙ୍କ ଆବାହକତ୍ୱରରେ ବୋଲଗଡ ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ସାନପଦର ସ୍ଥିତ ସାରସ୍ୱତ ସରସ୍ୱତୀ ବିଦ୍ୟାମନ୍ଦିରରେ ୭୪ଜଣ ଛାତ୍ରଛାତ୍ରୀ, ଦେଉଳି ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରୀକ୍ଷା କେନ୍ଦ୍ରରେ ୭୫ଜଣ ଛାତ୍ର ଛାତ୍ରୀ ସମ୍ପାଦକ ବିନୟ କୁମାର ସାହୁ ଓ ଶିକ୍ଷକ ଅଶୋକ କୁମାର ସେଠୀ ପ୍ରଧାନ ଓ ଆଚାର୍ଯ୍ୟା ବାସନ୍ତୀ ବାଳା ମହାପାତ୍ର ପ୍ରମୁଖଙ୍କ ମିଳିତ ତତ୍ତ୍ୱାବଧାନରେ ମେଧା ବୃତ୍ତି ପରୀକ୍ଷା ଦେଇଥିଲେ । ବାଂକୋଇ ସ୍ଥିତ ବୀଣାପାଣି ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ୬୦ଜଣ ଛାତ୍ରଛାତ୍ରୀ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାତ୍ର, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ମହାପାତ୍ର ଜ୍ୟୋତ୍ରୀମାୟୀ ପ୍ରିୟଦର୍ଶିନୀ, ରଶ୍ମିତା ରାଣୀ ପରିଡ଼ା ପ୍ରମୁଖଙ୍କ ମିଳିତ ତତ୍ତ୍ୱାବଧାନରେ ମେଧା ବୃତ୍ତି ପରୀକ୍ଷା ଦେଇଥିଲେ । ପ୍ରତିବର୍ଷ ବ୍ଲକସ୍ତରୀୟ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ପ୍ରମାଣ ପତ୍ର ଓ ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯିବ ବୋଲି ମେଧାବୃତ୍ତି ପରୀକ୍ଷା ସଂଯୋଜକ ସାନନ୍ଦ କୁମାର ସାହୁ ଘୋଷଣା କରିଅଛନ୍ତି । ଏହି ବ୍ଲକ ସ୍ତରୀୟ ମେଧା ପରୀକ୍ଷା ଛାତ୍ରଛାତ୍ରୀମାନଙ୍କର ଜ୍ଞାନର ମାପକାଠି ହୋଇଥାଏ । ତେଣୁ ପ୍ରତିବର୍ଷ ଘରୋଇ ଓ ସରକାରୀ ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀମାନେ ଏହି ମେଧା ବୃତ୍ତି ପରୀକ୍ଷା ଦେବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।



# ଜବରଦଖଲ ଓ ବୁଲା ଗାଈଗୋରୁ ବଢ଼ାଉଛି ଟ୍ରାଫିକ ସମସ୍ୟା

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍): ଓଡିଶାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପୌରପାଳିକା ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରପାଳିକା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓ ପଟ୍ଟାମୁଣ୍ଡାଇ ପୌରପାଳିକାର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଓ ଜନସଂଖ୍ୟା ଓ ଯାନବାହାନ ଚଳାଚଳ ବୃଦ୍ଧି ଯୋଗୁଁ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡିଛି ଓ ଟ୍ରାଫିକ ସମସ୍ୟା ଗୁରୁତର ହୋଇଥିବାରୁ ଯାନବାହାନ ଦୂରେ ଥାଉ ସାଧାରଣ ଭାବେ ଚାଲି କରି ଯିବା କଷ୍ଟକର ହୋଇପଡିଛି । ବିଜୁପଟ୍ଟନାୟକ ବାଇପାସ ଛକରେ ତିନି ପଟକୁ ରାସ୍ତା ଯାଇଥିବା ଓ ଅସ୍ଥାୟୀ ବସ ଷ୍ଟାଣ୍ଡ ହୋଇଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି । ସେହିପରି ମେଡିକାଲ ଛକ, କଲେଜ ରୋଡ଼ ଓ ସହର ମୁଖ୍ୟ ରାସ୍ତାରେ ମଧ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି । ଏତଦଭିନ୍ନ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ଦୋକାନୀମାନେ ଜବର ଦଖଲ କରି ଦୋକାନ କରିବା,



ବିଭିନ୍ନ ଦୋକାନ ସାମଗ୍ରୀ ରଖିବା ସର୍ବୋପରି ଦୋକାନ ସାଇନବୋର୍ଡ ଲଗାଇବା ଟ୍ରାଫିକ ସମସ୍ୟାକୁ ଗୁରୁତର କରିଛି । ବୋଝ ଉପରେ ନଳିତା ବିଡା ସଦୃଶ ବୁଲା ଗାଈ, ଷଣ୍ଢ, ଛେଳି, ମେଣ୍ଢା ଆଦି ଗୃହ ପାଳିତ ପଶୁମାନେ ଦିନ ରାତି ସବୁବେଳେ ପଲ ପଲ ହୋଇ ସହରର ବିଭିନ୍ନ ସ୍ଥାନରେ ମୁଖ୍ୟରାସ୍ତାକୁ ଅବରୋଧ କରି ଶୋଇ ରହି ଟ୍ରାଫିକ ସମସ୍ୟାକୁ ଗୁରୁତର କରିବାରେ ଲାଗି ପଡିଛନ୍ତି ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଗୁରୁତର ଟ୍ରାଫିକ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଜିଲ୍ଲା ପ୍ରଶାସନ ସଜାଗ ହୋଇପଡିଛି । ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ଜବରଦଖଲ କରି ଦୋକାନ କରିଥିବାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ଆଗାମୀ ଦିନରେ ବୁଲା ଗାଈ ଗୋରୁ ହଟାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏ କାର୍ଯ୍ୟକ୍ରମକୁ ଜୋରଦାର କରାଯିବ ବୋଲି ସୂଚନା ଦେଇଥିଲେ । ପଟ୍ଟାମୁଣ୍ଡାଇ ପୌରପାଳିକା ତରଫରୁ ଉଠା ଦୋକାନୀଙ୍କୁ ଭେଣ୍ଡର ଜୋନରୁ ଘର ମିଳିଥିବା ସତ୍ତ୍ୱେ ଦୋକାନକୁ ବନ୍ଦ କରି ରାସ୍ତା କଡ଼ରେ ଦୋକାନ ପକାଇ ବେପାର କରି ପଟ୍ଟାମୁଣ୍ଡାଇ ମେନ୍ ରୋଡ କୁ ଜାମ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଯାଉଛି । ପୌରପାଳିକା କର୍ମଚାରି ଚୁପ୍ ବସି ଟ୍ରାଫିକ ସମସ୍ୟା ର ମଜା ଦେଖୁଛି । ପଟ୍ଟାମୁଣ୍ଡାଇ ଟ୍ରାଫିକ ସମସ୍ୟା ପାଇଁ ମୁଖ୍ୟତଃ ପଟ୍ଟାମୁଣ୍ଡାଇ ପୌରପାଳିକା ହିଁ ଦାୟୀ । ଯେଉଁସବୁ ଦୋକାନୀଙ୍କୁ ଦୋକାନ ଘର ଦିଆ ଯାଇଛି ସେମାନେ ଦୋକାନ ଘର କୁ ଭଡା ଦେଇ ନିଜେ ରାସ୍ତା ଉପରେ ଉଠା ଦୋକାନ କରିବା ଦ୍ୱାରା ପଟ୍ଟାମୁଣ୍ଡାଇ ପୌରପାଳିକା ରେ ଟ୍ରାଫିକ ସମସ୍ୟା ବଢ଼ି ବାରେ ଲାଗିଛି । ଏଥି ପାଇଁ ମୁଖ୍ୟତଃ ପଟ୍ଟାମୁଣ୍ଡାଇ ପୌରପାଳିକା ହିଁ ଦାୟୀ । ଆଉ କିଛି ପୌରପାଳିକା କର୍ମଚାରୀ ବେପାରୀମାନଙ୍କୁ ରାସ୍ତା ଉପରେ ଦୋକାନ ପକାଇବାକୁ ଅନୁମତି ଦେଇ ସଂଧ୍ୟା ବେଳେ ପ୍ରତି ଦୋକାନ ପିଛା ପଚାଶ ଟଙ୍କା ଆଦାୟ କରି ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଦେଉଛନ୍ତି । ଯଦି ଆଗାମୀ ଦିନରେ ଟ୍ରାଫିକ ସମସ୍ୟା ନ ହଟେ ପଟ୍ଟାମୁଣ୍ଡାଇ ରେ ଏକ ଜନ ଆନ୍ଦୋଳନ ଦେଖାଦେବ ।

## ଏସ୍‌ଟି/ଏସ୍‌ସି ବିଭାଗ ବିଦ୍ୟାଳୟରେ ଲାଗିଲା ବାୟୋମେଟ୍ରିକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍):ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥିନ ବ୍ୟବସ୍ଥା ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସରକାର ରାଜ୍ୟର ଏସ୍‌ଟିଏସ୍‌ସି ବିଭାଗ ଅଧିନସ୍ଥ ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି । ଏହି ବିଭାଗ ଅଧିନସ୍ଥ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାଠ ପଢା ଏବଂ ଛାତ୍ରାବାସର ସୁପରିଚାଳନା ନିମିତ୍ତ ସମସ୍ତ ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀମାନଙ୍କ ଉପସ୍ଥିନକୁ ତଦାରଖ ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଛି । ଏ ନେଇ ଏସ୍‌ଟିଏସ୍‌ସି ବିଭାଗର ଚିଠି ସଂଖ୍ୟା ୨୬୬୨୩ ତା ୧୮/୧୨/୨୦୨୪ ଅନୁସାରେ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା । ଏହି ଚିଠି ହେବାର ୨ ମାସ ମଧ୍ୟରେ ସମସ୍ତ ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ କରିବା ପାଇଁ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ନିର୍ଦ୍ଦେଶନାମା ଜାରୀ କରିଥିଲେ । ସରକାରଙ୍କ ନିର୍ଦ୍ଦେଶପରେ କେନ୍ଦୁଝର ଜିଲ୍ଲାର ୩୧ ଟି ଉଚ୍ଚ ବିଦ୍ୟାଳୟ ଏବଂ ୪ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ ହୋଇଛି ।

# ଦୋଳମେଳଣ ପାଇଁ ପ୍ରସ୍ତୁତି ବୈଠକ



କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅଧିନସ୍ଥ ସାଡେଙ୍ଗା ଗ୍ରାମରେ ଥିବା ଲବକୁଶ ଆଶ୍ରମରେ ଆସନ୍ତା ଦୋଳମେଳଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୋଳମେଳଣର ସ୍ଥାୟୀ କମିଟି ଅଧକ୍ଷ ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା ଅଧକ୍ଷତା କରିଥିଲେ । ଦୋଳମେଳଣ କମିଟିର ସ୍ଥାୟୀ ଉପଦେଷ୍ଟା ତଥା କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ସଭାପତି ଗୁରୁଚରଣ ବିଶ୍ୱାଳ, ଆଦିତ୍ୟ ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସଭାନେତ୍ରୀ ରଞ୍ଜନା ସ୍ୱାଇଁ, ସମ୍ପାଦିକା ଉର୍ମିଳା ସ୍ୱାଇଁ, ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି, ସହ ସମ୍ପାଦିକା ମମତା ପାତ୍ର, କାର୍ଯ୍ୟକର୍ତ୍ତା ସଭ୍ୟା ଶୈଳବାଳା ସ୍ୱାଇଁ, ବିମଳା ସ୍ୱାଇଁ ଓ ସାଡେଙ୍ଗା ଗ୍ରାମର ସମସ୍ତ ଏସଏସଜି ଗ୍ରୁପର ସଦସ୍ୟା ଏବଂ ଆଶ୍ରମର ସମସ୍ତ ସଭ୍ୟ ସଭ୍ୟା ଯୋଗଦେଇ ଆସନ୍ତା ମାର୍ଚ୍ଚ ୧୭ ତାରିଖ ସୋମବାର ଦିନ ଦୋଳମେଳଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ମେଳଣ ଉତ୍ସବକୁ ଚଳିତ ବର୍ଷ ଖୁବ ଧୂମଧାମରେ ପାଳନ କରିବାକୁ ନିମନ୍ତ୍ରିତ ଅତିଥି ମାନେ ପରାମର୍ଶ ଦେଇଥିଲେ । ଦୋଳମେଳଣ ପାଇଁ ୧୫ ଗୋଟି କମିଟି ଗଠନ କରାଯାଇ ଶୃଙ୍ଖଳିତ ଭାବେ ଆୟୋଜନ କରାଯିବା ସହିତ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ସର୍ବଶେଷରେ ଶ୍ରୀ ମହାନ୍ତି ଧନ୍ୟବାଦ ଦିଆଯାଇ ସଭା ସାଙ୍ଗ କରାଯାଇଥିଲା ।

## ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ଆଇଡିଆଲ ପବ୍ଲିକ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଅଭିଜିତ ବୋଷ ଯୋଗଦେଇ ଶିକ୍ଷାର୍ଥୀ ମାନଙ୍କ ଉତ୍ତମ ଚରିତ୍ର ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ରୂପେ କେନ୍ଦ୍ରାପଡ଼ା ସ୍ୱଂୟଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା ଯୋଗଦେଇ ଶିକ୍ଷାର୍ଥୀମାନେ କିପରି ଭବିଷ୍ୟତରେ ଭଲ ମଣିଷ ହେବେ ସେ ବିଷୟରେ ଆଲୋକପାତ କରିଥିଲେ । ଏଥିରେ




ବିଦ୍ୟାଳୟର ସଭାପତି ସରୋଜରାଜ ସିଂହ, ସମ୍ପାଦକ ଅଧିକାରୀ ପ୍ରଭାତ କୁମାର ଦାସ ଓ ଅଧକ୍ଷ ବାବାଜୀ ଚରଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଉତ୍ସବ ପରିଚାଳନାରେ ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା, ଉପାଧକ୍ଷ ବଦ୍ରି ନାରାୟଣ ସିଂହ, ସହକାରୀ ଶିକ୍ଷକ ରଞ୍ଜନ କୁମାର ପତି, ଶୁଭେନ୍ଦୁ କୁମାର କର, ସ୍ମିତାରାଣୀ ଲେଙ୍କା, ହିମାଂଶୁ କୁମାର ଦାସ, ସୁଶାନ୍ତ କୁମାର ପତି, ରଚନା ନାୟକ, ସସ୍ମିତା ଖଟୁଆ, ସାହିସ୍ତା ପରୱିନ, ମିତା ମହାନ୍ତି, ନର୍ଗିସ ଫିରଦୋସ, ସହିଦା ବେଗମ ପ୍ରମୁଖ ସହଯୋଗ କରିଥିଲେ । ସହକାରୀ ଶିକ୍ଷକ କିଶୋର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନାଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା ।

# ଦୁଇ କୃଷ୍ଣସାର ମୃଗଙ୍କ ମୃତ୍ୟୁକୁ ୧୨ ଦିନ ବିତିଲା କାରଣ ଖୋଜିପାଉନି ବନବିଭାଗ

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଉତ୍ତର ଘୁମୁସର ବନଖଣ୍ଡର ଜଗନ୍ନାଥପ୍ରସାଦ ବନାଞ୍ଚଳର ସରନୂଆଁପଲ୍ଲୀ ଠାରେ କରାଯାଇଥିବା ଅସ୍ଥାୟୀ କୃଷ୍ଣସାର ମୃଗ ଉଦ୍ଧାର କେନ୍ଦ୍ର ରେ ଉଦ୍ଧାର ନିରିହ ୨ଟି କୃଷ୍ଣସାର ଛୁଆର ମୃତ୍ୟୁ ଘଟିବାର ୧୨ଦିନ ବିତିଯାଇଥିଲେ ମଧ ବନ ବିଭାଗ ବାଟବଣା ହୋଇ ପଡିଥିବା ପରିବେଶବିତ୍‌ଙ୍କ ମନରେ ଅସନ୍ତୋଷ ଦେଖାଦେଇଥିବା ଗଣମାଧମକୁ କହିଛନ୍ତି । ଖବର ନେବାରେ ବେଲଗୁଣ୍ଠା ସେକସନରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ଉଦ୍ଧାର କରି ଅନ୍ୟ ବନଖଣ୍ଡ ନତୁବା ବାଲୁଖଣ୍ଡ ବନଖଣ୍ଡକୁ ପଠାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ଉଦ୍ଧାର କେନ୍ଦ୍ର କରାଯାଇଛି । କିନ୍ତୁ ମୃତ୍ୟୁବରଣ କରିବାର ଚାରିଦିନ ପୂର୍ବରୁ ୨ଟି ଛୁଆ ଉଦ୍ଧାର କେନ୍ଦ୍ରକୁ ପ୍ରବେଶ କରିଥିଲେ । ବନବିଭାଗ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ତୁରନ୍ତ ସେମାନଙ୍କର ସୁରକ୍ଷା ଦେବା ନିହାତି ଆବଶ୍ୟକ ଥିବାବେଳେ କିନ୍ତୁ ତାହା କରାନଯିବାରୁ ଅକାଳରେ ନିରିହ ଛୁଆ ଦୁଇଟିର ଜୀବନ ଚାଲିଗଲା ବୋଲି ସ୍ଥାନୀୟ ପରିବେଶବିତ୍ କହିଛନ୍ତି । ଏହା ବିଭାଗୀୟ କର୍ମଚାରୀ ଙ୍କ ଅବହେଳା ନା ଅନ୍ୟ କେଉଁ କାରଣ ତାହା ଉପରେ ତଦନ୍ତ କରିବା ଜରୁରୀ ଆବଶ୍ୟକ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଥିଲା । ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ ନିର୍ଦ୍ଦେଶ ପ୍ରକାରେ, ଉତ୍ତର ଘୁମୁସର ବନଖଣ୍ଡର ଜଗନ୍ନାଥ ପ୍ରସାଦ ବନାଞ୍ଚଳରୁ ୮ ଟି କୃଷ୍ଣସାର ମୃଗ ନେବା ପାଇଁ ନିର୍ଦ୍ଦେଶ ରହିଛି । ସେହି ଅନୁସାରେ ବନ ବିଭାଗ ପକ୍ଷରୁ ସରନୂଆଁପଲ୍ଲୀ ଠାରେ ଉଦ୍ଧାର କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ବିଶେଷ କରି କୋଣାର୍କ-ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ରେ କୃଷ୍ଣସାର ମୃଗଙ୍କ ବଂଶବୃଦ୍ଧି ଏବଂ ପୁନଃସ୍ଥାପନ ପାଇଁ ବିଭାଗ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିବା ଜଣାପଡିଛି । ହେଲେ ନିରୀହ କୃଷ୍ଣସାର ଛୁଆର ମୃତ୍ୟୁକୁ ନେଇ ବନ ବିଭାଗର ଅଧିକାରୀମାନେ କେବେ ମୃତ୍ୟୁର କାରଣ ପାଇବେ ନା ଏହା ଭିତରେ ଭିତରେ କାରଣ ରହିଯିବ ତାହା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

## ଭତ୍ତା ଦୁର୍ନୀତି

# ତଥ୍ୟ ଦେବାକୁ ଅଧିକାରୀ ନାରାଜ୍ ; ତଦନ୍ତ ଦାବି କଲା ଦୁର୍ନୀତି ନିବାରଣ ମଞ୍ଚ ଓ ସୁରକ୍ଷା ମଞ୍ଚ

ଗୋପ (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଭତ୍ତାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଯାହାକୁ ଏବେ ମିଳିମିଶି ଚାପିଦେବାକୁ ବ୍ଲକ ପ୍ରଶାସନ ଜୋରସୋର ଉଦ୍ୟମ ଚଳାଇଛି । ଗୋପ ବ୍ଲକ ଦେସ୍ଥଳୀ ପଂଚାୟତରେ ସୁଭଦ୍ରା ଯୋଜନା ଓ ବଡା ଦୁର୍ନିତି ଲୋକଲୋଚନକୁ ଆସିବା ପରେ ଖୋଳତାଡ ଆରମ୍ଭ ହୋଇଛି । ଦୁଇ ଜଣ ହିତାଧିକାରୀ ସୁଭଦ୍ରା ଅର୍ଥ ଫେରାଇଛନ୍ତି । ମାତ୍ର ଉକ୍ତ ପଂଚାୟତରେ ଏବେ ବି ଏକାଧିକ ଭତ୍ତା ହାତେଇଥିବା ହିତାଧିକାରୀ ସୁଭଦ୍ରା ଯୋଜନା ହାତେଇଥିବା ନେଇ ସମ୍ପୃକ୍ତ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମାତ୍ର ଗୋପ ବ୍ଲକ ପ୍ରଶାସନ ଏହି ଭତ୍ତା ଦୁର୍ନୀତିକୁ ନେଇ ତତ୍ପରତା ଦେଖାଇଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଏହାକୁ ଚାପିଦେବାକୁ ଉଦ୍ୟମ କରିଛନ୍ତି । ଗୋପ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ଜେନା ଙ୍କୁ ଏବେ ଦେସ୍ଥଳୀ ପଂଚାୟତର ଭତ୍ତା ସମ୍ପର୍କିତ ତଥ୍ୟ ମାଗିବାରେ ସେ ଦେବା ଅସମ୍ଭବ ବୋଲି କହିବା ସହିତ ବିଡିଓ କହିଲେ ମୁଁ ଦେବି ବୋଲି କହୁଛନ୍ତି । ଯେଉଁ ଦୁଇଟି ସୁଭଦ୍ରା ଯୋଜନା ହିତାଧିକାରୀ ଭତ୍ତା ହାତେଇଥିଲେ ସେମାନେ ଏହି ଅଧିକାରୀଣୀଙ୍କ ସମୟରେ ଭତ୍ତା ପାଇଛନ୍ତି । ଉକ୍ତ ହିତାଧିକାରୀ ମାନଙ୍କର ଦେଇଥିବା ଆଧାର କାର୍ଡର କପିରେ ଜନ୍ମ ତାରିଖ ଅସ୍ପଷ୍ଟ ଥିବା ବେଳେ କିପରି ଭାବେ ଅଧିକାରିଣୀ ଜଣକ ତାଙ୍କୁ ଭତ୍ତା ପ୍ରଦାନ କଲେ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋପ ବ୍ଲକରେ ଏବେ ଭତ୍ତା ଦୁର୍ନୀତିକୁ ନେଇ ଏକ ରାକେଟ୍ ଚାଲିଥିବା ବେଳେ ସମସ୍ତ ପଂଚାୟତ ର କେତେକ ଦଲାଲଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଛନ୍ତି ବୋଲି ଗୋପ ବ୍ଲକ ଦୁର୍ନୀତି ନିବାରଣ ମଂଚର ଆବାହକ ଗଙ୍ଗାଧର ପାଇକରାୟ ଅଭିଯୋଗ କରିଛନ୍ତି । ଗୋପ ବିଡିଓ ଛବିରାଣୀ ସାହୁ କହିଛନ୍ତିଯେ ଆମେ ଉକ୍ତ ପଂଚାୟତର ସମସ୍ତ ଭତ୍ତା ହିତାଧିକାରୀ ମାନଙ୍କର ସହିତ ସୁଭଦ୍ରା ଯୋଜନା ହାତେଇଥିବା ହିତାଧିକାରୀ ମାନଙ୍କର ସମସ୍ତ ତଥ୍ୟକୁ ଯାଂଚ କରିବା ନିମନ୍ତେ ସାମାଜିକ ସୁରକ୍ଷା ବିଭାଗ ସହିତ ସିଡିପିଓକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଏଥିରେ କୌଣସି ହିତାଧିକାରୀ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ଭତ୍ତା ହାତେଇଥିବେ ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀ ସାମିଲ ଥିବେ ତେବେ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାତ୍ର ଏ ନେଇ ଦେସ୍ଥଳୀ ପଂଚାୟତର ଉମେଶ ଦାସ କହିଛନ୍ତି ଯେ ଯେଉଁ ଅଧିକାରୀଙ୍କ ସମୟରେ ଏପରି ଦୁର୍ନୀତି ହୋଇଛି ସେହି ଅଧିକାରୀ କିପରି ଭାବେ ଭତ୍ତା ଦୁର୍ନୀତି ର ତଦନ୍ତ କରିବେ । ତୁରନ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉକ୍ତ ତଦନ୍ତ ଦାୟିତ୍ୱରୁ ହଟାଇ ନୂତନ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ଯଦ୍ଦ୍ୱାରା ଏହାର ସଠିକ୍ ତଥ୍ୟ ଲୋକଲୋଚନକୁ ଆସିପାରିବ ଏହା ଉପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି । ଯଦି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ଆଗାମୀ ଦିନରେ ଦୁର୍ନିତି ନିବାରଣ ମଂଚ ଏବଂ ଗୋପ ସୁରକ୍ଷା ମଂଚ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ ଘେରାଉ କରିବ ବୋଲି ମଂଚର ଆବାହାକ ଗଙ୍ଗାଧର ପାଇକରାୟ ଏବଂ ସଚ୍ଚିଦାନନ୍ଦ ଗୋଛାୟତ ଚେତାବନି ଦେଇଛନ୍ତି ।

# ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ସହିତ ବୈଠକ

ନୂଆପଡା, (ଭାସ୍କର ନ୍ୟୁଜ୍): ନୂଆପଡା ଆଦିବାସୀ କଲ୍ୟାଣ ସଂଘ ସେମାନଙ୍କ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ନେଇ ଏକ ବୈଠକରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ମିଳିତ ହେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ବିଗତ ମିଟିଂ ରେ ଉପସ୍ଥାପିତ ବିଭିନ୍ନ ସମସ୍ୟାର କଣ ସମାଧାନ ହୋଇଛି ଗୃହକୁ ଜଣାଇଥିଲେ । ଏହାପରେ ଆଗତ ବିଭିନ୍ନ ବିନ୍ଦୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବିଭିନ୍ନ ଆଦିବାସୀ ନେତା ସେମାନଙ୍କ ସମସ୍ୟା ଉତ୍ଥାପନ କରିଥିଲେ । ସେମାନଙ୍କ ବିଭିନ୍ନ ସମସ୍ୟା ଧୈର୍ଯ୍ୟର ସହିତ ଶୁଣି ଜିଲ୍ଲାପାଳ କହିଲେ, ଆଦିବାସୀ ବିଦ୍ୟାଳୟ ମାନଙ୍କରେ ପ୍ରଶିକ୍ଷିତ ଶିକ୍ଷକ ନିଯୁକ୍ତ ସହିତ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରାଯିବ । ଅନ୍ୱେଷା ଛାତ୍ରାବାସ ମାନଙ୍କରେ ସଠିକ୍ ଖାଦ୍ୟ ପେୟ ବ୍ୟବସ୍ଥା ସହିତ ସମସ୍ତ ସୁବିଧା ଯୋଗାଇ



ଦିଆଯିବ । ସେମାନଙ୍କୁ ସେଠାରୁ ସ୍କୁଲ୍ ପର୍ଯ୍ୟନ୍ତ ଯିବା ଆସିବା ପାଇଁ ହେଉଥିବା ଅସୁବିଧା ଦୂର କରାଯିବ । ଆଦିବାସୀମାନଙ୍କୁ ସେମାନେ ରହୁଥିବା ଜାଗାରେ ସୁବିଧାରେ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯିବ । ଜିଲ୍ଲାପାଳ କହିଲେଯେ ନୂଆପଡ଼ା ଜିଲ୍ଲାରେ ନିକଟ ଅତୀତରେ ୧୦୦୦ ଏକର ଜମିର ପଟ୍ଟା ଆଦିବାସୀ ମାନଙ୍କୁ ଯୋଗାଇ ଦିଆଯାଇଛି । ନ୍ୟାସନାଲ କଲେଜ, ସାଇନ୍ସ କଲେଜ୍, ନୂଆପଡ଼ା ଏବଂ ମଡେଲ ଡିଗ୍ରୀ କଲେଜ ଖରିଆର ରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ହଷ୍ଟେଲ ନିର୍ମାଣ କରାଯିବ । ମିଥ୍ୟା ଆଦିବାସୀ ପ୍ରମାଣପତ୍ର ପ୍ରଦାନ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରୁ ଦାଦନ ଶ୍ରମିକ ଚାଲାଣ ରୋକିବା ଉପରେ ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିବାରୁ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଆଜିର ବୈଠକର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟୀ କଲେକ୍ଟର ଶେଖ୍ ନସିମ, ଡ଼ଃ ସବ୍ୟସାଚୀ ସାହୁ, ଏପିଡି ଯୋଗେଶ୍ୱର ଭୋଇ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର ଏବଂ ବିଭିନ୍ନ ଆଦିବାସୀ ନେତାମାନଙ୍କ ମଧ୍ୟରୁ ହୋମ୍ ସିଂ ମାଝୀ, ଭାନୁ ପ୍ରତାପ ସିଂ, ବାଳକୃଷ୍ଣ ଶବର, ସରୋଜିନୀ ମାଝୀ, ବଟକୃଷ୍ଣ ପରିଡ଼ା, ଈଶ୍ୱର ନାଏକ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ୧୭ରେ ଚମ୍ପାଇଲୋ ମହାକୁମ୍ଭ ଓ ବିଶ୍ୱଶାନ୍ତି ମହାଯଜ୍ଞ

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ସ୍ୱାଧିନତା ସଂଗ୍ରାମୀ ଗ୍ରାମ ଚମ୍ପାଇଲୋ ଗ୍ରାମରେ ସପ୍ତମ ବାର୍ଷିକ ଗ୍ରାମଦେବତୀ ମା' ବଘେଇଦେବୀଙ୍କ ବାର୍ଷିକ ଉତ୍ସବ ଚଳିତ ମାସ ୧୬ ତାରିଖରୁ ୧୯ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି । ଏଥିସହ ଭାରତର ପ୍ରୟାଗରାଜ ମହାକୁମ୍ଭ ୨୦୨୫ ଚାଲିଛି । ମହାକୁମ୍ଭ ବିଶେଷ ଭାବରେ ବିରଳ, ଯାହା ପ୍ରତି ୧୪୪ବର୍ଷରେ ଥରେ ଘଟିଥାଏ । ଏହି ଦିନ ପ୍ରାର୍ଥନା ଏବଂ ରୀତିନୀତି ପାଇଁ ଏକ ଅସାଧାରଣ ଶୁଭ ବୋଲି ବିଶ୍ୱାସ କରାଯାଏ । ତୀର୍ଥଯାତ୍ରୀମାନେ ଶୁଦ୍ଧିକରଣ ଏବଂ ମୋକ୍ଷ (ମୁକ୍ତି) ପାଇଁ ନଦୀରେ ପବିତ୍ର ବୁଡ଼ ପକାଇଛନ୍ତି । ଓଡ଼ିଶାର ଗାଁଗହଳିରୁ ଲୋକେ ଏହି ଯାତ୍ରାକୁ ଅଧିକ ଆସୁଥିବାରୁ ଉତ୍ତରପ୍ରଦେଶ ଟ୍ରାଫିକ ଜାମ ନେଇ ସେଠାକାର ସରକାର ଭକ୍ତମାନଙ୍କୁ ଏଠାକୁ ନଆସି ଘରେ ରହି ନିଜ ଗ୍ରାମରେ ରହି ପାଳନ ପାଇଁ ନିବେଦନ କରିଛନ୍ତି । ମହାକୁମ୍ଭ ୨୬ ତାରିଖ ଶେଷଦିନ ରହୁଛି । ଏହାମଧ୍ୟରେ ଏହି ଗ୍ରାମରେ ୧୭ତାରିଖ ଯଜ୍ଞ ପାଇଁ କଳସୀଯାତ୍ରା ରହିଛି । ଏନେଇ ଅଞ୍ଚଳରୁ ଯାଇଥିବା ଉତ୍ତର ପ୍ରଦେଶରୁ ଶୁକ୍ରବାର ଶିକ୍ଷକ ବିଜୟ ସାହୁ ଓ ଶ୍ରୀକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏକ ଦଳ ଗଙ୍ଗା, ଯମୁନା , ସରସ୍ୱତୀ ତ୍ରିବେଣୀ ସଙ୍ଗମ ଜଳ ସହ ପ୍ରଭୁ ରାମ ସ୍ନାନ କରିବା ସ୍ଥାନ ସରଜୁ ନଦୀରୁ ଜଳକୁ ୩ଟି କଳସରେ ଯୋଗାଇ ଦେଇଛନ୍ତି । ଏନେଇ ଗ୍ରାମରେ ନାମ ସଂକୀର୍ତ୍ତନ ମାଧମରେ ଗ୍ରାମବାସୀଙ୍କ ମାନଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ରଣସିଂହ,ବାସୁଦେବ ବରାଡ, ଆନନ୍ଦ ସାମନ୍ତରାୟ, ଗୌତମ ଜେନା, କୃପାସିନ୍ଧୁ ଜେନା,ଲକ୍ଷ୍ମଣ ଦଳସିଂହାର, ଗଙ୍ଗାଧର ଜେନା,ନୀଳାଚଳ ସତସଂଘ ପକ୍ଷରୁ ବିନୋଦିନୀ ରଣସିଂହ, ଅଞ୍ଜଳି ଗୁମାସିଂହଙ୍କ ପ୍ରମୁଖ ଉପସ୍ଥିତ ରହି ଜଳକୁ ମନ୍ଦିର ମଧ୍ୟରେ ଗ୍ରହଣ କରିଛନ୍ତି । ୧୭ତାରିଖ ଦିନ ଗ୍ରାମର ସମସ୍ତ ପୁଷ୍କରିଣୀ ଓ ହଡା ନଈ ଘାଟରେ ପଣ୍ଡିତମାନଙ୍କ ଦ୍ୱାରା ମିଶ୍ରଣ କରାଯାଇ ସାମୂହିକ କୁମ୍ଭବୁଡ ପରେ କଳସ ଯାତ୍ରା ହେବ ବୋଲି କମିଟି ସୂଚନା ଦେଇଛନ୍ତି । ଯେଉଁ ମାନେ ପ୍ରୟାଗରାଜ ୨୬ତାରିଖ ମଧ୍ୟରେ ଯାଇ ପାରୁନାହାନ୍ତି ସେମାନେ ଆସି ଏଠାରେ ସାମିଲ ହେବାକୁ ଗ୍ରାମବାସୀ ମାନେ କହିଛନ୍ତି ।

## ବିକଶିତ ଭାରତ ଗଠନରେ ଯୁବଶକ୍ତିର ଭୂମିକା ନେଇ ଆଲୋଚନା

କୋଣାର୍କ (ଭାସ୍କର ନ୍ୟୁଜ୍): ଯୁବଶକ୍ତି ଭାରତର ବିକାଶ କ୍ଷେତ୍ରରେ ବଦ୍ଧ ପରିକର ହୋଇ କାର୍ଯ୍ୟ କରିବ । ଆଗାମୀ ୨୦୪୭ମସିହା ଭାରତ ସ୍ୱାଧୀନତାର ୧୦୦ବର୍ଷ ପରେ ବିକଶିତ ଭାରତ କରାଇବାରେ ଯୁବଶକ୍ତିର ଭୂମିକାକୁ ନେଇ ଆନ୍ତଃଜିଲ୍ଲା ଯୁବ ବିନିମୟ ନେହରୁ ଯୁବ କେନ୍ଦ୍ର, ପୁରୀ ତରଫରୁ କୋଣାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମିଶନ ଓଡିଶା ତଥା ସେଣ୍ଟଜୋନ ଆମ୍ବୁଲାନ୍ସ ର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଓ ଅବସର ପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ତାଲିମ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ରାଷ୍ଟ୍ରର ବିକାଶରେ ଯୁବଶକ୍ତି ର ଭୂମିକା ଓ ଉତ୍କର୍ଷ ଓଡିଶା ଓ ବିକଶିତ ଭାରତ ୨୦୪୭ରୋଡ ମ୍ୟାପରେ ଯୁବ ସମାଜ ସହ ବିରାଟ ଏକ ଆଲୋଚନା ଉପରେ ଆଲୋକ ପାତ କରାଯାଇଥିଲା । ବିକଶିତ ଭାରତ ପାଇଁ ଯୁବସମାଜ ଗ୍ରାମ ଓ ପଂଚାୟତ ସ୍ତରରେ କିଭଳି କାମ କରିବେ ଓ ତାଙ୍କର ସ୍ୱପ୍ନ କଣ ରହିଛି ଓ ତାହା କିପରି ବାସ୍ତବରେ ପରିଣତ ହେବ ସେ ସମ୍ପର୍କରେ ରିର୍ସୋସ ପର୍ସନ ମଧୁସୂଦନ ମିଶ୍ର ବାଟ ଦେଖାଇଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ ମହାନ୍ତି ସଂଗୀତ, ଗପ, ଗାନ୍ଧୀ, କାଲାମ, ବିବେକାନନ୍ଦ, ଭଗବାନ ଶଙ୍କର ଓ ନାଚିକେତା ଓ ଧରମା ର ଉଦାହରଣ ଦେଇ ମେଣ୍ଢା ଛୁଆ ନହୋଇ ସିଂହଛୁଆ ଭଳି ଦେଶପାଇଁ କାମ କରିବା ପାଇଁ ଅନୁପ୍ରାଣିତ କରିଥିଲେ । ଏହାସହ ସ୍ୱେଚ୍ଛାସେବୀ ହିସାବରେ କିଭଳି ବଦ୍ଧପରିକର ହୋଇ କାମ କରିବେ ସେ ସମ୍ପର୍କରେ ମଧୁସୂଦନ ମିଶ୍ର କିଭଳି ପୁରୀ ରୁ ଲଦାଖ ବାଇକରେ ଯାଇ ଅନେକ ବାଧା, ପ୍ରତିବନ୍ଧକ ସତ୍ତ୍ୱେ, ତମାଖୁ ମୁକ୍ତ ଭାରତ ଓ ସଲିଡ ୱେଷ୍ଟ ପରିଚାଳନାର ବାର୍ତ୍ତା ଦେଇଥିଲେ ଓ ଯୁବ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ । ଏନୟାଇକେ ପୁରୀର, ଅଶୋକ ବେହେରା ଏ ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ନେହୁରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନବନିତ କୁମାର ଓ ପୁରୀ ଡିଆଇ ଓ ଅନୁରାଗ କୁମାର ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବ ଶେଷରେ ଧନ୍ୟବାଦ ଦେଇଥିଲେ ସୁନ୍ଦରଗଡ଼ ଏସକର୍ଟ ଅଧିକାରୀ ଅନନ୍ତ କୁମାର ପଟେଲ । ସ୍ୱେଚ୍ଛାସେବୀ ରାମକୃଷ୍ଣ ମହାନ୍ତି ସମସ୍ତ ନେହୁରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ ।

## ମଦ ଜବତ, ଜଣେ ଗିରଫ

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପୋଲିସ ବିପୁଳ ପରିମାଣର ଉଭୟ ଦେଶୀ ଓ ବିଦେଶୀ ମଦ ଜବତ କରିଛି । ଥାନା ଅଧିକାରୀ ଜୀବନାନନ୍ଦ ଜେନା ଙ୍କ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ସ୍ଥାନୀୟ ପୋଲିସ ସୋମବାର ସନ୍ଧ୍ୟାରେ କୌଣସି ସୂତ୍ରରୁ ସୂଚନା ପାଇ ଏହି ଥାନା ଅନ୍ତର୍ଗତ ନିଧିଆପଲ୍ଲୀ ଗାଁ ର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘର ଉପରେ ଅତର୍କିତ ଚଢାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି । ୨୯ ଟି କାର୍ଟୁନ୍ ରେ ଥିବା ମୋଟ ୧୫୩ ଲିଟର ୯୨୦ ମିଲିମିଟର ବିଦେଶୀ ମଦ ଜବତ କରିଥିବାବେଳେ ୧୧ ଲିଟର ଦେଶୀ ଚୋରାମଦ ଜବତ କରିଛି । ଏହି ମାମଲାରେ ଥାନା କେଶ୍ ନମ୍ବର - ୧୮୪/୨୫ ପ୍ରକାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି ।



# ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା ମେଳା'

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଦେଶର ପ୍ରତ୍ୟେକ ବିଦ୍ୟାଳୟର ୧ମ ଶ୍ରେଣୀ ଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଦକ୍ଷତା ଅଭିବୃଦ୍ଧି କରିବା ତଥା ଛାତ୍ରଛାତ୍ରୀମାନେ ଭୟମୁକ୍ତ ହୋଇ ସ୍ୱାଧୀନ ଭାବେ ପ୍ରଶ୍ନ ପଚାରିପାରିବେ, ଆନନ୍ଦ ଉଲ୍ଲାସ ସହିତ ପାଠ ପଢ଼ିବେ, ଛାତ୍ରଛାତ୍ରୀ ମାନେ ମୁକ୍ତ ଭାବେ ନିଜର ସାଙ୍ଗସାଥୀ ଓ ଶିକ୍ଷକମାନଙ୍କ ସହିତ ବିଭିନ୍ନ ପ୍ରକାରର ଶୈକ୍ଷିକ ଆଲୋଚନା କରିପାରିବେ । ଏହି ଲକ୍ଷ୍ୟ ପୂରଣ ପାଇଁ ସାରା ଦେଶରେ ଓ ସମସ୍ତ ରାଜ୍ୟ ରେ ନିପୁଣ ଭାରତ ଏବଂ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହେଉଅଛି । ସେହିଭଳି ଆଜି ଭଞ୍ଜନଗର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବଡକୋଦଣ୍ଡା କ୍ଲଷ୍ଟର ଅନ୍ତର୍ଗତ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଭଞ୍ଜନଗର ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଏସ୍ ଧନଞ୍ଜୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଶ୍ରୀ ଗୋପବନ୍ଧୁ ମହାପାତ୍ର ସମସ୍ତ ଅତିଥି ମାନଙ୍କ ଗହଣରେ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ମଞ୍ଚାସୀନ ହୋଇଥିଲେ ବ୍ଲକ ଅଧକ୍ଷ ନରିସଭା ନାୟକ, ଏବିଇଓ ତଥା ବିଆରସିସି ସୂର୍ଯ୍ୟ ନାଇକ, ଏବିଇଓ ଗଜେନ୍ଦ୍ର କୁମାର ସେଠୀ, ଏବିଇଓ ଶ୍ରୀ ଚରଣ ବେହେରା ଏବଂ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ୱରାଜ କୁଅଁର । ସମସ୍ତ ଅତିଥି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଏକ ଛାତ୍ରଛାତ୍ରୀ କୈନ୍ଦ୍ରିକ ଶିକ୍ଷା ବଳୟ ତିଆରି ଓ ଆନନ୍ଦ ମଧ ଶିକ୍ଷା ପ୍ରଦାନ ରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଭୂମିକା କେତେଯେ



ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିଥିଲେ । ଏକ ସୁସ୍ଥ ସମାଜ ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସମସ୍ତ ଅତିଥି ନିଜ ନିଜର ବକ୍ତବ୍ୟ ରେ ଉଲ୍ଲେଖ କରିଥିଲେ । ଭଞ୍ଜନଗର ବ୍ଲକ୍‌ର ୧୬ ଟି କ୍ଲଷ୍ଟରରୁ ଶ୍ରେଷ୍ଠତା ଅର୍ଜନ କରିଥିବା ଜଣେ ଜଣେ ଏଫ୍ ଏଲ୍‌ଏନ୍ ଶିକ୍ଷକ ସେମାନଙ୍କର ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସାମଗ୍ରୀ ଧରି ଏହି ମେଳାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏବିଇଓ ଚରଣ ବେହେରା, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ଓ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁମୁଦିନୀ ବେହେରା ବିଚାରପତି ରୂପେ କାର୍ଯ୍ୟନିର୍ବାହ କରିଥିଲେ । ପ୍ରକାଶ ଥାଉକି ଆଜିର ଏହି ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳାରେ ମୌଳିକ ସାକ୍ଷରତା ଶିକ୍ଷଣ ସାମଗ୍ରୀରେ ଶ୍ରେଷ୍ଠତା ଅର୍ଜନ କରିଥିବା ଲାଲ ସିଂ କ୍ଲଷ୍ଟର ର କାହ୍ନୁ ରାଉତ ନୋଡାଲ ହାଇସ୍କୁଲର ଏଫ୍ ଏଲ୍ ଏନ୍ ଶିକ୍ଷୟିତ୍ରୀ କଳ୍ପନା କୁମାରୀ ପ୍ରଧାନଙ୍କ ନିର୍ମିତ ଶିକ୍ଷଣ ସାମଗ୍ରୀ ଏବଂ ତୁରୁମୁ କ୍ଲଷ୍ଟର ରାଇଗୋଛା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦଳବେହେରାଙ୍କ ମୌଳିକ ସଂଖ୍ୟା ଜ୍ଞାନ ଶିକ୍ଷଣ ସାମଗ୍ରୀ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ସିଆରସିସି ବିଭୁ ପ୍ରସାଦ ମହାପାତ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଭଞ୍ଜନଗର ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି, ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଏଫ୍ ଏଲ୍ ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଇଓ ଅଫିସ୍ ଷ୍ଟାଫ୍ ସଂପୂର୍ଣ୍ଣ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ନାରାୟଣ ମହାପାତ୍ର ସଂଯୋଜନା କରିଥିଲେ । ବିଇଓ ଅଫିସ୍ ତରଫରୁ ଅନିଲ୍ କୁମାର ମୁଦୁଲି ଓ ଚିନ୍ମୟ କୁମାର କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

ଓଡ଼ିଶା ଭାସ୍କର
# ମହାନଗର




କଟକ(ଭାସ୍କର ନ୍ୟୁଜ): ଅନ୍ୟାୟ, ଶୋଷଣ ଓ କୁସଂସ୍କାର ବିରୁଦ୍ଧରେ ସାଲିସ ବିହୀନ ସଂଗ୍ରାମ ପାଇଁ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣ ଦାସ ଜନମାନସରେ ସ୍ମରଣୀୟ ହୋଇ ରହିଛନ୍ତି ବୋଲି ଐତିହାସିକ ସ୍ୱରାଜ ଆଶ୍ରମ ଠାରେ ଅନୁଷ୍ଠିତ ସ୍ମୃତି ସଭାରେ ବକ୍ତାମାନେ ପ୍ରକାଶ କରିଛନ୍ତି। ସଂଗ୍ରାମୀ ଫୋରମ ତରଫରୁ ଆୟୋଜିତ ଗୌରାଙ୍ଗ ଚରଣ ଦାସଙ୍କ ୫୩ତମ ଓ ଶଶୀଭୁଷଣ ଦାସଙ୍କ ୧୪ତମ ବର୍ଷିକୀ ଏହି ସ୍ମୃତି ସଭାରେ ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମାହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ଏହି ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, କିଶୋର ଜେନା, ଖଗେଶ୍ୱର ସେଠୀ, ଶତ୍ରୁଘ୍ନ ପଟ୍ଟନାୟକ, ମେହେବୁବ ମହତାବ, ଡଃ ବିଶ୍ୱଜିତ, ରମାକାନ୍ତ ମହାପାତ୍ର, ଡକ୍ଟର ରବିରଞ୍ଜନ ସାହୁ, ସ୍ନେହାଂଶୁ ଜେନା, ଶ୍ୟାମସୁନ୍ଦର ସାହୁ, ଅନ୍ତର୍ଯ୍ୟାମୀ ବରାଳ, ରାଧାମୋହନ ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।



## ୨୬ରେ ମହାପ୍ରଭୁ ଲିଙ୍ଗରାଜଙ୍କ ଜାଗର ଉତ୍ସବ

# ରାତ୍ର ୧୦ଟାରେ ଉଠିବ ମହାଦୀପ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୬ତାରିଖରେ ମହାପ୍ରଭୁ ଲିଙ୍ଗରାଜଙ୍କ ଜାଗର ଉତ୍ସବ। ଏଥିପାଇଁ ଲିଙ୍ଗରାଜ ମନ୍ଦିର ଚଳଚଞ୍ଚଳ ହୋଇପଡିଛି। ଚଳିତବର୍ଷ ରାତ୍ର ୧୦ଟାରେ ମହାଦୀପ ଉଠିବ ବୋଲି ସ୍ଥିରୀକୃତ ହୋଇଛି। ମନ୍ଦିର ସେବାୟତ ଓ ଭିଆଇପି ମାନଙ୍କ ପାଇଁ ପୃଥକ ଦ୍ୱାରା ବ୍ୟବହାର କରାଯିବ। ୨୬ତାରିଖ ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା, ସନ୍ଧ୍ୟା ୬ଟାରୁରାତ୍ର ୧୨ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। ଲିଙ୍ଗରାଜ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୪୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ସମନ୍ୱୟ କମିଟି ବୈଠକରେ ସର୍ମସମ୍ମତିକ୍ରମରେ ନିଷ୍ପତ୍ତି ନିଆଯାଇଛି।

## ଆଇନ-ଶୃଙ୍ଖଳା ବ୍ୟବସ୍ଥା ପାଇଁ ପ୍ରାକ-ପ୍ରସ୍ତୁତି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୬ ତାରିଖରେ ହେବାକୁ ଥିବା ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ହେବାକୁ ଥିବା ଜନସମାଗମକୁ ଦୃଷ୍ଟିରେ ରଖି, ଆଇନ-ଶୃଙ୍ଖଳା ବ୍ୟବସ୍ଥା ଦୃଢ଼ କରିବା ନିମନ୍ତେ ବୁଧବାର କେଦାର ଗୌରୀ ମନ୍ଦିର ନିକଟସ୍ଥ ମା' କଲ୍ୟାଣ ମଣ୍ଡପରେ ଏକ ପ୍ରାକ-ପ୍ରସ୍ତୁତି ମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ପୋଲିସ କମିଶନର ଡ଼. ଏସ. ଦେବଦତ୍ତ ସିଂ ଆଇ.ପି.ଏସ. ସଭାକୁ ଅଧ୍ୟକ୍ଷତା କରିଥିବା ବେଳେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର, ଆଇ.ପି.ଏସ., ବୈଠକର ଆରମ୍ଭ କରି ସଭାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ ମୁଖ୍ୟ ଅତିଥିମାନଙ୍କ ମଧ୍ୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟମ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମସି ମେୟର ସୁଲୋଚନା ଦାସ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ, ମନ୍ଦିରର ପୂଜକମାନେ ଏବଂ ଅନ୍ୟାନ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତଥା କର୍ମଚାରୀମାନେ ଯୋଗ ଦେଇଥିଲେ ।



ଭଦ୍ରକ ଜିଲ୍ଲାର ସୁପରିଚିତ ଶିକ୍ଷାନୁଷ୍ଠାନ ବିଏସ୍‌ଇଟି ସୋସାଇଟିକୁ ସରକାରଙ୍କ ଅଧିନକୁ ନେବା ପାଇଁ ବିଏସ୍‌ଇଟିର ସଭାପତି ଇଂ ପ୍ରୟାସକାନ୍ତି ସାମଲ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ମାଧମରେ ପ୍ରସ୍ତାବ ଦେଉଛନ୍ତି।

## ୫ ବର୍ଷରେ ୩୬ ଜଣ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡିଛନ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁନା କିଣୁଥିଲେ ସାବଧାନ । ଗତ ୫ ବର୍ଷରେ ୩୬ ଜଣ ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡିଛନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର । ୪ ଲକ୍ଷ ୯୭ ହଜାର ୫୦୦ ଟଙ୍କାର ଜରିମାନା ଆଦାୟ ହୋଇଛି । ସେହିପରି ୮ ଜଣ ବଡ଼ ବ୍ୟବସାୟୀ ନକଲି ହଲମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡିବା ପରେ ୭ ଜଣଙ୍କ ଲାଇସେନ୍ସ ବାତିଲ ଓ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି ।

## ୫ ଜଣିଆ ଡକାୟତି ଗ୍ୟାଙ୍ଗ ଗିରଫ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ ଜଣିଆ ଡକାୟତି ଗ୍ୟାଙ୍ଗକୁ ମାଡି ବସିଲା ମୈତ୍ରୀ ବିହାର ଥାନା ପୋଲିସ। ସେମାନଙ୍କ ନିକଟରୁ, ଦୁଇଟି ବନ୍ଧୁକ, ୫ଟି ମୋବାଇଲ, ଆଇରନ ରଡ଼, ଚିଲି ପାଉଡ଼ର, ଟଙ୍କା ଜବତ ହୋଇଛି । ହାତୀଆଶୁଣି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ମାଡି ବସିଲା ପୋଲିସ । ଗିରଫ ସମସ୍ତ ଅଭିଯୁକ୍ତ ଭୁବନେଶ୍ୱର ଅଞ୍ଚଳର । ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିସନରେଟ ପୋଲିସ ଏବଂ ବିଭିନ୍ନ ଜିଲ୍ଲା ପୋଲିସରେ ଏକାଧିକ ମାମଲା ରହିଛି ।

## ଗ୍ରୀଡକୋ ଓ ଅଭାଡା ଗ୍ରୀନ ପ୍ରାଇଭେଟ ଲିଃ ମଧ୍ୟରେ ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ବିକାଶ ପାଇଁ ଓଡ଼ିଶା ଭାରତର ଅଗ୍ରଣୀ ରାଜ୍ୟ। ଅନୁକୂଳ ନୀତି, ବିକଶିତ ସାମୁଦ୍ରିକ ବନ୍ଦର ସହିତ ସବୁଜ ଶକ୍ତି ପାଇବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ସାର, ଇସ୍ପାତ ଏବଂ ଅନ୍ୟାନ୍ୟ ଧାତୁ ଶିଳ୍ପ ଏବଂ ତୈଳ ବିଶୋଧନାଗାରରେ ସବୁଜ ହାଇଡ୍ରୋଜେନ୍ / ଆମୋନିଆର ଆବଶ୍ୟକ ରହିଛି । ଗ୍ରୀଡକୋ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଗ୍ରୀନ୍ ଏନର୍ଜି ଓପନ୍ ଆକ୍ସେସ୍ ରେଗୁଲେସନ୍ସ, ୨୦୨୩ ଅଧୀନରେ ମେସର୍ସ ଅଭାଡା ଗ୍ରୀନ ଏଚ ୨ ପ୍ରାଇଭେଟ ଲିମିଟେଡ୍ ସହିତ ୩୧.୧୨.୨୦୨୮ ରୁ ଆଗାମୀ ୨୫ ବର୍ଷ ପାଇଁ ଗଞ୍ଜାମର ଗୋପାଳପୁରରେ ବାର୍ଷିକ ୦.୫ ମେଟ୍ରିକ ଟନ ବିଶିଷ୍ଟ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପାଇଁ ୩୦୦ ମେଗାୱାଟର ସବୁଜ ପାୱାର ବ୍ୟାଙ୍କିଂ ସୁବିଧା ପ୍ରଦାନ କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା, ଆମେ ଆମ ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ଏବଂ ୨୨,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସହିତ ୧୪ଟି ସବୁଜ ହାଇଡ୍ରୋଜେନ୍/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ କରିଛୁ। ରାଜ୍ୟରେ ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ ଶିଳ୍ପ ପ୍ରତିଷ୍ଠାରେ ଏହା ଏକ ଐତିହାସିକ ଘଟଣା।

## ୨୩ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୩ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ। ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୫ରେ ମହିଳା ଟି-୪୭ ବର୍ଗରେ ୧୦୦ ମିଟରରେ ପାରା ଆଥଲିଟ୍ ଜୟନ୍ତୀ ବେହେରାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ପ୍ରକାଶଯୋଗ୍ୟ ଯେ, ଚେନ୍ନାଇର ଜବାହାରଲାଲ ନେହେରୁ ଷ୍ଟାଡିୟମ୍ ଠାରେ ୧୭ ଫେବୃଆରୀରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ୨୩ତମ ଜାତୀୟ ପାରାଆଥଲେଟିକ୍ସ ଚାମ୍ପିଅନସିପ ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୨ଜଣ ପାରାଆଥଲିଟ୍ ଅଂଶ ଗ୍ରହଣ କରିଛନ୍ତି।

## କିଟ୍ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ପୁରୁଷ ବନ୍ଧୁଙ୍କୁ ରିମାଣ୍ଡ ପାଇଁ ଆବେଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା । ଅଭିଯୁକ୍ତ ପୁରୁଷବନ୍ଧୁଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିଛି । ତିନି ଦିନ ରିମାଣ୍ଡ ଆଣିବାକୁ କୋର୍ଟରେ ଆବେଦନ କରିଛି ଇନଫୋସିଟି ଥାନା ପୋଲିସ । ରିମାଣ୍ଡ ବେଳେ ଉଭୟଙ୍କ ମଧ୍ୟରେ ସମ୍ପର୍କ କେମିତି ଥିଲା ସେ ସମ୍ପର୍କରେ ପଚରାଉଚରା କରିବ ପୋଲିସ ।

## ମିଶନଶକ୍ତି ଇସି ପୁନର୍ଗଠନକୁ ବିରୋଧ କରୁଛି ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡ଼ି ମିଶନଶକ୍ତି ଇସି ପୁନର୍ଗଠନକୁ ବିରୋଧ କରୁଛି । କିନ୍ତୁ ସେହି ଇସି ମାନଙ୍କୁ ସରକାରରେ ଥିଲା ବେଳେ ୬ ମାସ ଯାଏଁ ଦରମା ଦେଉନଥିଲା ବିଜେଡ଼ି । କେନ୍ଦ୍ର ପାଖରୁ ଅନୁମୋଦନ ଆଣି ପାରିନଥିଲେ । ହେଲେ ଆଜି ବିଜେପି ସରକାର ସମସ୍ତଙ୍କୁ ଦରମା ଦେବାର ବ୍ୟବସ୍ଥା କରିଛି ବୋଲି କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି । ସେ କହିଛନ୍ତି ଯେ, ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ବିଜେଡ଼ି ଇସି ଗଠନ କରିଥିଲା । ବିଜେଡ଼ିର କର୍ମୀ ମାନେ ଇସି ମେମ୍ବର ଥିଲେ । କିନ୍ତୁ ଆଜି ଇସି ପୁନର୍ଗଠନ ହେଲେ ଯୋଗ୍ୟା ମହିଳା ମାନେ ସେଥିରେ ସ୍ଥାନ ପାଇବେ । ପ୍ରଶ୍ନକାଳ ସମୟରେ ବିରୋଧୀଙ୍କ ହଟ୍ଟଗୋଳ ଦୁର୍ଭାଗ୍ୟଜନକ । ପୋଡ଼ିୟମ ଆଗକୁ ଆସି ବାଚସ୍ପତିଙ୍କୁ ଦୁର୍ବ୍ୟବହାର କଲେ । ଏହା ଗଣତନ୍ତ୍ରରେ ନିନ୍ଦନୀୟ କଥା । ନିଜ ପ୍ରସଙ୍ଗ ଉଠାଇବା ପାଇଁ ଗୃହରେ ନିର୍ଦ୍ଦିଷ୍ଟ ସମୟ ଅଛି । କୌଣସି ପ୍ରସଙ୍ଗ ଯଦି ଥିଲା ଶୂନ୍ୟକାଳ ସମୟରେ ବିରୋଧୀ ଉଠାଇ ପାରିଥାନ୍ତେ ବୋଲି ଅଶୋକ ମହାନ୍ତି କହିଛନ୍ତି।

## ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ: ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜିଠାରୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିବା ସହ କହିଛନ୍ତି, ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ । ଏହା ଆମ ଅସ୍ମିତାର ନିଦର୍ଶନ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ । ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ୍ ତାପସ୍ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ସ୍ଥାନ । ଉତ୍କୃଷ୍ଟ ବୟନ କଳାକୁ ବଞ୍ଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବା ଉଚିତ । ସୂଚନାଯୋଗ୍ୟ, ଗୋଟିଏ ସ୍ଥାନରେ ବୟନକଳାକୁ ପ୍ରଦର୍ଶିତ କରିବା ସହ ବୁଣାକାରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଏହାର ପ୍ରାୟୋଜକ ଥିବା ବେଳେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା) ହେଉଛି ଏହାର ଆୟୋଜକ । ୧୯ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ମେଳା ୧ ଅପ୍ରେଲ୍ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧.୩୦ ରୁ ୯.୩୦ ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ । ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାମାନଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି । ଚଳିତଥର ମୋଟ୍ ୨୨୫ଟି ଷ୍ଟଲ୍ ଖୋଲାଯାଇଛି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ଯଥା: ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେବ । ଦର୍ଶକଙ୍କ ପ୍ରମୁଖ ଆକର୍ଷଣ ପାଲଟିବ କରୁଣା ରେସମ ବସ୍ତ୍ର । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଚିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗ୍‌ବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ୀ ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ଚଳିତ ମେଳାରେ ୧୫ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବୟନିକା ଆଶା ରଖିଛି । ଉଦ୍‌ଘାଟନୀ ସଂଧ୍ୟାରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ବୟନିକାର ସଭାପତି ଶ୍ରୀ ପ୍ରକାଶ ଚନ୍ଦ୍ର ମେହେରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ମେଳାରେ ବହୁ ସଂଖ୍ୟାରେ ଗ୍ରାହକମାନେ ଆସି ହସ୍ତତନ୍ତ ବସ୍ତ୍ର କ୍ରୟ କରିବା ସହ ବୁଣାକାରଙ୍କୁ ଉତ୍ସାହିତ କରିବା ପାଇଁ ବୟନିକା ପକ୍ଷରୁ ନିବେଦନ କରାଯାଇଛି ।

# 'ସେବା ପାଇଁ ସମର୍ପିତ ମଣିଷ ଥିଲେ ସଂଗ୍ରାମୀ ଗୌରାଙ୍ଗ ଚରଣ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ୫୩ତମ ଓ ସଂଗ୍ରାମୀ ସ୍ୱର୍ଗତ ଶଶୀଭୂଷଣ ଦାସଙ୍କ ୧୪ତମ ଶ୍ରାଦ୍ଧ ଦିବସ ରାଜ୍ୟ ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ସ୍ମାରକୀ ନ୍ୟାସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ ଓ ସ୍ୱର୍ଗତ ଶଶୀଭୂଷଣ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁଗୋ କହିଲେ ଯେ, ଆଜିର ଯୁବପିଢ଼ିକୁ ଏହି ସଂଗ୍ରାମୀମାନଙ୍କ ଗୌରବର ଗାଥା ବିଷୟରେ ଜାଣିବାର ଅବକାଶ ଆମେ ଦେଇପାରି ନାହୁଁ। ଗୌରାଙ୍ଗ ଚରଣ ଦାସଙ୍କ ଜୀବନ କାହାଣୀ ଅତ୍ୟନ୍ତ ରୋମାଞ୍ଚକର। ସେବା ପାଇଁ ସେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ଦେଇଥିଲେ। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ଅବିଭକ୍ତ କଟକ ଜିଲ୍ଲାର ବାଗଲପୁର ସ୍ୱାଧୀନତା ସଂଗ୍ରାମର ଏକ ମହାନ ପୀଠ। ସମ୍ମାନିତ ଅତିଥି ଭାବେ ପ୍ରଫେସର ବୁଦ୍ଧଦେବ ମିଶ୍ର କହିଲେ ଯେ, ଗୋଟିଏ ପରିବାରରୁ ବାପପୁଅ ସଂଗ୍ରାମରେ ଝାସ ଦେବା ଓ କାରାବରଣ କରିବା ଏକ ବିରଳ ଘଟଣା। ପ୍ରଗତିବାଦୀର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମରେ ଗୌରାଙ୍ଗ ଚରଣ ଦାସ ଓ ଶଶୀଭୂଷଣ ଦାସଙ୍କ ତ୍ୟାଗ, ନିଷ୍ଠା ଓ ସଂକଳ୍ପର ମୂଲ୍ୟାୟନ ଆଜିର ଯୁବପିଢ଼ି କରିପାରିବେ ନାହିଁ। ସ୍ୱାଧୀନତା ସଂଗ୍ରାମୀ ପରିବାରର ଦୀପଶିଖା କ୍ରିଷ୍ଣା ମହାନ୍ତି, ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ପ୍ରମୁଖ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଟ୍ରଷ୍ଟି ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ସଂଗ୍ରାମୀ ଫୋରମ୍‌ର ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।





"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ସି.ଇ.ସି. ପଦବୀରେ ଅଭିଜ୍ଞ ପ୍ରଶାସକ

# ଚୟନ ପ୍ରକ୍ରିୟାକୁ ନେଇ ବିବାଦ

ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତରେ ସମସ୍ତ ନିର୍ବାଚନ ପରିଚାଳନା ଦାୟିତ୍ୱ ତୁଲାଉଥିବା ସର୍ବୋଚ୍ଚ ସଂସ୍ଥା ନିର୍ବାଚନ ଆୟୋଗର ମୁଖ୍ୟ ରୂପେ ନିଯୁକ୍ତ ହୋଇଛନ୍ତି ଅଭିଜ୍ଞ ପ୍ରଶାସକ ଜ୍ଞାନେନ୍ଦ୍ର କୁମାର। ସେ ବୁଧବାର ଏହି ଗୁରୁ ଦାୟିତ୍ୱକୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରିଥିବା ବେଳେ ବିଦାୟୀ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିଲା। ଦେଶର ୨୬ତମ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେନ୍ଦ୍ର କୁମାର ଏହି ପଦବୀରେ ୨୦୨୯ ମସିହା ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ରହିବେ ଏବଂ ଏହି କାର୍ଯ୍ୟକାଳ ମଧ୍ୟରେ ୨୦ଟି ରାଜ୍ୟ ବିଧାନସଭା ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ନିର୍ବାଚନ ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ରହିବ। ମାତ୍ର ୨୦୨୯ ମସିହାର ସାଧାରଣ ନିର୍ବାଚନର (ଲୋକସଭା ପାଇଁ) ଠିକ୍ ଅବ୍ୟବହିତ ପୂର୍ବରୁ ବିଦାୟ ନେବାକୁ ପଡୁଥିଲେ ହେଁ ଏହାର ଆନୁଷଙ୍ଗିକ ପ୍ରସ୍ତୁତି କାର୍ଯ୍ୟ ତାଙ୍କୁ ହିଁ ଶେଷ କରିବାକୁ ପଡିବ। ୧୯୮୮ ମସିହା କେରଳ ବ୍ୟାଚ୍‌ର ଆଇଏଏସ୍ ଜ୍ଞାନେନ୍ଦ୍ର କୁମାରଙ୍କୁ ଗତ ବର୍ଷ ମାର୍ଚ୍ଚ ମାସରେ ନିର୍ବାଚନ ଆୟୋଗର ଅନ୍ୟତମ ସଦସ୍ୟ ରୂପେ ନିଯୁକ୍ତି ମିଳିଥିଲା। ଏହା ପୂର୍ବରୁ ସେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସଚିବ ରୂପେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଗତ ୨୦୧୯ ମସିହାରେ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ଧାରା-୩୭୦ ଉଚ୍ଛେଦ ସମୟରେ ଜ୍ଞାନେନ୍ଦ୍ର କୁମାର କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଜାମ୍ମୁ-କାଶ୍ମୀର ଡେସ୍କ ଦାୟିତ୍ୱରେ ରହିଥିଲେ। ଆମ ଦେଶରେ ପ୍ରଚଳିତ ପରମ୍ପରା ଅନୁଯାୟୀ ମୁଖ୍ୟ ନିର୍ବାଚନ ଆୟୋଗ ବା ସି.ଇ.ସି ନିଯୁକ୍ତି ପାଇଁ ଏକ ମନୋନୟନ କମିଟି ଗଠନ କରାଯାଏ ଏବଂ ଏଥିରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସମେତ ଲୋକସଭାରେ ବିରୋଧୀ ଦଳର ନେତା ସଦସ୍ୟ ରହନ୍ତି। ସମସ୍ତଙ୍କ ସହମତିରେ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଚୟନ କରାଯାଏ। ମାତ୍ର ଏଥର ସେହି ପରମ୍ପରାକୁ ବଦଳାଯାଇ ଗତ ସୋମବାର ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ମନୋନୟନ କମିଟିର ବୈଠକ ବସିଥିଲା ଏବଂ ଏଥିରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସମେତ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ମାତ୍ର ବୈଠକରେ ରାହୁଲ ବିଭିନ୍ନ ପ୍ରସଙ୍ଗକୁ ନେଇ ଆପତ୍ତି ଉଠାଇବା ସଙ୍ଗେ ସଙ୍ଗେ ଚୟନ କମିଟିରୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ବାଦ୍ ଦିଆଯିବା ନିଷ୍ପତ୍ତିର ତୀବ୍ର ବିରୋଧ କରିଥିଲେ। ପ୍ରଧାନ ବିଚାରପତିଙ୍କୁ କମିଟିରୁ ବାଦ୍ ଦିଆଯିବା ସଂକ୍ରାନ୍ତ ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହେବାକୁ ଥିବା ବେଳେ କାହିଁକି ତରବରିଆ ଭାବରେ ରାତି ଅଧିଆ ନିଷ୍ପତ୍ତି ନିଆଯାଉଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ସି.ଇ.ସି ମନୋନୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେଇ ସରକାର ନିଜର ଜଣେ ମନ୍ତ୍ରୀଙ୍କୁ ସଦସ୍ୟ ରୂପେ ରଖିବା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ପୂରାପୂରି ସରକାରୀ ନିୟନ୍ତ୍ରଣାଧୀନ ହୋଇଛି ବୋଲି ରାହୁଲ ଯୁକ୍ତି ବାଢ଼ିଥିଲେ। ଏହାଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀର ନିରପେକ୍ଷତା କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ସେ ଏହି ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ମୁଖ୍ୟ ନିର୍ବାଚନ ଆୟୋଗ ନିଯୁକ୍ତିକୁ ନେଇ ନିଜର ଅସନ୍ତୋଷ ସମ୍ପର୍କରେ ଦୁଇ ପୃଷ୍ଠାର ନୋଟ୍‌କୁ ରାହୁଲ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଛନ୍ତି। ଜ୍ଞାନେନ୍ଦ୍ର କୁମାରଙ୍କୁ ଯେଭଳି ଢ଼ଙ୍ଗରେ ନିଯୁକ୍ତି ଦିଆଗଲା, ତାହା ସମ୍ବିଧାନ ବିରୋଧୀ ଏବଂ ମୁକ୍ତ ନିର୍ବାଚନ ପ୍ରକ୍ରିୟାର ପରିପନ୍ଥୀ ବୋଲି ରାହୁଲ ତାଙ୍କ ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ତେବେ ସି.ଇ.ସି. ରୂପେ ଜ୍ଞାନେନ୍ଦ୍ର କୁମାରଙ୍କ ଯୋଗ୍ୟତା ବା ଅଭିଜ୍ଞତାକୁ ନେଇ କାହାରି କିଛି କହିବାର ନାହିଁ। ମାତ୍ର ଏହି ମନୋନୟନ ସର୍ବ ସମ୍ମତି କ୍ରମେ ହୋଇଥିଲେ, ଭାରତୀୟ ଗଣତନ୍ତ୍ରର ମହତ୍ତ୍ୱକୁ ତାହା ଦ୍ୱିଗୁଣିତ କରିଥାନ୍ତା। ତଥାପି ଅଭିଜ୍ଞ ପ୍ରଶାସକ ଜ୍ଞାନେନ୍ଦ୍ର ଭବିଷ୍ୟତରେ ଯଥେଷ୍ଟ ନିରପେକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବେ ବୋଲି ଆଶା କରାଯାଉଛି।

# ସବୁ ଶିଶୁଙ୍କୁ ଶିକ୍ଷା ଅଧିକାର !



**ହିମାଂଶୁ ଶେଖର ଆଚାର୍ଯ୍ୟ**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

କଥାରେ ଅଛି- ପେଟକୁ ଦାନା, ପିଠିକୁ କନା, ମୁଣ୍ଡ ଗୁଞ୍ଜିବାକୁ ବାସ, ରୋଗକୁ ଓଷ ଓ ପଢିବାକୁ ଦି'ଅକ୍ଷର ପାଠ ଜଣେ ନାଗରିକର ସର୍ବନିମ୍ନ ମୌଳିକ ଅଧିକାର। କିନ୍ତୁ କ୍ଷୋଭର ବିଷୟ ସ୍ୱାଧୀନତାର ୭୮ବର୍ଷ ପରେ ବି ଆମ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଏସବୁ ମୌଳିକ ଅଧିକାର ଅଦ୍ୟାବଧି ମିଳିପାରି ନାହିଁ। ଏସବୁ ମଧ୍ୟରୁ ଶିକ୍ଷାର ଅଧିକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାତ୍ର ଶିକ୍ଷା କ୍ଷେତ୍ରରେ ଏବେ ବି ଆମେ ବହୁତ ପଛରେ। ଏପରିକି ସାମ୍ବିଧାନିକ ବିଧିବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଭଳି ଯୋଜନା ସତ୍ତ୍ୱେ ଭାରତ ନିରକ୍ଷର ଲୋକଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଭୁଲ୍ ହେବନାହିଁ। ସବୁଠୁ କ୍ଷୋଭର କଥା ଅଦ୍ୟାବଧି ଆମ ଦେଶରେ ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭରୁ ବଞ୍ଚିତ। ଏମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଏକ ଆଇନର ଅବଶ୍ୟକତା ଥିଲା। ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନରେ ଏକ ଧାରା ଯୋଗ କରାଯାଇ ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି ଓ ଆମ ଦେଶ ତଥା ରାଜ୍ୟରେ ୨୦୧୦ ମସିହା ଏପ୍ରିଲ ପହିଲାରୁ ବହୁ ଚର୍ଚ୍ଚିତ ଏହି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି।

ଶିକ୍ଷା ଅଧିକାର ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଯେଉଁ ସବୁ ସମସ୍ୟା ଦେଖାଦେଇଛି ତାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେହୁଏ। ଏହି ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅତି କମ୍‌ରେ ୨ଲକ୍ଷ ୨୪ହଜାର ୩୩୦ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ଅଛନ୍ତି ୧ଲକ୍ଷ ୧୫ ହଜାର ୮୩୩ଜଣ ନିୟମିତ ଶିକ୍ଷକ। ବଳକା ୧ଲକ୍ଷ ୮ ହଜାର ୪୯୭ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ରାଜ୍ୟ ସରକାର ୭୩ ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣ ଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଏବେ ବି ୩୪ହଜାର ୭୭୯ ଶିକ୍ଷକ ପଦବୀ ଖାଲି ପଡିଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ନିୟମିତ ଶିକ୍ଷକଙ୍କ ଠାରୁ ୩ରୁ ୪ ଭାଗ କମ୍ ଦରମାରେ ଏହି ବର୍ଗର ଶିକ୍ଷକମାନେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଶିକ୍ଷକମାନେ ସମାନ କାମ କରି ସମାନ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଶିକ୍ଷକମାନଙ୍କ ଭିତରେ ଜାତିଭେଦ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାରେ ବାଧକ ସାଜିଛି। ଗୋଟିଏ ପଟେ ସରକାର ଖାଲିଥିବା ହଜାର ହଜାର ଶିକ୍ଷକ ପଦବୀ ପୂରଣ କରିପାରୁନଥିବା ବେଳେ ଶିକ୍ଷା ଅଧିକାର ଆଇନ ଅନୁସାରେ ଅଧିକ ଶିକ୍ଷକ ନିଯୁକ୍ତି କଲେ ସେ ବାବଦ ଅଧିକ ଅର୍ଥ କିପରି ଭରଣା କରିବେ ତାହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି।

ଶିକ୍ଷା ଅଧିକାର ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ସ୍କୁଲମାନଙ୍କରେ ତାଲିମପ୍ରାପ୍ତ ଶିକ୍ଷକ ରହିବେ। ତା'ନହେଲେ ସେମାନେ ଚାକିରି ହରାଇବେ। ଘରୋଇ ସି.ଟି ଓ ବି.ଏଡ୍ ଉଠିଯିବା ପରେ ସରକାରୀ ସ୍ତରରେ ଏସବୁ ଟ୍ରେନିଂ ପାଇଁ ଜିଲ୍ଲା ଭିତ୍ତିରେ ଯେତିକି ସ୍ଥାନ ରହିଛି ତାହା ପର୍ଯ୍ୟାପ୍ତ ନୁହେଁ। ଫଳରେ ଏତେ ସଂଖ୍ୟକ ତାଲିପ୍ରାପ୍ତ ଶିକ୍ଷକ ଆସିବେ କେଉଁଠୁ? ସବୁଠାରୁ ବଡ଼କଥା ହେଲା ଏହି ଆଇନରେ କେନ୍ଦ୍ର ସରକାର ଶିଶୁ ଶ୍ରମିକମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିନାହାନ୍ତି। ଆମ ଦେଶରେ ଏବେ ବି ୯୦ ଲକ୍ଷ ଶିଶୁ ଶ୍ରମିକ ପେଟପାଟଣା ପାଇଁ ବିପଜ୍ଜନକ କ୍ଷେତ୍ରରେ ଖଟୁଛନ୍ତି। ସେମାନଙ୍କ ଉପାର୍ଜନରେ ଦରିଦ୍ର ପରିବାର ମଧ୍ୟ ଚଳୁଛି। ଆମ ରାଜ୍ୟରେ ଏମାନଙ୍କ ସଂଖ୍ୟା ୪ ଲକ୍ଷ ୩୯୯। ତେଣୁ ଏହି ଶିଶୁମାନଙ୍କୁ ଥଇଥାନ କରି ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି। ଏତଦ୍‌ବ୍ୟତୀତ ଏହି ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବେ। କିନ୍ତୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସରକାରୀ ନିୟମକୁ ମାନୁନାହାଁନ୍ତି। ଫି' ଆଦାୟ ଠାରୁ ଆରମ୍ଭ କରି ନାମଲେଖା ପର୍ଯ୍ୟନ୍ତ ସବୁଠି ଅଭିଭାବକମାନେ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟର ସହରାଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟ ସରକାରଙ୍କ ଏହି ନିୟମକୁ ଆଖିମିଟିକା ମାରୁଥିବା ଲକ୍ଷ୍ୟ କରାଯାଉଛି। ଅବସ୍ଥା ଏଭଳି ହୋଇଛି ଖୋଦ୍ ରାଜଧାନୀରେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ଅଭିଭାବକ ମାନଙ୍କ ଠାରୁ ୫୦ରୁ ୭୦ ହଜାର ଟଙ୍କା ଆଦାୟ କରାଯାଉଛି। ଏପରିକି ଓଡ଼ିଆ ମାଧ୍ୟମ ଘରୋଇ ଶିକ୍ଷାନୁଷ୍ଠାନ ବି ପ୍ରଥମ ଶ୍ରେଣୀର ନାମ ଲେଖିବା ପାଇଁ ୧୫ରୁ ୨୫ ହଜାର ଟଙ୍କା ନେଉଛନ୍ତି। ଏପରିସ୍ଥଳେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ଉପରେ କେତେଦୂର ଅଙ୍କୁଶ ଲଗାଇ ପାରିବେ ତାହା ଉପରେ ଶିକ୍ଷା ଅଧିକାର ଆଇନର ସଫଳତା ଅନେକାଂଶରେ ନିର୍ଭର କରୁଛି।

ଶିକ୍ଷା ଅଧିକାର ଆଇନର ପ୍ରମୁଖ ଅଙ୍ଗ ହେଲା ସର୍ବଶିକ୍ଷା ଅଭିଯାନ। ୨୦୦୨ ମସିହାରୁ ଆମ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲାଣି। ଏ ଦିଗରେ ୭ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। କିନ୍ତୁ ଶିକ୍ଷା କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇପାରିନି। ଫଳରେ "ସଭିଏଁ ପଢନ୍ତୁ ଓ ସଭିଏଁ ବଢନ୍ତୁ" ସ୍ଲୋଗାନ ବସ୍ତୁତଃ ସ୍ଲୋଗାନରେ ରହିଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ୬ରୁ ୧୪ବର୍ଷ ମଧ୍ୟରେ ମୋଟ ୬୫ ଲକ୍ଷ ୨୮ ହଜାର ୩୫୬ଜଣ ଶିଶୁଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ୫୧ ହଜାର ୧୪୭ଜଣ ଶିଶୁ ସ୍କୁଲ ଘର ଦେଖିନାହାଁନ୍ତି। ଏସବୁ ପିଲା କିପରି ସ୍କୁଲ ଆସିବେ ତାହା ଗୁରୁତର ସହ ଚିନ୍ତା କରାଯିବା ଜରୁରି। ଅନ୍ୟ ଏକ ସମସ୍ୟା ହେଲା ସରକାର ଯଥା ସମୟରେ ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଇବାରେ ବିଫଳ ହୋଇଛନ୍ତି। ଏପ୍ରିଲ୍ ୧ରୁ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେଲା। ପ୍ରବେଶ ଉତ୍ସବ କରି ପିଲାଙ୍କୁ ସ୍ୱାଗତ କରାଗଲା। ଇତିମଧ୍ୟରେ ଚାରି ମାସ ବିତିଯାଇଥିଲେ ମଧ୍ୟ ପିଲାଙ୍କ ବସ୍ତାନିରେ ପଢ଼ାବହି ନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକ ରହିଛି।

ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପାଇଁ ପାଞ୍ଚବର୍ଷିଆ ଅବଧି ଗତ ୨୦୧୫ ମସିହା ଏପ୍ରିଲ ପହିଲାରେ ଶେଷ ହୋଇଯାଇଛି। ତେବେ ଏ ଦିଗରେ ଆଖିଦୃଶିଆ ସଫଳତା ହାସଲ ହୋଇପାରିନାହିଁ। ତେବେ ଭବିଷ୍ୟତରେ ଏହି ଆଇନ ତା'ର ଲକ୍ଷ୍ୟ ପୂରଣ ଦିଗରେ କେତେଦୂର ସଫଳ ହେବ ତାହା ଏକ ବିରାଟ ପ୍ରଶ୍ନବାଚୀ ରୂପେ ଉଭା ହୋଇଛି। ସେ ଦୃଷ୍ଟିରୁ ଏହି ଆଇନର ସଫଳ ରୂପାୟନ ପାଇଁ ଦୃଢ ଇଚ୍ଛାଶକ୍ତି ଓ ଆନ୍ତରିକତା ସରକାରୀସ୍ତରରେ ରହିବା ଦରକାର। ସେହିପରି ଦୀର୍ଘ ୩୪ବର୍ଷ ପରେ କେନ୍ଦ୍ର ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି। ଏଥିରେ ମାତୃଭାଷାରେ ଶିକ୍ଷାଦାନ ଠାରୁ ଆରମ୍ଭ କରି ବୌଷୟିକ ଶିକ୍ଷା ପର୍ଯ୍ୟନ୍ତ ଅନେକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ସ୍ଥାନ ପାଇଛି। କିନ୍ତୁ ଅସଲ କଥା ହେଲା ଶିକ୍ଷା କ୍ଷେତ୍ରରେ ଯୋଜନା ଯେତେ, ସମସ୍ୟା ସେତେ। ଏବେ ଆମ ରାଜ୍ୟରେ ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ରଙ୍ଗ ବେରଙ୍ଗରେ ଝଲସୁଛି ସ୍କୁଲ ଘର। ଏସବୁ ସତ୍ତ୍ୱେ ସ୍କୁଲରେ ଡ୍ରପ୍‌ଆଉଟ ସଂଖ୍ୟା କମିବାର ନାଁ ଧରୁନି। ଉଚ୍ଚ ଶିକ୍ଷାରେ ମଧ୍ୟ ଅନୁରୂପ ଅବସ୍ଥା।

ସବୁଠୁ ବଡ଼କଥା ହେଲା ଆବଶ୍ୟକ ଭିତ୍ତିଭୂମିର ଅଭାବ, ଶିକ୍ଷକମାନଙ୍କ ଅଭାବ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ସର୍ବୋପରି ଦାରିଦ୍ର୍ୟ ଯୋଗୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇ ପାରୁନାହାନ୍ତି। ଏପରିକି ମାଗଣା ପୋଷାକ, ଜୋତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିପାରୁନାହିଁ। ଏହି ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି। ଏହି ପ୍ରସଙ୍ଗରେ ଏକ ଲୋକପ୍ରିୟ କାହାଣୀ କୁହେ "ଯଦି ତୁମେ ଗୋଟିଏ ବର୍ଷ ପାଇଁ ଯୋଜନା କରୁଛ ତା'ହେଲେ ତୁମେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ତୁମେ ଦଶ ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ଗଛ ଲଗାଇ ଦିଅ, ଆଉ ଯଦି ତୁମେ ଶହେ ବର୍ଷ ପାଇଁ ଯୋଜନା କରୁଛ ତା' ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇ ଦିଅ।"

# ସୁପ୍ରଭାତ...



**ମନୋଜ କୁମାର ବେହେରା**
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ପ୍ରତ୍ୟେକ ଦିନର ଆରମ୍ଭ ସୂର୍ଯ୍ୟୋଦୟର ସହିତ ହୋଇଥାଏ। ଏହା କେବଳ ପ୍ରକୃତିର ଗୋଟିଏ ସାମାନ୍ୟ ନିୟମ ନୁହେଁ, ଏହା ଜୀବନର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଅଟେ। ସୂର୍ଯ୍ୟଙ୍କର ପ୍ରତ୍ୟେକ ସକାଳେ ଉଦୟ ହେବା ଏହା ଆମକୁ ମନେ ପକେଇ ଥାଏ କି ବିତି ଯାଇଥିବା ସମୟ ପଛକୁ ଚାଲିଗଲାଣି ଆଉ ଆମର ପାଖରେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଆଉ ଗୋଟିଏ ଅବସର ଅଛି। ସୂର୍ଯ୍ୟୋଦୟ ସମୟରେ ଆକାଶରେ ବିଚ୍ଛୁରିତ ହୋଇଥିବା ଲାଲ ରଙ୍ଗର ଚମକ ନା କେବଳ ଦେଖିବାରେ ସୁନ୍ଦର ହୋଇଥାଏ, ଏହା ଜୀବନରେ ସକାରାତ୍ମକତା ଆଉ ନୂଆ ଉର୍ଜାର ସଞ୍ଚାର କରିଥାଏ। ଏହା ଆମକୁ ପ୍ରେରିତ କରିଥାଏ କି ରାତି ଯେତିକି ଅନ୍ଧାର ହେଉ ନା କାହିଁକି, ପ୍ରତ୍ୟେକ ଅନ୍ଧକାର ପରେ ଆଲୋକର ସମୟ ଅବଶ୍ୟ ଆସିଥାଏ। ସୂର୍ଯ୍ୟୋଦୟ ଆମକୁ ଏହା ଶିଖେଇଥାଏ କି ପ୍ରତ୍ୟେକ ଦିନକୁ ଗୋଟିଏ ନୂଆ ଅବସର ପରି ଦେଖ। ବିତି ଯାଇଥିବା କାଲିକୁ ନିଜ ଭୁଲ୍ ମାନିକରି ଆମକୁ ନିଜର ଆଉ ସୁନ୍ଦର ବନେଇବାର ଚେଷ୍ଟା କରିବା ଜରୁରି। ଜୀବନରେ ତେଣିକି ଯେତେ କଠିନତା ଆସୁ, ସୂର୍ଯ୍ୟୋଦୟ ଆମକୁ ଏହି ଭରସା ଦେଇଥାଏ କି ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି। ଏହା ଆମକୁ ନିରାଶାରୁ ବାହାରିବା ପାଇଁ ପ୍ରେରଣା ଦେଇଥାଏ। ସୂର୍ଯ୍ୟ ପ୍ରତ୍ୟେକ ଦିନ ବିନା ଅଟକି ନିଜର ଯାତ୍ରାରେ ବାହାରିଥାଏ। ଏହା ଆମକୁ ଶିଖେଇଥାଏ କି ସଫଳତା ପାଇବା ପାଇଁ ନିଜର ପ୍ରୟାସ କରିବା ଆବଶ୍ୟକ ଅଟେ। ପ୍ରତ୍ୟେକ ଦିନ ସକାଳେ, ଯେତେବେଳେ ଆମେ ସୂର୍ଯ୍ୟଙ୍କର ପ୍ରଥମ କରିଣକୁ ଦେଖିଥାଉ, ଆଉ ଏହା ଭାବିଥାଉ କି ଏହି ଦିନ ଆପଣଙ୍କ ପାଇଁ କେତେ ମୂଲ୍ୟବାନ ଅବସର ନେଇକରି ଆସିଥାଏ। ନିଜର ଲକ୍ଷ୍ୟପଥ ଆଡକୁ ଆଉ ପାଦେ ବଢିବା ଆଉ ନୂଆ ଉର୍ଜାର ସହିତ ନିଜର ଉତ୍ତରଦାୟିତ୍ୱକୁ ମଧ୍ୟ ନିର୍ବାହ କରିବା। ସୂର୍ଯ୍ୟୋଦୟ କେବଳ ଗୋଟିଏ ପ୍ରାକୃତିକ ଘଟଣା ନୁହେଁ, ଏହା ଗୋଟିଏ ଭାବନା ଅଟେ ଯାହା ଆମକୁ ଜୀବନ ଜୀଇଁବାର ସଠିକ୍ ପ୍ରଣାଳୀ ଅଟେ। ଏହା ଆମକୁ ପ୍ରେରିତ କରିଥାଏ କି ପ୍ରତ୍ୟେକ ଦିନ ଗୋଟିଏ ନୂଆ ଆରମ୍ଭ ଅଟେ। ସେଥିପାଇଁ ଯେବେ ସୂର୍ଯ୍ୟୋଦୟ ଦେଖ, ନିଜ ଭିତରେ ଏହି ବିଶ୍ୱାସକୁ ଉଜାଗର ରଖ କି ଆପଣ ଯାହା ଚାହିଁବେ, ତାହା ହାସିଲ କରିପାରିବେ। ଏହି ଦୁନିଆ ନୂଆ ଆଶା ଆଉ ସମ୍ଭାବନାରେ ଭରି ହୋଇଛି। ବାସ୍ ! ଆପଣଙ୍କୁ ଏହା ଚିହ୍ନଟ କରିବା ଆଉ ଆପଣେଇବା ଜରୁରି।

# ସ୍ୱାଧୀନତା ନୁହେଁ ସଂସ୍କୃତିହୀନତା



**ପ୍ରଣତି ଆଚାର୍ଯ୍ୟ ମିଶ୍ର**
ନୟାଗଡ଼
ମୋ: ୯୪୩୭୬୪୨୯୪୭

ଆମର ସଂକଳ୍ପ ହେଉଛି ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ର ରେ ପରିଣତ କରିବା, କିନ୍ତୁ ଏକ ବିକଶିତ ଭାରତର କଥା କହିବା ବେଳେ ଅର୍ଥନୈତିକ ଏବଂ ବୈଷୟିକ ବିକାଶ ସହିତ ଆମର ଐତିହ୍ୟଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ହେଉଛି ସଂସ୍କାର ଓ ମୂଲ୍ୟବୋଧର ପରମ୍ପରା। ଶହ ଶହ ବର୍ଷର ଆକ୍ରମଣ ଓ ଦାସତ୍ୱ ସତ୍ତ୍ୱେ ଏହି ସମୃଦ୍ଧ ଐତିହ୍ୟ ହିଁ ଆମସାମାଜିକ ଓ ପାରିବାରିକ ବ୍ୟବସ୍ଥାକୁ ଅକ୍ଷୁର୍ଣ୍ଣ ରଖିଛି। ବିକଶିତ ଭାରତର ଅର୍ଥ ହେଉଛି ସଂସ୍କୃତି ମଧ୍ୟ ସମୃଦ୍ଧି ସହିତ ସମନ୍ୱିତ ହେବା ଉଚିତ, କିନ୍ତୁ ଦୁର୍ଭାଗ୍ୟବଶତଃ ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜରେ, ବିଶେଷ କରି ଯୁବପିଢ଼ିରେ ଯେଉଁ ପ୍ରକାରର ସଂସ୍କୃତିହୀନତା ଏବଂ ମୂଲ୍ୟହୀନତା ବୃଦ୍ଧି ପାଉଛି, ତାହା ଏକ ସତର୍କ ଘଣ୍ଟି। ନିକଟରେ ୟୁଟ୍ୟୁବରେ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଶୋ'କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଯୁବପିଢ଼ିଙ୍କ ଚିନ୍ତାଧାରାକୁ ନେଇ ପ୍ରଶ୍ନ ଉଠାଇଛି ଯେ ଆଧୁନିକତା ନାଁରେ ମୂଲ୍ୟବୋଧକୁ ତ୍ୟାଗ କରାଯାଉଛି କି? ପିତାମାତା-ସନ୍ତାନ ସମ୍ପର୍କକୁ ନେଇ ଲଜ୍ଜାଜନକ ମନ୍ତବ୍ୟ ଦେଇ ସମାଲୋଚନାର ଶିକାର ହୋଇଥିବା ୟୁଟ୍ୟୁବର ରଣବୀର ଆହ୍ଲାବାଦିଆ କ୍ଷମା ମାଗିଥିଲେ ମଧ୍ୟ ଏହା ଥମିବାର ନାଁ ନେଉନାହିଁ। ଏହି ମାମଲାରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଆହ୍ଲାବାଦିଆ ଏବଂ ତାଙ୍କ ସହ ମଞ୍ଚ ଅଂଶୀଦାର କରୁଥିବା ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାପ ବଢିଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ମଧ୍ୟ କହିଛନ୍ତି ଯେ ଯଦି ସେମାନେ ସୀମା ଅତିକ୍ରମ କରନ୍ତି ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଜାତୀୟ ମହିଳା ଆୟୋଗଙ୍କୁ ନୋଟିସ୍ ଜାରି କରି ଜବାବ ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷାବିତ୍, କଳାକାର ମଞ୍ଚ ମଧ୍ୟ ଏହାକୁ ନିନ୍ଦା କରିଛନ୍ତି।

ରଣବୀର ଆହ୍ଲାବାଦିଆ ଓ ତାଙ୍କ ସହଯୋଗୀଙ୍କ ହାସ୍ୟାସ୍ପଦ ମନ୍ତବ୍ୟ ପରେ ଅଲ୍ ଇଣ୍ଡିଆନ୍ ସିନେ ୱାର୍କର୍ସ ଆସୋସିଏସନ୍ ଏହି ସୋ' ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଉପରେ ପ୍ରତିବନ୍ଧକ ଲଗାଇବାକୁ ଅନୁରୋଧ କରିଛି। ମହାରାଷ୍ଟ୍ରରୁ ଆସାମ ପର୍ଯ୍ୟନ୍ତ ଏଫଆଇଆର ରୁଜୁ ହୋଇଛି । ଏହି ବିବାଦ ଅନଲାଇନ୍ ବିଷୟବସ୍ତୁର ସୀମା ଏବଂ ଦାୟିତ୍ୱ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବିତର୍କ ସୃଷ୍ଟି କରିଛି।ଏହି ପ୍ରସଙ୍ଗରେ କେବଳ ସାଂସ୍କୃତିକ, ନୈତିକ ଓ ସାମ୍ବିଧାନିକ ନୁହେଁ, ପାରିବାରିକ ଓ ସାମାଜିକ ଶୃଙ୍ଖଳା ସହ ଜଡ଼ିତ ପ୍ରଶ୍ନ ମଧ୍ୟ ରହିଛି। ଷ୍ଟାଣ୍ଡଅପ୍ କମେଡି, ଇଣ୍ଟରନେଟ୍ ମିଡିଆ କିମ୍ବା ଓଟିଟିରେ ଟିଆରପି ବଢ଼ାଇବା ପାଇଁ ଅଶ୍ଳୀଳ, ଅତ୍ୟନ୍ତ ଆପତ୍ତିଜନକ ଏବଂ ହିଂସାତ୍ମକ ବିଷୟବସ୍ତୁର ବ୍ୟବହାର କରାଯାଉଛି। ଏଥିପାଇଁ ସୀମା ଭାଙ୍ଗିବାକୁ କେହି ପଛଘୁଞ୍ଚା ଦେଉନାହାନ୍ତି। ଏକ୍ସଠାରୁ ଆରମ୍ଭ କରି ଇନଷ୍ଟାଗ୍ରାମ, ଫେସବୁକ ଓ ୟୁଟ୍ୟୁବରେ ଏମିତି ଅନେକ ଅଶ୍ଳୀଳ କଣ୍ଟେଣ୍ଟ ରହିଛି, ଯାହା ଦ୍ରୁତଗତିରେ ନୂଆ ପିଢ଼ିଙ୍କୁ ଆକୃଷ୍ଟ କରୁଛି। ଏଥିମଧ୍ୟରୁ ଅଧିକାଂଶ ସାମଗ୍ରୀ ପାଶ୍ଚାତ୍ୟ ସମାଜ ଓ ସଂସ୍କୃତିର ଅନୁକରଣ କରି ତିଆରି କରାଯାଉଛି। ଏତେ ହଟ୍ଟଗୋଳ ସୃଷ୍ଟି କରିଥିବା ଏହି ମନ୍ତବ୍ୟ ପ୍ରଥମେ ଏକ ବିଦେଶୀ ଶୋ'ରେ ଦିଆଯାଇଥିଲା, ଯାହାକୁ ରଣବୀର କପି କରି ଉପସ୍ଥାପନ କରିଥିଲେ। ମନେରଖିବା ଉଚିତ୍ ଯେ ପାଶ୍ଚାତ୍ୟ ସମାଜ-ସଂସ୍କୃତି ହେଉଛି ଭାରତୀୟ ମୂଲ୍ୟବୋଧର ବିପରୀତ ଏକ ବ୍ୟକ୍ତିଗତ ସମାଜ, ଯାହା ବେଳେବେଳେ ପରିବାର ଏବଂ ସମ୍ମାନର ବନ୍ଧନକୁ ଗ୍ରହଣ କରେ ନାହିଁ । ଏଥିରେ ଆନନ୍ଦ ଓ ଭୌତିକତା ସର୍ବୋପରି, କିନ୍ତୁ ଆମେ କ'ଣ ଏଭଳି ଭାରତ ସୃଷ୍ଟି କରିବାକୁ ଚାହୁଁଛନ୍ତି କି ? ଅନେକ ଏହାକୁ ଲୁଚାଇବାରେ ଲାଗିଛନ୍ତି।

ଯଦିଓ ସାମାଜିକ ଚାପରେ ରଣବୀରଙ୍କ ମନ୍ତବ୍ୟକୁ ସମାଲୋଚନା କରିବାକୁ ପଡୁଛି, କିନ୍ତୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହି ଲୋକମାନେ ହାସ୍ୟର ଶୈଳୀଠାରୁ ଆରମ୍ଭ କରି ଅଭିବ୍ୟକ୍ତିର ସ୍ୱାଧୀନତା ବିଷୟରେ ଆଲୋଚନା କରୁଛନ୍ତି। ହେଲେ ଏହାକୁ ହାସ୍ୟରସାତ୍ମକ କହି ଅଣଦେଖା କରାଯାଇପାରିବ ନାହିଁ। ଅଭିବ୍ୟକ୍ତି ସ୍ୱାଧୀନତା, ହାସ୍ୟ ନାମରେ ସଂସ୍କୃତିକୁ ବିକୃତି କରିବା ପରମ୍ପରା ଦୀର୍ଘଦିନ ଧରି ଚାଲିଆସୁଛି । ଦୁର୍ଭାଗ୍ୟବଶତଃ କିଶୋର ଓ ଯୁବପିଢ଼ି ଧୀରେ ଧୀରେ ଏହି ଜାଲରେ ଫସିଯାଉଛନ୍ତି। ଏହା ଚିନ୍ତାଜନକ ଯେ ଅଶ୍ଳୀଳତାକୁ କୁଲ୍ କହୁଥିବା ଇଣ୍ଟରନେଟ୍ ମିଡିଆ ଇନଫ୍ଲୁଏନ୍ସରଙ୍କ ଲକ୍ଷ ଲକ୍ଷ ଅନୁଗାମୀ ଅଛନ୍ତି। ଏହି ସ୍ରଷ୍ଟା କିମ୍ବା ପ୍ରଭାବଶାଳୀମାନଙ୍କ ମଧ୍ୟରେ କୌଣସି ଦାୟିତ୍ୱବୋଧ ନାହିଁ । ଏହା ଚିନ୍ତାର ବିଷୟ ଯେ ତାଙ୍କ ଘୃଣ୍ୟ ମନ୍ତବ୍ୟକୁ ବହୁତ ପ୍ରଶଂସା ମଧ୍ୟ ମିଳୁଛି। ଏପରି ବିଷୟବସ୍ତୁ ଏବଂ କାହାଣୀ ପିତାମାତାଙ୍କ ପ୍ରତି ସମ୍ମାନ ଏବଂ ସେବାର ଭାବନା କିମ୍ବା ପରିବାରର ଉଜ୍ଜ୍ୱଳ ପରିବେଶକୁ ଭାଙ୍ଗିବାରେ ମଧ୍ୟ ନିୟୋଜିତ । ଭାରତୀୟ ସମାଜ ଓ ସଂସ୍କୃତିର ମୂଳଦୁଆ 'ପାରିବାରିକ ବ୍ୟବସ୍ଥା'କୁ ଅଜାଣତରେ କିମ୍ବା ଜାଣିଶୁଣି ଆଘାତ ଦିଆଯାଉଛି। ଯେହେତୁ ଏଭଳି ବିଷୟବସ୍ତୁ ଭାରତର ସାମାଜିକ ସନ୍ତୁଳନ ପ୍ରତି ବିପଦ ସୃଷ୍ଟି କରୁଛି, ତେଣୁ ଡିଜିଟାଲ୍ ବିଷୟବସ୍ତୁ ଉପରେ ନଜର ରଖିବାର ସମୟ ଆସିଛି। ଏହି ପ୍ରକାର ବିଷୟବସ୍ତୁ ଉପରେ ରୋକ ଲଗାଇବାକୁ ପଡିବ। ଯେଉଁମାନେ ବାକ୍ ସ୍ୱାଧୀନତା ପାଇଁ ଯୁକ୍ତି କରନ୍ତି ସେମାନେ ବୁଝିବା ଉଚିତ ଯେ ସମ୍ବିଧାନର ଧାରା ୧୯(୨) ଅନୁଯାୟୀ 'ଶାଳୀନତା କିମ୍ବା ନୈତିକତା' ଆଧାରରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲଗାଇବାର ସୁଯୋଗ ରହିଛି । ଏଭଳି କଟକଣା ମୁଖ୍ୟତଃ ଅଶ୍ଳୀଳତା, ଅନୈତିକତା ଏବଂ ସାମାଜିକ ଶାଳୀନତା ସମ୍ବନ୍ଧୀୟ ମାମଲାରେ ଲାଗୁ ହୋଇଥାଏ। ୨୦୧୭ ରେ ସୁପ୍ରିମ୍ କୋର୍ଟ କହିଥିଲେ ଯେ ଅଶ୍ଳୀଳତା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ମଧ୍ୟରେ ସନ୍ତୁଳନ ଜରୁରୀ ଏବଂ ଜନସାଧାରଣଙ୍କ ଶାଳୀନତାକୁ ଆଘାତ ଦେଉଥିବା ବିଷୟବସ୍ତୁ ଉପରେ ପ୍ରତିବନ୍ଧକ ଲଗାଯାଇପାରେ। ଫିଲ୍ମ, ସାହିତ୍ୟ, କଳା ଓ ଇଣ୍ଟରନେଟ ମିଡିଆ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଅଭିବ୍ୟକ୍ତି ସ୍ୱାଧୀନତା ନାଁରେ ସଂସ୍କୃତିହୀନତା, ମୂଲ୍ୟହୀନତାକୁ ଅନୁମତି ଦିଆଯାଇପାରିବ ନାହିଁ। ଏହା କେବଳ ଭାରତୀୟ ସମାଜର ଅସ୍ତିତ୍ୱ ପାଇଁ ନୁହେଁ ବରଂ ବିକଶିତ ଭାରତ ପାଇଁ ମଧ୍ୟ ଅନିବାର୍ଯ୍ୟ।

**ଶିବାନୀ ମିଶ୍ର**
ଦେଉଳିଗ୍ରାମେଶ୍ୱର୍, ଜଗତସିଂହପୁର
ମୋ : ୭୦୦୮୯୩୯୧୫୩

# ନବରସର ନାୟକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ

ନାଟକ ମନୋରଞ୍ଜନର ଖାଲି ଏକ ମାଧ୍ୟମ ନୁହେଁ, ଏହା ସମାଜକୁ ସୁଶିକ୍ଷା ଦେଇଥାଏ। ସମାଜରେ ପରିବର୍ତ୍ତନ ଆଣିଥାଏ। ସେଥିପାଇଁ ବିଶ୍ୱ ବିଶ୍ୱବିଖ୍ୟାତ ନାଟ୍ୟକାର ସେକ୍ସପିୟର କହିଥିଲେ, 'ବିଶ୍ୱ ହେଉଛି ଏକ ରଙ୍ଗ ମଞ୍ଚ, ଆମେ ସମସ୍ତେ ଜଣେ ଜଣେ ଅଭିନେତା'। ନାଟକ କଥା ପଡିଲେ ସ୍ୱତଃ ମନକୁ ଆସେ ଅଭିନେତାଙ୍କ କଥା। ଅଭିନୟ କରିବା ଏକ କଳା । ଏହି କଳା ସମସ୍ତଙ୍କର ସହଜାତ ନୁହେଁ। କଳାକୁ ନିଶା ଓ ପେସା ରୂପେ ବରି ନେଇଥିବା କଳାକାରମାନେ ବହୁ ଘାତ, ପ୍ରତିଘାତ ଭିତରେ ଗତିକରିଥାନ୍ତି। ହେଲେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥାଏ ଦର୍ଶକମାନଙ୍କୁ ନିଜ ଅଭିନୟକଳାରେ ବାନ୍ଧି ରଖିବା। ଅନେକ କଳାକାର ଅଛନ୍ତି ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେକ ସୁନାମଧନ୍ୟ କଳାକାର ଅଛନ୍ତି ଯେଉଁମାନଙ୍କର ନିଖୁଣ ଓ ନିପୁଣ ଅଭିନୟ ଦର୍ଶକ ମାନସରେ ସ୍ମରଣୀୟ ହୋଇ ରହିଥାଏ। ସେମିତି ଜଣେ କଳାକାର ଥିଲେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ।

ଜଗତସିଂହପୁର ଜିଲ୍ଲା ସମଙ୍ଗ ଗ୍ରାମର ଏକ ଛୋଟିଆ ପଡା ଜେନା ସାହି। ଏଇଠି ଜନ୍ମ ନେଇଥିଲେ ଯୋଗଜନ୍ମା କଳାକାର ଆର୍ତ୍ତବନ୍ଧୁ ୧୯୨୮ ମସିହା ମେ ୧୧ ତାରିଖରେ। ତାଙ୍କ ପିତାଙ୍କ ନାମ ଅଚ୍ୟୁତାନନ୍ଦ ରାଉତରାୟ ଓ ମାତାଙ୍କ ନାମ ଶୁଆ ଦେବୀ। ବାଲ୍ୟକାଳ ତାଙ୍କର ମାମୁଁଘରେ କଟିଥିଲା ସେଠାରେ ରହଣି ମଧ୍ୟରେ ମଣିକାଞ୍ଚନ ସଂଯୋଗପରି ସେ ନାଟ୍ୟାଚାର୍ଯ୍ୟ କବି ବାଳକୃଷ୍ଣ ମହାନ୍ତିଙ୍କର ସାନିଧ୍ୟ ଲାଭ କରିଥିଲେ। ତାଙ୍କରି ଆଶୀର୍ବାଦରୁ ସେ ଜୟଦୁର୍ଗା ନାଟ୍ୟମଣ୍ଡଳୀରେ ଯୋଗଦେଲେ ପ୍ରଥମେ ସାହାଯ୍ୟକାରୀ ପିଲାଭାବରେ। ଆଖଡା ପିଲାଙ୍କୁ ସାହାଯ୍ୟ କରିବା, ରାତି ଉଜାଗର ହୋଇ ଆଖଡା ଦେଖିବା, ଆଖଡା ପିଲାଙ୍କ ସହ ମିଶିବା, ତାଙ୍କ ଚାଲିଚଳନ ଲକ୍ଷ୍ୟ କରିବା ଭିତରେ ପରବର୍ତ୍ତୀକାଳରେ ସେ ନିଜକୁ ଏକ ଅଭିନେତା ଭାବରେ ପ୍ରସ୍ତୁତ କରୁଥିଲେ। ଏହାପରେ ଓଡ଼ିଶା ଥିଏଟର, ନୟାର ଥିଏଟର ଓ ଜନତାରେ କିଛିଦିନ କାର୍ଯ୍ୟକଲା ପରେ ସେ ଫେରି ଆସିଲେ ଗାଁ ମାଟିକୁ। ସେତେବେଳେ ଏହି ଅଞ୍ଚଳର ଅନ୍ୟତମ ବିଶିଷ୍ଟ କଳାକାର ପ୍ରାଣକୃଷ୍ଣ ସ୍ୱାଇଁ ବେଣୀରାମପୁର ଯାତ୍ରା ଦଳର ନିର୍ଦ୍ଦେଶକ ଥିଲେ। ଅନୁଜ ପ୍ରତିମ ଆର୍ତ୍ତବନ୍ଧୁଙ୍କୁ ବେକାର ହୋଇ ବୁଲୁଥିବାର ଦେଖି ସେ ତାଙ୍କୁ ନେଇ ଗଲେ ସେ ଯାତ୍ରା ଦଳକୁ। ସେଇଠାରେ ହିଁ ଯୁବକ ଆର୍ତ୍ତବନ୍ଧୁଙ୍କର ପ୍ରତିଭା ବିକଶିତ ହେବାର ବାଟ ଫିଟିଲା। ସେଠାରେ ସହିଦ ବୀରରେ ପାଗଳପୁଅ, ସାବତ ମା'ର କୁନାଳ, ଲୁହାଚାନ୍ଦରେ ଲୁହାଚାନ୍ଦ ଏମିତି ଏକାଦିକ୍ରମେ ୨୦ବର୍ଷ କାଳ ସେହି ଦଳରେ ଅଭିନୟ କରି ସେ ଓଡ଼ିଶା, ବଙ୍ଗ, ବିହାର, ମଧ୍ୟପ୍ରଦେଶରେ ଚହଳ ପକାଇଦେଲେ। କହିବାକୁ ଗଲେ ଏହି ୨୦ବର୍ଷ ହିଁ ତାଙ୍କ ଜୀବନର ସୁବର୍ଣ୍ଣ ଯୁଗ ଥିଲା। ବିଶେଷକରି ସାବତ ମା' ନାଟକର କୁନାଳ ଅଭିନୟ ତାଙ୍କୁ ସର୍ବଶ୍ରେଷ୍ଠ ଗୌରବ ଆଣି ଦେଇଥିଲା। ସେହିଦିନ ଠାରୁ ସେ ସର୍ବତ୍ର କୁନାଳ ରୂପେ ହିଁ ସୁପରିଚିତ ଥିଲେ।

ତାପରେ ପୁଣି ୧୦ବର୍ଷ। ବେଣୀରାମପୁର ଯାତ୍ରାପାର୍ଟି ଛାଡିବା ପରେ ସେ ଯୋଗଦେଲେ ବୀଣାପାଣି କଳାକୁଞ୍ଜ, ତାରପୁରରେ। ଥରେ ଦେଖନ୍ତୁ, ଦଳବେହେରା, ଆଲେକଜାଣ୍ଡର ପ୍ରଭୃତି ନାଟକମାନଙ୍କରେ ତାଙ୍କର ଜ୍ୱଳନ୍ତ ଅଭିନୟ ଯିଏ ଦେଖିଛି ସେ ଆର୍ତ୍ତବନ୍ଧୁଙ୍କୁ କେବେ ଭୁଲିପାରିବ ନାହିଁ। ଏହାପରେ ସେ ଫେରିଆସିଲେ ତୁଳସୀ ଗଣନାଟ୍ୟକୁ। ଏହି ଦଳରେ ଥିଲାବେଳେ ଭକ୍ତ ମହିଷାସୁର ଓ ଯୋଗଜନ୍ମା ରାବଣ ନାଟକର ନାମ ଭୂମିକାରେ ଅବତୀର୍ଣ୍ଣ ହୋଇ ସିଏ ଯେଉଁ ଉତ୍କୃଷ୍ଟ ଅଭିନୟ ପ୍ରଦର୍ଶନ କରିଥିଲେ, ତାହା ଆଗାମୀ ଅନେକ ବର୍ଷପାଇଁ ଦର୍ଶକମକାନଙ୍କ ମନର ପରଦାରେ ଝଲମଲ ହେଉଥିବ। ତୁଳସୀରୁ ରାଜେଶ୍ୱରୀ, ସାବିତ୍ରୀ ଗଣନାଟ୍ୟ, ବାଣେଶ୍ୱରୀ, ନାରାୟଣୀ ଅପେରା, ରାଢଙ୍ଗ ଓ ଯାଜପୁରର ଗଜପତି ଗଣନାଟ୍ୟରେ ସଫଳତାର ସହ ଅଭିନୟ ଓ ନିର୍ଦ୍ଦେଶନା ଦେଇ ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେଥିପାଇଁ ତାଙ୍କର ସାମଗ୍ରିକ କଳାକୃତି ନିମନ୍ତେ ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ରୂପେ ପୁରସ୍କୃତ କରାଯାଇଥିଲା ୧୯୯୦ ମସିହାରେ । ଏଥିସହିତ ରାଜ୍ୟ ସରକାର ୧୯୯୧ ମସିହାରେ ମଧ୍ୟ ତାଙ୍କୁ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଭାବେ ସମ୍ମାନିତ କରିଥିଲେ। ଜୀବନରେ ବହୁ ପ୍ରଶଂସାପତ୍ର ପାଇଥିଲେ ହେଁ ସାଧାରଣ ଜୀବନରେ ସେଥିଲେ ବନ୍ଧୁବତ୍ସଳ, ନିରଅହଂକାରୀ ଓ ଜଣେ ଅତି ସାଧାରଣ ମଣିଷ।

ଜଣେ ଦକ୍ଷ କଳାକାର ଓ ଉଚ୍ଚମାନର ନିର୍ଦ୍ଦେଶକ ହିସାବରେ ଆର୍ତ୍ତବନ୍ଧୁ କେବଳ ଓଡ଼ିଶା କାହିଁକି ଓଡ଼ିଶା ବାହାରେ ମଧ୍ୟ ସୁନାମ ଅର୍ଜନ କରିଥିଲେ। ନାଟ୍ୟ ଜଗତରେ ଆର୍ତ୍ତବନ୍ଧୁ ରାଉତରାୟଙ୍କୁ ନଜାଣେ କିଏ ? ମନେପଡେ ତତ୍କାଳୀନ ବିଶିଷ୍ଟ କଳାକାର ଭାଗବତ ସ୍ୱାଇଁ, ଶ୍ୟାମବାବୁ, ଉତ୍ତମ ପାଳ ଆଦିଙ୍କ କଥା। କିନ୍ତୁ ସିଏ ଥିଲେ ଅଭିନୟରେ ଓସ୍ତାଦ। ତାଙ୍କ ଅଭିନୟ ଥିଲା ଜୀବନ୍ତ ଓ ହୃଦୟ ସ୍ପର୍ଶୀ। ଯଥାର୍ଥରେ ସେଥିଲେ ଯାତ୍ରା ଆକଶରେ ଧ୍ରୁବତାରା ସଦୃଶ। ସିଏ ହସି ହସାଇଛନ୍ତି, କାନ୍ଦି କନ୍ଦାଇଛନ୍ତି, ଦର୍ଶକମାନଙ୍କର ହୃଦୟକୁ ଜୟ କରିପାରିଛନ୍ତି ତାଙ୍କ ଅଭିନୟ ଚାତୁରୀରେ। ଯେ ତାଙ୍କ ଅଭିନୟ ଦେଖିଛି ସେ ଭୁଲିନାହିଁ, ଭୁଲିପାରିବନାହିଁ ଜୀଇଁ ଥିବା ପର୍ଯ୍ୟନ୍ତ। ବିଶେଷ କରି କରୁଣ ରସ ସୃଷ୍ଟି କରିବାରେ ସେ ଥିଲେ ମାହିର। ସେଥିପାଇଁ ତାଙ୍କୁ ହିନ୍ଦୀ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଳାକାର ଦୀଲିପ୍ କୁମାରଙ୍କ ପରି ଟ୍ରାଜିକ୍ ହିରୋର ମାନ୍ୟତା ଦିଆଯାଇଥିଲା। ଖାଲି ସାବତ ମା' ନାଟକର କୁନାଳ ଚରିତ୍ର ନୁହେଁ ପ୍ରତ୍ୟେକ ନାଟକରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖୁଥିଲା। ଦିନକର ଘଟଣା ସେ ନାଟକ ଭକ୍ତ ମହିଷାସୁର ନାଟକରେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରୁଥିଲେ। ସେଥିରେ ତାଙ୍କ ମହିଷାସୁର ଅଭିନୟ ଏତେ ଜୀବନ୍ତ ଥିଲା ତାହା ଭାଷାରେ ପ୍ରକାଶ କରିହେବନାହିଁ। ସତେ ଯେମିତି ଲାଗୁଥିଲା ଆର୍ତ୍ତବନ୍ଧୁ ନୁହେଁ ସତସତିଆ ମହିଷାସୁର ଆସି ଯେମିତି ସେ ଅଭିନୟ କରୁଛି। ଆଉ ଗୋଟିଏ ନାଟକ ଥିଲା ଛାଇ ଆଲୁଅ ଯେଉଁଥିରେ ସିଏ ସପନି ବରାଳ ଚରିତ୍ର ସେ ଅଭିନୟ କରୁଥିଲେ ।ଯେଉଁ ପରିବାରକୁ ଦୁଃଖ ପରେ ଦୁଃଖ ମାଡିଆସିଛି ଅନେକ କାରଣରୁ। ବୋଝ ଉପରେ ନଳିତା ବିଡା ପରି ଏହି ଦରଦୀ ଭୂମିକାକୁ ସେ ଅତି ସୁନ୍ଦର ଭାବେ ଚିତ୍ରଣ କରିଥିଲେ। ଆଉ ସାଉଁଟି ଥିଲେ ଦର୍ଶକର କରତାଳି।

୧୯୯୧ ମସିହା ଫେବୃଆରୀ ମାସ ୨୦ ତାରିଖ। ବିଶ୍ୱ ରଙ୍ଗମଞ୍ଚରୁ ଏହି ମହାନ ଅଭିନେତାଙ୍କ ହେଲା ମହାପ୍ରସ୍ଥାନ। ତାଙ୍କ ମର ଶରୀର ମାଟିରେ ମିଶିଯାଇଛି ସତ କିନ୍ତୁ ସ୍ମୃତି ଅମଳିନ ହୋଇ ରହିଛି। ଆଜିବି ଅପେରା ଜଗତରେ ତାଙ୍କ ସମକକ୍ଷ ଅଭିନେତା ଅଛନ୍ତି କି ନାହିଁ ସନ୍ଦେହ। ପ୍ରକୃତରେ ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ, ଅସାମାନ୍ୟ ତଥା ଅପେରା ସମ୍ରାଟ ଥିଲେ। ଏବେ ଅପେରା ନାଟକରେ ଅନେକ ପରିବର୍ତ୍ତନ ଆସିଛି। ଚଳଚ୍ଚିତ୍ର ସହିତ ତାଳ ଦେଇ ଅପେରା ନାଟକ ଗତିଶୀଳ ହୋଇଛି। ଅଭିନେତା ଅଭିନେତ୍ରୀଙ୍କ ସଂଖ୍ୟା ମଧ୍ୟ ବଢିଛି। କିନ୍ତୁ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ଥାନ ଏବେବି ଅପୂରଣୀୟ ହୋଇ ରହିଛି।



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ଜଳସମ୍ପଦ ବିଭାଗ ଅନୁଦାନରେ ଜଳନିକାଶ ବିଭାଜନ କେନ୍ଦ୍ରାପଡା ପକ୍ଷରୁ ରାଜନଗର ବ୍ଲକ ଚାନ୍ଦିବାଂଉଶମୂଳ ଗୁପ୍ତି ଓ ମହୁଲିଆ ହରିଶପୁରୁ ପାଟନାଳୀର ପୁନଃରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ୫କୋଟି ଟଙ୍କାର ହେବାକୁ ଥିବା ଦୁଇଟି ପାଟନାଳିର ପୁନଃରୁଦ୍ଧାର ପାଇଁ ଶିଳାନ୍ୟାସ କରାଯାଇ ନାମ ଫଳକ ମରାଯାଇଥିବା ବେଳେ ପୁନଃରୁଦ୍ଧାର କାର୍ଯ୍ୟର ସମ୍ପୂର୍ଣ୍ଣ ଅଟକଳର ବିବରଣୀ ଫଳକ ମରାଯାଇନାହିଁ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତୀଭା ପାତ୍ର, ବିଜେଡି ବ୍ଲକ ସଭାପତି ତଥା ସରପଞ୍ଚ ନିରଞ୍ଜନ ରାଉତ, ସୁଶ୍ରୀ ସଙ୍ଗୀତା ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ପ୍ରହନ୍ନ ପରିଡା, ବିଜୟ ନାୟକ, ପ୍ରଦୀପ ଲେଙ୍କା, ବାଇଧର ସେଠି, ବାଇଧର ମହାସେଠୀ, ଦେବେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ରଞ୍ଜନ ମହାନ୍ତି, ଆର୍ତ୍ତ ବନ୍ଧୁ ମହାନ୍ତି, ଇତିଶ୍ରୀ ମହାପାତ୍ର, ସସ୍ମୀତା ସ୍ୱାଇଁ, ସୁମିତ୍ରା ସେଠି, ମୋହନ ଦାସ, ବାବୁଲୀ ପରିଡା ପ୍ରମୁଖ ଯୋଗ ଦେଇଥିବା ଦେଖିବାକୁ ମିଳିଛି।

## ଭିଜିଲାନ୍ସ ଜାଲରେ ସରକାରୀ ବାବୁ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଜାଲରେ କେନ୍ଦୁଝର ଭୂ-ଅର୍ଜନ (ସାଧାରଣ) ଉପ ବିଭାଗର ଡେପୁଟି କଲେକ୍ଟର ଶରତ ଗିରି। କେନ୍ଦୁଝର ଜିଲ୍ଲା ବନାଯୋଡ଼ିର ଚିତ୍ରସେନ ବ୍ରହ୍ମଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଛି ଭିଜିଲାନ୍ସ ବିଭାଗ। ୨୦ ନମ୍ବର ଜାତୀୟ ରାଜପଥର ବନାଯୋଡି ଦେଇ ଯାଇଥିବା ୬ ଥାକିଆ ରାସ୍ତା ବା ୬ ଲେନ ରାସ୍ତା ପାଇଁ ଚିତ୍ରସେନ ବ୍ରହ୍ମଙ୍କର ଦେଢ଼ ଏକର ଜମି ପାଇଁ ସେ ୬ ଲକ୍ଷ ୯୬ ହଜାର ଟଙ୍କା କ୍ଷତିପୂରଣ ପାଇବାର ଥିଲା। ହେଲେ ଏହି ଟଙ୍କା ଦେବାକୁ ଶରତ ଗିରି ୧୦ ପ୍ରତିଶତ ହିସାବରେ ୭୦ ହଜାର ଟଙ୍କା ଲଞ୍ଚ ମାଗିଥିଲେ। ତେଣୁ ଆଜି ୫୦ହଜାର ଟଙ୍କା ଲାଞ୍ଚ ନେଉଥିଲେ ଡେପୁଟି କଲେକ୍ଟର। ପୂର୍ବ ଯୋଜନା ଅନୁଯାୟୀ ଏହି ଲାଞ୍ଚ ଦେଉଥିବା ବେଳେ ମାଡି ବସିଲା ଭିଜିଲ୍ଲାନ୍ସ ବିଭାଗ। ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଯୁବକଙ୍କ ଦବଙ୍ଗଗିରି

## ଅଟେଣ୍ଡାଣ୍ଟଙ୍କୁ ଆକ୍ରମଣ, ଯୁବକଙ୍କ କାରନାମା ସିସିଟିଭିରେ କଏଦ




ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କୋହଳ ହେତୁ ଦୁର୍ଘଟଣଗ୍ରସ୍ତ ଜଣେ ଯୁବକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଶି ପ୍ରତିଶେଧକ ଫୋପଡ଼ା ଫୋପଡ଼ି କରିବା ସହ କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ କରିଛି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଉଦ୍ଧତ ଯୁବକକୁ ବୁଝାଶୁଝା କରିଥିଲେ ମଧ୍ୟ ଯୁବକଜଣକ ପୋଲିସ କଥା ନମାନି ଗଡରେଜ ଖୋଲି ଫିଙ୍ଗାଫୋପଡା କରିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଯୁବକଙ୍କ କାରନାମା ସିସି ଟିଭିରେ କଏଦ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରାତ୍ରରେ ଜୈନାବାଦ ମଲିକ ସାହିର ରାଜେଶ ନାମକ ଯୁବକ ବାଇକରୁ ପଡି ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟ ନିତ୍ୟାନନ୍ଦ ସ୍ୱାଇଁ ଡ୍ରେସିଂ ରୁମ୍‌ରେ ଯୁବକଙ୍କ ପଟି ବାନ୍ଧୁଥିବା ବେଳେ କାହିଁକି ଏଡ଼େଜୋରରେ ପଟି ବାନ୍ଧୁଛ କହି ଯୁବକ ନିତ୍ୟାନନ୍ଦକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଧକ୍କା ମାରିବା ସହ ଡ୍ରେସିଂ ରୁମ୍‌ରେ ଥିବା ଆସବାବ ପତ୍ର ଫିଙ୍ଗାଫୋପଡା କରିଥିଲେ। ଡ୍ରେସିଂ ରୁମ୍‌ରେ ଥିବା ଗଡରେଜକୁ ଖୋଲି ବେଟାଡିନ୍ ବୋତଲକୁ ଫୋପାଡି ଦେଇଥିଲେ। ଜଣେ କନେଷ୍ଟବଳ କୌଣସି କାରଣ ନେଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିବା ବେଳେ କନେଷ୍ଟବଳ ଯୁବକଙ୍କୁ ବୁଝାଇଲେ ମଧ୍ୟ ଯୁବକ କୌଣସି କଥା ନଶୁଣି କଳି କରିଥିଲା। ସମସ୍ତ ଘଟଣା ସିସି ଟିଭିରେ କଏଦ ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ'ଣ ପାଇଁ ଥାନାରେ ଅଭିଯୋଗ କରିନାହାଁନ୍ତି, ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଅବକାରୀ ଚଢ଼ାଉ ବେଳେ ହଜାର ହଜାର ଲିଟର ନକଲି ମଦ ଜବତ



ଚିକିଟି/ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଚିକିଟି ଅବକାରୀ ରେଞ୍ଜ ନିରୀକ୍ଷକ ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜରଡା ଥାନା ଅନ୍ତର୍ଗତ ପଳାସପୁର, ନିମି ଗାଁ, ତୁରୁବୁଡ଼ି, କମ୍ପ କୁମ୍ଭଝରି ଆଦି ଗ୍ରାମ ରେ ଚଢ଼ଉ କରାଯାଇଥିଲା। ଚଢ଼ାଉରେ ପଳାସପୁର ଗ୍ରାମର ଡ଼ମ୍ବୁରୁ ଶବର (୩୬ବର୍ଷ), ବାସୁ ଶବର (୬୦ ବର୍ଷ), ନିମିଗାଁ ର ଜଟିଆ ଜାନି (୬୦ବର୍ଷ), କୁରା ଜାନି (୫୮ବର୍ଷ) ଓ କମ୍ପ କୁମ୍ଭଝରି ଗ୍ରାମର ମାଗୁଣି ଶବର ( ୭୬ ବର୍ଷ)ମାନଙ୍କ ଠାରୁ ମୋଟ ୩୦୫ଲିଟର ଅପମିଶ୍ରିତ ଦେଶୀ ଚୋରା ରନ୍ଧାମଦ ଜବତ କରାଯାଇ ସେମାନଙ୍କୁ ଘଟଣା ସ୍ଥଳରେ ଗିରଫ କରାଯାଇଥିଲା। ମାନ୍ୟବର ପାତ୍ରପୁର ଯେଏମଏଫସିଙ୍କ କୋର୍ଟରେ ହଜାର କରାଯାଇ, ସେମାନଙ୍କ ର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର କାରାଗାରକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ଏଏସ ଆଇ ଆର ଲକ୍ଷ୍ମୀରେଡ୍ଡୀ, ବସନ୍ତ କୁମାର ମଲ୍ଲିକ, ଅବକାରୀ କର୍ମଚାରୀ ସାହେବ ଶବର, ହର ପ୍ରସାଦ ମଲ୍ଲିକ, ବଳରାମ ପାତ୍ର, ପ୍ରଫୁଲ୍ଲ କୁମାର ବେହେରା, ଅଂଶୁମାନ ପରିଡ଼ା ଏବଂ ଦିଗପହଣ୍ଡି ଓ ଗୋଳନ୍ତରା ଅବକାରୀ କର୍ମଚାରୀ ସାମିଲ ଥିଲେ।

# ପାଲା କଳାକାର ସଂଘର ବାର୍ଷିକ ସମ୍ମିଳନୀ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ପୋର୍ଟ ବଣିକ ସଂଘ ସହଯୋଗରେ ବଡ଼ପଡ଼ିଆ ସ୍ଥିତ ଦୁର୍ଗା ମନ୍ଦିର ପରିସରରେ ଦୁଇଦିନ ବ୍ୟାପି ମିଳିତ ପାଲା କଳାକାର ସଂଘର ବାର୍ଷିକ ସମ୍ମିଳନୀ ମଙ୍ଗଳବାର ଓ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ସଂଘର ସଭାପତି ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ସଭାରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଲୁପ୍ତ ହେବାକୁ ଯାଉଥିବା ଓଡ଼ିଶାର ସର୍ବପୁରାତନ ଲୋକ ସଂସ୍କୃତି ଓ ଏହାର କଳାକାରମାନଙ୍କର ଉତଥାନ ନିମିତ୍ତ ପାଲା କଳାକାର ସଂଘର ଉଦ୍ୟମକୁ ଉଚ୍ଚପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ୧୫ ନମ୍ବର ୱାର୍ଡ ପାରିଷଦ ସୌଦାମିନୀ ସାହୁ, ଶାରଳା ପାଲା କଳାକାର ସଂଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ଅବିଭକ୍ତ କଟକ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ପାରାଦୀପ ପୋର୍ଟ ବଣିକ ସଂଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ସମାଜସେବୀ ତଥା ଶ୍ରମିକ ନେତା ରାକେଶ ପଟ୍ଟନାୟକ, ବଣିକ ସଂଘ କାର୍ଯ୍ୟକର୍ତ୍ତା ଗୋଲେଖ ଚନ୍ଦ୍ର ସାହୁ, ଅମୀୟ କୁମାର ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ପାଲା ସଂସ୍କୃତିର ସୁରକ୍ଷାଦିଗରେ ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଦୁଇଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ସହଯୋଗୀତା ପାଲା ପରିବେଷଣ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯାତ୍ରା କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ଯୁବ ସମାଜସେବୀ

ଆଳି, (ଭାସ୍କର ନ୍ୟୁଜ୍): ଯାତ୍ରା ମଉଡମଣୀ ଶିବାନୀ ଗଣନାଟ୍ୟର ଭେଟେରାନ କଳାକାର ତଥା ଅପେରା ଶିବାନୀ ଗଣନାଟ୍ୟର ନାୟକ ଗୌର ଦାସଙ୍କୁ ଚଳିତ ଋତୁରେ ଭରିଗଦା କ୍ୟାମ୍ପରେ ସମ୍ବର୍ଦ୍ଧିତ କରାଯାଇଛି। ଆଳି କଳସପୁର ଅଞ୍ଚଳର ଯୁବ ସମାଜସେବୀ ତଥା ସେଫଟି ଇଞ୍ଜିନିୟର ସୁବ୍ରତ ପାଣ୍ଡବ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବାନୀ ଗଣନାଟ୍ୟର ଅନେକ ଜଣାଶୁଣା କଳାକାର ମାନଙ୍କୁ ମଧ ସେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହିତ ନିଜର ଶାମର୍ଥ୍ୟ ଅନୁଯାୟୀ କଳାକାର ସହାୟତା ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ଦେଖିବାକୁ ମିଳିଥିଲା। ସୁବ୍ରତ ପାଣ୍ଡବଙ୍କ ଏଭଳି କଳାକାର ମାନଙ୍କ ପ୍ରତି ଭଲପାଇବା ଓ ମହନୀୟତାକୁ ଯାତ୍ରା କଳାକାର ଗୌର ଦାସଙ୍କ ସମେତ ଶିବାନୀ ଗଣନାଟ୍ୟର ଅନେକ କଳାକାର ଭୂୟସୀ ପ୍ରଶଂସା କରିଛନ୍ତି।

# କିଟ ଉପ-କୁଳପତି ଏବଂ ପୀଡ଼ିତ ଛାତ୍ରଛାତ୍ରୀମାନଙ୍କୁ ଭେଟିଲେ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ କର୍ମକର୍ତ୍ତା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): କିଟ ବିଶ୍ୱବିଦ୍ୟାଳୟ ପରିସରରେ ନେପାଳର ଏକ ଛାତ୍ରୀର ଆତ୍ମହତ୍ୟା ଏବଂ ପରବର୍ତ୍ତୀ ଅବସ୍ଥାରେ ଛାତ୍ରଛାତ୍ରୀମାନଙ୍କ ତୀବ୍ର ଆନ୍ଦୋଳନକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ଏ ସମ୍ବନ୍ଧରେ ପ୍ରକୃତ ତଥ୍ୟ ଜାଣିବା ନିମନ୍ତେ ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏବଂ ଜାତୀୟ ମାନବାଧିକାର ସାମ୍ମୁଖ୍ୟର ସଭାପତି ରମେଶ ଭାରତୀଙ୍କ ନେତୃତ୍ୱରେ ଏକ ୬ଜଣିଆ ଦଳ କିଟ ପରିସରରେ ପହଞ୍ଚି ବିଶ୍ୱବିଦ୍ୟାଳୟର ଉପ-କୁଳପତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଦୀର୍ଘସମୟ ଧରି ଆଲୋଚନା କରିଥିଲେ। ଛାତ୍ରୀ ମୃତ୍ୟୁର ପରବର୍ତ୍ତୀ ଅବସ୍ଥାରେ କର୍ତ୍ତୃପକ୍ଷ ଘଟଣାକୁ ଯେଉଁଭଳି ଭାବରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ତାହା ସମ୍ପୂର୍ଣ୍ଣ ଭୁଲ୍ ଥିଲା। ଶୁନ୍ୟ ସହନଶୀଳତା ଏବଂ ବିବେକ ବୋଧ ସହ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ ହୁଏତ ଘଟଣା ଏତେ ବାଟ ପର୍ଯ୍ୟନ୍ତ ଯାଇନଥାନ୍ତା ବୋଲି ଆମର ମତାମତ ସହ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଏକମତ ହେବାସହ ଏହା ଅନୁଷ୍ଠାନର ପ୍ରଶାସନିକ ବିଫଳତା ବୋଲି ମଧ୍ୟ ସ୍ୱୀକାର କଲେ। ହଷ୍ଟେଲ ଛାଡିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୮୦% ଛାତ୍ରଛାତ୍ରୀ ହଷ୍ଟେଲ ଫେରି ଆସିଥିବା ସମ୍ପର୍କରେ ସୂଚନା ଦେବାସହ ପ୍ରତ୍ୟେକ ନେପାଳୀ ଛାତ୍ରଛାତ୍ରୀଙ୍କ ସହ ଅଧିକାରୀମାନେ ଯୋଗାଯୋଗରେ ଅଛନ୍ତି ବୋଲି ମଧ ଜଣାଇଲେ। ଏହାପରେ ପୀଡ଼ିତ କିଛି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଉଦବେଗ ଏବଂ ସମସ୍ୟା ବିଷୟରେ ମଧ ଅବଗତ ହେବା ସହ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଯାହା ବି ନ୍ୟାୟିକ ପଦକ୍ଷେପ ନେବାକୁ ପଡ଼ିବ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଗଲା। ଆଜିର ଏହି ବୈଠକରେ ମାନବାଧିକାର ସାମ୍ମୁଖ୍ୟର ଉପସଭାପତି ତପନ ପତି, ଅଭିଭାବକ ମହାସଂଘର କର୍ମକର୍ତ୍ତା ତାପସ ଦାସ, ଅନନ୍ତ ରାଉତ୍ ଏବଂ ଶିଶିର ସାହୁ ଆଦି ଉପସ୍ଥିତ ଥିଲେ।

## ପ୍ରତିଷ୍ଠା ହେଲା ଜାତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକର କୋଷ୍ଠା ଠାରେ ପ୍ରତିଷ୍ଠା ହେଲା ଜାତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଚିପ ଜେନେରାଲ ମେନେଜର ଭୁବନେଶ୍ୱର ଶ୍ରୀ ଦିନେଶ ପୃଷ୍ଟି, ଜେନେରାଲ ମେନେଜର ବାଲେଶ୍ୱର ଶୋଇଲେସ କୁମାର ସିଂହ ଏବଂ ରିଜଓନାଲ ମେନେଜର ଜଗନ୍ନାଥ ଶ୍ରୀ ଚନ୍ଦନ ନାଏକଙ୍କ କରକମଳରେ ଆଜି କୋଷ୍ଠା ଠାରେ ଏକ ଶାଖା ଉଦ୍‌ଘାଟନ ହୋଇଯାଇଛି। ଶୁଳିଆପଦା ଅଞ୍ଚଳବାସୀ ଦୀର୍ଘଦିନ ଧରି ୩୫ କିଲୋମିଟର ବାରିପଦା ଏସବିଆଇ ଶାଖାକୁ ଯାଇ କାର୍ଯ୍ୟକରି ଆସୁଥିଲେ ଯାହାକି ସାଧାରଣ ଲୋକଙ୍କର ସମ୍ଭବ ହୋଇପାରୁ ନଥିଲା। ତେବେ ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଦାବି ପରେ ବୁଧବାର ଶୁଳିଆପଦା ଅଞ୍ଚଳବାସୀଙ୍କ ସପ୍ନ ପୂରଣ ହୋଇଛି। ପ୍ରଥମଦିନରୁ ହିଁ ଗ୍ରାହକ ମାନଙ୍କର ଭିଡ଼ଲାଗିଥିବାର ଜଣାପଡିଛି। ତେବେ ଶୁଳିଆପଦା ବ୍ଲକ୍ କୋଷ୍ଠା ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଉଦ୍‌ଘାଟନ ହେବା ଶୁଣି ଶୁଳିଆପଦା ଅଞ୍ଚଳବାସୀ ଖୁବ ଖୁସିଥିବା ଜଣାପଡିଛି।

# ପାଣିକୋଇଲି କୃଷି ସମବାୟ ସମିତିରେ ଋଣ କେଳଙ୍କାରୀ ଅଭିଯୋଗ




କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ସମବାୟ ସମିତିମାନଙ୍କରେ ବିଭିନ୍ନପ୍ରକାର ଦୁର୍ନୀତିର ଚେର ଲମ୍ବି ଲମ୍ବି ଯାଉଛି। କେଉଁଠି ସାର ବିକା ଦୁର୍ନୀତି ତ କେଉଁଠି ଧାନ କିଣା ଦୁର୍ନୀତି। ଏପରିକି କେଉଁଠି ଚାଷୀଙ୍କ ଅଗୋଚରରେ ସେମାନଙ୍କ ଜମିକୁ ବନ୍ଧକ ଦେଇ ଋଣ ନିଆଯିବା ପରି ଦୁର୍ନୀତି ହେଉଥିବା ଜଣାପଡୁଛି। ଏହିପରି ଏକ କେଳଙ୍କାରୀ ପାଣିକୋଇଲି କୃଷି ସମବାୟ ସମିତି ସମ୍ପାଦକଙ୍କ ନାମରେ ଆସିଛି। ସମବାୟ ସମିତିରେ ଥିବା ମେମ୍ବର ଥିବା ସନାତନ ବେହେରା ନାମକ ଚାଷୀଙ୍କ ନାଁ'ରେ ଜମି ଥିବା ବେଳେ କୃଷ୍ଣଚନ୍ଦ୍ର ବେହେରା ସେହି ଜମି ଦେଇ ସମିତିରୁ ୫୦ହଜାର ଟଙ୍କା ଋଣ ନେଇଯାଇ ଥିବା ଇସି ରିପୋର୍ଟରୁ ଜାଣିବାକୁ ପାଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଚାଷୀ ଜଣକ ସମିତିର ସମ୍ପାଦକ ସୁଦର୍ଶନ ପରିଡାଙ୍କୁ ପଚାରିବାରୁ ସେ କିଛି ନବୁଝି କାଗଜକୁ ଫୋପାଡି ଦେଇ ଯାଅ ମୋ ନାରେ କୋଉଠି ଅଭିଯୋଗ କରିବ ମୋର କେହିକିଛି କରିପାରିବେନି କହିଥିଲେ ବୋଲି ଚାଷୀ ସନାତନ ବେହେରା ଅଭିଯୋଗ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ କି ସମବାୟ ସମିତିରୁ ଚାଷୀ ଋଣ ନେବାକୁ ହେଲେ ପ୍ରଥମେ ଜମିମାଲିକ ସବରେଜିଷ୍ଟର କାର୍ଯ୍ୟାଳୟରେ ଜମିର ତଥ୍ୟ ବାହାର କରି ସମବାୟ ସମିତି ନାମରେ ଜମିକୁ ଏଗ୍ରୀମେଣ୍ଟ କଲା ପରେ ପ୍ରକୃତ ଜମି ମାଲିକକୁ ଋଣ ମିଳିଥାଏ, କିନ୍ତୁ କିଭଳି ସବରେଜିଷ୍ଟର ଜମି ନଥିବା ଲୋକ ନାମରେ ତଥ୍ୟ ପ୍ରଦାନ କଲେ ଓ ସେହି ତଥ୍ୟ ବଳରେ ସମ୍ପାଦକ କିପରି ଏଗ୍ରିମେଣ୍ଟ କରି ଋଣ ପ୍ରଦାନ କଲେ ତାହା ଏକ ପ୍ରଶ୍ନବାଚି ସୃଷ୍ଟି କରିଛି। ପ୍ରକୃତ ଜମି ମାଲିକ ସନାତନ ବେହେରା ଅଭିଯୋଗ କ୍ରମେ ସବରେଜିଷ୍ଟର ଓ ସମବାୟ ସମିତିର ସମ୍ପାଦକ ହାତ ଗୁଞ୍ଜା ନେଇ ଏଭଳି ଚଞ୍ଚକତା କରିଥିବା କହିଛନ୍ତି। ସୂଚନା ଯୋଗ୍ୟକି ଯାଜପୁର ରୋଡ ରେ ଥିବା ସବ୍ରେଜେଷ୍ଟର ଭୋଳାନାଥ ବେହେରା ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟାଳୟରେ ଦୁର୍ନୀତି କରୁଥିବା ଅଭିଯୋଗ ହେଉଥିବା ବେଳେ ଆଜି ଏହି ଅଭିଯୋଗ ରୁ ସ୍ପଷ୍ଟ ଜଣାପଡୁଛି ଜେ ଟଙ୍କା ଦେଲେ ବାବୁ କଳାକୁ ଧଳା କରିଦେବେ ବୋଲି ଯାହା ଚର୍ଚ୍ଚା ହେଉଛି। ଏନେଇ ଚାଷୀଜଣକ ପାଣିକୋଇଲି ଥାନାରେ ଋଣ ନେଇଥିବା ବ୍ୟକ୍ତି ଓ ସମ୍ପାଦକଙ୍କ ନାମରେ ଗତ ୩ଦିନ ହେଲା ଲିଖିତ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ଏତେଲା ହୋଇନଥିବା ସୂଚନା ମିଳିଛି। ଉଚ୍ଚ କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ତଦନ୍ତ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଅଭିଯୋଗକାରୀ ଗୁହାରି କରିଛନ୍ତି।

## ୧୧ଟି ୟୁକାଲିପଟାସ କାଠଗଣ୍ଡି ଜବତ

ବାରିପଦା, (ଭାସ୍କର ନ୍ୟଜ): ମୟୂରଭଞ୍ଜ ଜିଲ୍ଲା ବେତନଟି ବନବିଭାଗ ଗତକାଲି ସନ୍ଧ୍ୟାରେ ୧୧ଟି ୟୁକ୍ୟାଲିସ ପଟାସ କାଠଗଣ୍ଡି ଜବତ କରିଛି। ସୂଚନା ମୁତାବକ, ଉକ୍ତ ରେଞ୍ଜ ଅଧୀନ ମୋରଡା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତର ମସର୍ଦା ଗ୍ରାମ ନିକଟରେ ବେଆଇନ ଭାବେ ଉକ୍ତ ପଟାସ ଗଛ କଟା ହୋଇଥିବାର ଖବର ପାଇ ଫରେଷ୍ଟର ଦୀପକ କୁମାର ପାତ୍ର, ବନବିଭାଗ କର୍ମଚାରୀ ଶୁଭାଶିଷ ସାହୁ, ବିଜୟ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ କାଠ ଲଗକୁ ଜବତ କରିଛନ୍ତି ଏବଂ ଏକ ପିକଅପ ଯୋଗେ ଜବତ କାଠ ଲଗକୁ ବେତନଟିସ୍ଥିତ ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଛି। ତେବେ ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି।

## ଚୋରା ବାଲି ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ମୋରଡାଥାନା ପୋଲିସ ସକ୍ରିୟ ଥିବା ବେଳେ ଚିତ୍ରଡା ଫାଣ୍ଡି ନିଷ୍କ୍ରିୟ ହୋଇପଡିଥିବା ଖୋଲାଖୋଲି ଆଲୋଚନା ହେଉଛି। ଚିତ୍ରଡା ଫାଣ୍ଡି ଅଞ୍ଚଳର ବିଭିନ୍ନ ସ୍ଥାନରୁ ରାତି ଦିନ ୨୪ ଘଣ୍ଟା ବାଲି ଚୋରା ଚାଲାଣ ହୋଇ ବାହାର ଜିଲ୍ଲା ଓ ରାଜ୍ୟକୁ ଚାଲାଣ ହେଉଛି। ଅପରପକ୍ଷରେ ମାଇନିଙ୍ଗ ବିଭାଗ ଚୁପ୍‌ଚାପ୍ ରହୁଥିବା ଖୋଲାଖୋଲି ଅଭିଯୋଗ ହେଉଛି। ବିଶେଷ ଭାବେ ଘୋଳମୁହାଁ ନଦୀ ଘାଟରୁ ଭୋର ୩ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ବେଧଡକ ଭାବେ ଚିତ୍ରଡା ଓ ଶୀର୍ଷାପାଳ ଛକ ରାସ୍ତା ହୋଇ ବାଲି ଗାଡି ଚାଲିଛି। ଉକ୍ତ ଛକ ଠାରୁ ଫାଣ୍ଡି ହେଉଛି ମାତ୍ର ୨୦୦ ମିଟର। ତଥାପି ଫାଣ୍ଡି ଅଧିକାରୀଙ୍କ ନଜରରେ ନପଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସେହିପରି ଗୁହଳାଡିହା ନଦୀଘାଟରୁ ମଧ୍ୟ ବିଳମ୍ବିତ ରାତ୍ରରେ ବେଧଡକ ବାଲି ଚୋରି ହୋଇ ବଡବଡ ଡମ୍ପରରେ ବାଲି ଚାଲାଣ ହୋଇ ଚିତ୍ରଡା ଫାଣ୍ଡି ସାମ୍ନା ରାସ୍ତାରେ ଯାଉଛି। ତଥାପି ଫାଣ୍ଡି ଅଧିକାରୀଙ୍କ ନଜର ପଡୁନାହିଁ। ଯାହାକୁ ନେଇ ଛକ ବଜାର ରେ ଆଲୋଚନା ହେଉଛି ଫାଣ୍ଡି ପୋଲିସ ଶୋଇପଡିଛି। ମୋରଡା ଥାନା ପୋଲିସ ସକ୍ରିୟ ଥିବା ବେଳେ ଫାଣ୍ଡି ପୋଲିସ ନିଷ୍କ୍ରିୟ ହୋଇପଡିଥିବା ଖୋଲାଖୋଲି ସବୁଠି ଆଲୋଚନା ହେଉଥିବା ଲକ୍ଷ୍ୟ କରାଯାଉଛି। ତେବେ ଆଜି ମୋରଡା ପୋଲିସ ପକ୍ଷରୁ ଏକ ଚୋରା ବାଲି ଟ୍ରାକ୍ଟର ସହିତ ଡ୍ରାଇଭରକୁ ଗଡିଗାଁ ନିକଟରୁ ଧରାଯାଇଛି। ଗିରଫ ଡ୍ରାଇଭର ଜଣକ ହେଉଛନ୍ତି ଚିତ୍ରଡା ଗ୍ରାମର କରମ ଚାନ୍ଦ ମହାନ୍ତ ବୋଲି ଜଣାପଡିଛି। ଯାହାକୁ ନେଇ ମୋରଡା ଥାନା ରେ ୪୫/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଯାହାକୁ ନେଇ ମୋରଡା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିବା ମଧ୍ୟ ଜଣାପଡ଼ିଛି।

# ବ୍ଲକ୍ ସମ୍ମିଳନୀ କକ୍ଷରେ ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦର ସମାଧାନ ବୈଠକ




ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ସମ୍ମିଳନୀ କକ୍ଷରେ ବାଲିଛାଇ ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ରହ୍ମପୁର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଡେପୁଟି କଲକ୍ଟର ଅମିତ ରଞ୍ଜନ, ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ବିଡିଓ ସାଗରିକ ଷଡଙ୍ଗୀ, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ, ଏ.ଏସ.ଆଇ ଶୁଭାଶିଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଗତ ୨୦୦୦ ମସିହାରେ ବାଲିଛାଇ ଗ୍ରାମର ପ୍ରାୟ ୫୦ ଟି ହରିଜନ ପରିବାର ଛୁଆଁ ଅଛୁଆଁ ଜାତିଗତ ଭେଦଭାବକୁ ନେଇ ଗ୍ରାମର କିଛି ସବର୍ଣ୍ଣ ବ୍ୟକ୍ତି ସେମାନଙ୍କୁ ସାମାଜିକ ବାସନ୍ଦ କରିଥିଲେ। ଗାଁ'ଦାଣ୍ଡରେ ସର୍ବସାଧାରଣ ରାସ୍ତାରେ ସେମାନଙ୍କୁ ଯିବା ଆସିବା ମନା କରାଯାଇଥିଲା। ବାଲିଛାଇ ଗ୍ରାମର ମନ୍ଦିର, ହୋଟେଲକୁ ପ୍ରବେଶ ମନା, ସ୍କୁଲରେ ପିଲା ମାନଙ୍କୁ ପାଠ ପଢିବା ପାଇଁ ମନା, ଗାଁ ପୋଖରୀରେ ଗାଧୋଇବା ମନା, ନଳକୂପରେ ପାଣି ଆଣିବା ମନା, ଦୋକାନରୁ ସଉଦା ଆଣିବା ମନା କରାଯାଇଥିଲା। ସେତେବେଳ ବାଲିଛାଇ ଗ୍ରାମର ଅସାମାଜିକ ସବର୍ଣ୍ଣ ବ୍ୟକ୍ତି ମାନେ ଏକତ୍ରିତ ହୋଇ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଠେଙ୍ଗା, ବାଡି, ଖଣ୍ଡାକାତି,କୁରାଡି ହାତରେ ଧରି ଅଶ୍ଲୀଳ ଭାଷାରେ ସେମାନଙ୍କୁ ଗାଳି ଗୁଳଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଅସବର୍ଣ୍ଣ ଜାତିର ପରିବାର ବର୍ଗର ଆବାଳବୃଦ୍ଧ ସମସ୍ତଙ୍କୁ ରକ୍ତାକ୍ତ କରି ମାରଣାତ୍ମକ ଆକ୍ରମଣ ସହ ମହିଳା, ଯୁବତୀ ମାନଙ୍କୁ ଟଣାଓଟରା, ବଳାତ୍କାର ଉଦ୍ୟମ, ଘରର ସମସ୍ତ ଆସବା ପତ୍ର, ଧାନ, ଚାଉଳ, ମୁଗ, ବିରି, କୋଳଥ, ମାଣ୍ଡିଆ, ବିହନ ସବୁ ଲିଟି ନେଇଥିଲେ। ସେମାନଙ୍କ ପକ୍କାଘର ସହିତ ସମସ୍ତ ବାସଗୃହ ଭାଙ୍ଗି ଦେଇଥିଲେ। ଶେଷରେ ସମସ୍ତ ପରିବାର ସଦସ୍ୟଙ୍କୁ ଗ୍ରାମରୁ ଜୋର ଜବରଦସ୍ତ ବାହାର କରିଦେଇଥିଲେ। ବାଲିଛାଇ ଗ୍ରାମର ବିତାଡିତ ପରେ ଦିର୍ଘ ୨୫ ବର୍ଷ ହେଲା ରାଜ୍ୟର ବିଭିନ୍ନ ଜିଲ୍ଲାଓ ରାଜ୍ୟ ବାହାରେ ଖାଇବାକୁ ନ ପାଇ ଏଣେତେଣେ ଘୁରି ବୁଲିବା ସହ ଯାଯାବର ଜୀବନ ବିତାଉଛନ୍ତି। ଏହି ସମୟ ଭିତରେ ଅଧିକାଂଶ ସଦସ୍ୟ ଖାଇବାକୁ ନ ପାଇ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିସାରିଛନ୍ତି। ଅନେକ ବର୍ଷ ପରେ ନିଜ ଗ୍ରାମ ଭିଟାମାଟିକୁ ଫେରିବା ପାଇଁ ପ୍ରଶାସନ ନିକଟରେ ଦ୍ୱାରସ୍ତ ହେବା ସହ ଯୁଦ୍ଧ କାଳିନ ଭିତିରେ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଥଇଥାନ ପାଇଁ ଅନୁରୋଧ କରିଥିଲେ। ଏନେଇ ଅନେକ ଥର ଆଲୋଚନା ହୋଇଥିଲେ ମଧ କୌଣସି ସୁଫଳ ମିଳିଥିଲା। ପୁଣି ବାଲିଛାଇ ଗ୍ରାମର ଅସବର୍ଣ୍ଣ ପରିବାର ବର୍ଗ ସାତ ଦଫା ଦାବୀ ନେଇ ପ୍ରଶାସନକୁ ଜଣାଇ ଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠିକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ସରକାରଙ୍କ ପକ୍ଷରୁ ସେମାନଙ୍କ ଜୀବନଧାରଣ ଓ ବଚିଂବା ପାଇଁ ବିସ୍ଥାପିତ ମାନଙ୍କୁ ପୁନଃ ଥଇଥାନା କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଆଲୋଚନାରେ ବାଲିଛାଇ ଗ୍ରାମ୍ୟ କମିଟି ସହ ଅସବର୍ଣ୍ଣ ପରିବାର ବର୍ଗର ଲୋକ ମାନେ ଯୋଗ ଦେଇଥିଲେ। ଆସନ୍ତା ଫେବୃୟାରୀ ୨୪ ତାରିଖ ଦିନ ବାଲିଛାଇ ଗ୍ରାମରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ବିସ୍ଥାପିତ ଅସବର୍ଣ୍ଣ ପରିବାର ବର୍ଗ ଲୋକଙ୍କ ଥିବା ଜାଗାର ସୀମା ଚିହ୍ନଟ ପ୍ରକ୍ରିୟା ହେବା ନେଇ ସୂଚନା ପ୍ରଦାନ କରା ଯାଇଥିଲା। ଏହାପରେ ପ୍ରତ୍ୟେକ ପରିବାର ଲୋକଙ୍କୁ ସେମାନଙ୍କ ମୌଳିକ ଅଧିକାର ସ୍ୱରୂପ ବିଜୁଳି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ ସାଙ୍ଗକୁ ଅନ୍ୟାନ୍ୟ ସାମାଜିକ, ଆର୍ଥିକ କ୍ଷେତ୍ରରେ ସୁରକ୍ଷା ସହ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ପୂର୍ବରୁ ପ୍ରଶାସନ ପକ୍ଷରୁ ସରକାରଙ୍କ ପକ୍କା ଘର ଯୋଜନାରେ ବାସଗୃହ ନିର୍ମାଣ ଓ ପୁନଃ ଥଇଥାନ ନିଷ୍ପତ୍ତି, ଗ୍ରାମରେ ଶାନ୍ତି ରକ୍ଷା ନିମନ୍ତେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ସ୍ଥାୟୀ ପୋଲିସ ଫାଣ୍ଡି ସ୍ଥାପନ ଏବଂ ଗଞ୍ଜାମ ଏସ.ପି, ଆସିକା ଏସଡିପିଓ ଓ ଥାନା ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥିଲା।

# ଗୋପ ବ୍ଲକରେ ଭତ୍ତା ଦୁର୍ନୀତି

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଭତ୍ତାରେ ବ୍ୟାପକ ଅନିୟମିତା ହେଉଥିବା ଅଭିଯୋଗ ହେଉଛି। ଯାହାକୁ ଏବେ ମିଳିମିଶି ଚାପିଦେବାକୁ ବ୍ଲକ ପ୍ରଶାସନ ଜୋରସୋର ଉଦ୍ୟମ ଚଳାଇଛି। ଗୋପ ବ୍ଲକ୍ ଦେସ୍ଥଳୀ ପଞ୍ଚାୟତରେ ସୁଭଦ୍ରା ଯୋଜନା ଓ ଭତ୍ତା ଦୁର୍ନିତି ଲୋକଲୋଚନକୁ ଆସିବା ପରେ ଖୋଳତାଡ ଆରମ୍ଭ ହୋଇଛି। ଦୁଇଜଣ ହିତାଧିକାରୀ ସୁଭଦ୍ରା ଅର୍ଥ ଫେରାଇଛନ୍ତି। ମାତ୍ର ଉକ୍ତ ପଂଚାୟତରେ ଏବେ ବି ଏକାଧିକ ଭତ୍ତା ହାତେଇଥିବା ହିତାଧିକାରୀ ସୁଭଦ୍ରା ଯୋଜନା ହାତେଇଥିବା ନେଇ ସମ୍ପୃକ୍ତ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ଗୋପ ବ୍ଲକ ପ୍ରଶାସନ ଏହି ଭତ୍ତା ଦୁର୍ନୀତିକୁ ନେଇ ତତ୍ପରତା ଦେଖାଇଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଏହାକୁ ଚାପିଦେବାକୁ ଉଦ୍ୟମ କରିଛନ୍ତି। ଗୋପ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ଜେନାଙ୍କୁ ଏବେ ଦେସ୍ଥଳୀ ପଂଚାୟତର ଭତ୍ତା ସମ୍ପର୍କିତ ତଥ୍ୟ ମାଗିବାରେ ସେ ଦେବା ଅସମ୍ଭବ ବୋଲି କହିବା ସହିତ ବିଡିଓ କହିଲେ ମୁଁ ଦେବି ବୋଲି କହୁଛନ୍ତି। ଯେଉଁ ଦୁଇଟି ସୁଭଦ୍ରା ଯୋଜନା ହିତାଧିକାରୀ ଭତ୍ତା ହାତେଇ ଥିଲେ ସେମାନେ ଏହି ଅଧିକାରୀଣୀଙ୍କ ସମୟରେ ଭତ୍ତା ପାଇଛନ୍ତି। ଉକ୍ତ ହିତାଧିକାରୀ ମାନଙ୍କର ଦେଇଥିବା ଆଧାର କାର୍ଡର କପିରେ ଜନ୍ମ ତାରିଖ ଅସ୍ପଷ୍ଟ ଥିବା ବେଳେ କିପରି ଭାବେ ଅଧିକାରିଣୀ ଜଣକ ତାଙ୍କୁ ଭତ୍ତା ପ୍ରଦାନ କଲେ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋପ ବ୍ଲକରେ ଏବେ ଭତ୍ତା ଦୁର୍ନୀତିକୁ ନେଇ ଏକ ରାକେଟ୍ ଚାଲିଥିବା ବେଳେ ସମସ୍ତ ପଂଚାୟତର କେତେକ ଦଲାଲଙ୍କ ସମେତ ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଛନ୍ତି ବୋଲି ଗୋପ ବ୍ଲକ ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ଅଭିଯୋଗ କରିଛନ୍ତି। ଗୋପ ବିଡିଓ ଛବିରାଣୀ ସାହୁ କହିଛନ୍ତି ଯେ ଆମେ ଉକ୍ତ ପଂଚାୟତର ସମସ୍ତ ଭତ୍ତା ହିତାଧିକାରୀ ମାନଙ୍କର ସହିତ ସୁଭଦ୍ରା ଯୋଜନା ହାତେଇ ଥିବା ହିତାଧିକାରୀ ମାନଙ୍କର ସମସ୍ତ ତଥ୍ୟକୁ ଯାଞ୍ଚ କରିବା ନିମନ୍ତେ ସାମାଜିକ ସୁରକ୍ଷା ବିଭାଗ ସହିତ ସିଡିପିଓକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏଥିରେ କୌଣସି ହିତାଧିକାରୀ ତ୍ରୁଟିପୂର୍ଣ ତଥ୍ୟ ଦେଇ ଭତ୍ତା ହାତେଇଥିବେ ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀ ସାମିଲ ଥିବେ ତେବେ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ଏ ନେଇ ଦେସ୍ଥଳୀ ପଂଚାୟତର ଉମେଶ ଦାସ କହିଛନ୍ତି ଯେ ଯେଉଁ ଅଧିକାରୀଙ୍କ ସମୟରେ ଏପରି ଦୁର୍ନୀତି ହୋଇଛି ସେହି ଅଧିକାରୀ କିପରି ଭାବେ ଭତ୍ତା ଦୁର୍ନୀତିର ତଦନ୍ତ କରିବେ। ତୁରନ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉକ୍ତ ତଦନ୍ତ ଦାୟୀତ୍ୱରୁ ହଟାଇ ନୂତନ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ଯଦ୍ଦ୍ୱାରା ଏହାର ସଠିକ୍ ତଥ୍ୟ ଲୋକଲୋଚନକୁ ଆସିପାରିବ। ଏହା ଉପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଯଦି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ଆଗାମୀ ଦିନରେ ଦୁର୍ନିତି ନିବାରଣ ମଞ୍ଚ ଏବଂ ଗୋପ ସୁରକ୍ଷା ମଞ୍ଚ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ ଘେରାଉ କରିବେ ବୋଲି ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ଏବଂ ସଚ୍ଚିଦାନନ୍ଦ ଗୋଚ୍ଛାୟତ ଚେତାବନି ଦେଇଛନ୍ତି।




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ଯୋଗାଇ ଦେଉଥିଲେ ମଧ ଏଠାରେ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଅର୍ଥ ହଡପ୍ କରି ନିମ୍ନମାନର କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ପ୍ରମାଣ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାପଡିଛି। ଜିଲ୍ଲାରେ ସୂଚନା କର୍ମୀମାନେ ଭୟ ନ କରି ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଅଧିକାର ଆଇନ ବଳରେ ସଂଗ୍ରହକରି ଗଣମାଧ୍ୟମ ଦ୍ୱାରା ଲୋକଲୋଚନକୁ ଆଣିଲେ ଦୁର୍ନୀତି ରୋକାଯାଇ ପାରିବ ବୋଲି ଦିନ ସାଧନକେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସାମର୍ଥ୍ୟ କ୍ଷମତା ତାଲିମ ଶିବିରରେ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଏହା କହିଛନ୍ତି । ଏଥିସହ କେଉଁ ତଥ୍ୟ ସମ୍ବନ୍ଧରେ ସୂଚନା ମାଗିବେ ସେଥି ନିମନ୍ତେ ନିର୍ଦ୍ଧିଷ୍ଟ ଫର୍ମରେ ସମସ୍ତ ତଥ୍ୟ ଲିଖିତ ଭାବେ ସମ୍ପୃକ୍ତ ବିଭାଗର ସୂଚନା ଅଧିକାରୀଙ୍କ ନିକଟରେ ଦାଖଲ କରିବେ । ସେ ସମ୍ବନ୍ଧରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୁବତୀଯୁବକ ମାନଙ୍କୁ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସୂଚନା ଆଇନ ଆବାହକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଆଇନଜୀବୀ ଅଶୋକ ପଟ୍ଟନାୟକ, ରାମପ୍ରସାଦ ପଟ୍ଟନାୟକ, ଦିଲିପ ପରିଛା, ଲୋକପାଳ ସୁନାଧର ପାଲଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

## ସ୍ୱାଭିମାନ ଅଞ୍ଚଳରେ ସୁଧୁରୁନି ଶିକ୍ଷା ବ୍ୟବସ୍ଥା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗତ କିଛିଦିନ ପୁର୍ବରୁ ବିଦ୍ୟାଳୟରେ ଶିକ୍ଷକ ମାନେ ସଠିକ୍ ସମୟରେ ଆସୁନଥିବା ନେଇ ଗଣମାଧମରେ ଖବର ପ୍ରସାରଣ ହୋଇଥିଲା। ତେବେ ପୁଣିଥରେ ସେହି ଆର.ଏସ୍.ସି-୧୨ ବିଦ୍ୟାଳୟରେ ଶିକ୍ଷାରେ ଅବହେଳା ଦେଖିବାକୁ ମିଳିଛି। କିଏ କାଠ ହାଣିବାରେ ବ୍ୟସ୍ତ ତ ଆଉ କିଏ ତାର ବାଡ଼ ତିଆରି କରିବାରେ ତ ଆଉ କିଏ ଖୁଣ୍ଟ ପୋତିବାରେ ଲାଗିପଡିଛନ୍ତି କୋମଳମତି ଛାତ୍ର। ଆଦିବାସୀ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରେ ନିୟମିତ ଆସିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାର ବିକାଶ କରୁଛନ୍ତି। ହେଲେ କିଛି ଶିକ୍ଷକ ନିୟମିତ ଆସୁନଥିବା ବେଳେ ଆଉ କିଛି ଶିକ୍ଷକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ ପରିବର୍ତ୍ତେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଉଛନ୍ତି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଦର ପଂଚାୟତର ଆର.ଏସ୍.ସି-୧୨ ବିଦ୍ୟାଳୟରେ। ଆଦିବାସୀ ଅଞ୍ଚଳରେ କିଭଳି ଶିକ୍ଷା ବ୍ୟବସ୍ଥା ଚାଲିଛି ଏହି ଚିତ୍ର ସମ୍ପୂର୍ଣ୍ଣ ବୟାନ କରୁଛି। ତେବେ ସ୍ୱାଭିମାନ ଅଞ୍ଚଳରେ ବସବାସ କରୁଥିବା ଛାତ୍ରଛାତ୍ରଙ୍କ ଆଗାମୀ ଦିନର ଭବିଷ୍ୟତ କିଭଳି ଉଜ୍ଜ୍ୱଳମୟ ହୋଇପାରିବ ତାହାକୁ ନେଇ ଚିନ୍ତାରେ ଅଭିଭାକ।

## ଗ୍ରାମାଞ୍ଚଳ ବୁଲି ଦିଦାଇ ସଂପ୍ରଦାୟ ସଂପର୍କରେ ତଥ୍ୟ ସଂଗ୍ରହ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଲା ସ୍ଥିତ ପିଏମ୍ଶ୍ରୀ ନବୋଦୟ ବିଦ୍ୟାଳୟ ହେରିଟେଜ୍ କ୍ଲବର ଛାତ୍ରଛାତ୍ରୀ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଆରଏସି-୧ ଏବଂ



ଆରଏସି-୪ ଗାଁ ପରିଦର୍ଶନ କରିଛନ୍ତି। ସେଠାରେ ଛାତ୍ରଛାତ୍ରୀ ଦିଦାଇ ସଂପ୍ରଦାୟ ସଂପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ପିଏମ୍ଶ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀ କ୍ଷେତ୍ର ପରିଦର୍ଶନ ମାଧମରେ ଗାଇଡ୍ ଶିକ୍ଷକ କବିରାଜ ସେଠୀ ଓ ଶାଶ୍ୱତୀ ଜେନାଙ୍କ ତତ୍ତ୍ୱାବଧାନରେ ଦିଦାଇ ସଂପ୍ରଦାୟ ସଂପର୍କରେ ଏକ ପ୍ରକଳ୍ପ ତିଆରି ପାଇଁ ତଥ୍ୟ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳିକା ପ୍ରୟଦର୍ଶିନୀ ଜେନା, ଅଭିଷେକ ସମରଥ, ସ୍ମିତିପ୍ରଜ୍ଞା ଦାସ ଓ ନିହାରିକା ଦେୱାନ ପ୍ରମୁଖ ଗ୍ରାମ ଗୁଡିକୁ ଯାଇ ସର୍ଭେ କରିଥିଲେ । ଏଭଳି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ତଥା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବା ସହ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ଫୁଲବାଣୀ ବିଧାୟକଙ୍କ ଶୋକ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲାର ଟାଣୁଆ ନେତା ଓ ବରିଷ୍ଠ କଂଗ୍ରେସ ନେତା, ଫୁଲବାଣୀ ସଂସଦୀୟ କ୍ଷେତରୁ ସାଂସଦ ଭାବେ ତିନି ତିନିଥର ପ୍ରତିନିଧିତ୍ୱ କରିଥିବା ଏବଂ ଜାତୀୟ ଏସସି କମିଶନ ପରି ସମ୍ମାନ ଜନକ ପଦବୀ ଅଧିକୃତ କରିଥିବା ଦିବଂଗତ ମୃତ୍ୟୁଞ୍ଜୟ ନାୟକଙ୍କ ଦେହାନ୍ତରେ ଫୁଲବାଣୀ ବିଧାୟକ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ। ସେ ଜଣେ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ସେ ଜଣେ ନିପୁଣ ସଂଗଠକ ଥିଲେ। ତାଙ୍କ ବିୟୋଗରେ କନ୍ଧମାଳ ଜିଲ୍ଲାର ଅପୂରଣୀୟ କ୍ଷତି ହେଲା ବୋଲି ମୁଁ ଅନୁଭବ କରୁଛି। ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ତାଙ୍କ ଆତ୍ମାକୁ ସଦଗତି ପ୍ରଦାନ କରିବା ସହିତ ଦୁଃଖ ସନ୍ତପ୍ତ ପରିବାରକୁ ଏହି ଦୁର୍ବଳ ସମୟରେ ସାହସ ଓ ଶକ୍ତି ପ୍ରଦାନ କରନ୍ତୁ। ଜିଲ୍ଲାର କଂଗ୍ରେସ କର୍ମୀ,ପୂର୍ବତନ ବିଧାୟକ, ପୂର୍ବତନ ସାଂସଦ ମାନେ ଦୁଃଖ ପ୍ରକାଶ କରିବା ସହିତ ଏହିପରି ଲିଡ଼ର ମିଳିବା ସହଜ ନୁହଁ।ମୃତ୍ୟୁଞ୍ଜୟ ନାୟକଙ୍କ ମରଶରୀରକୁ କଂଗ୍ରେସ ଭବନ ଫୁଲବାଣୀ କୁ ନେଇ ସେଠାରେ ପୁଷ୍ପ ଗୁଚ୍ଛ, ଫୁଲମାଳ ସକ୍ରିୟ କଂଗ୍ରେସ କର୍ମୀ ମାନେ ପ୍ରଦାନ କରି ନିରବ ପାର୍ଥନା କରିଥିଲେ।

## ଦୁର୍ଘଟଣାରେ ମହିଳା ଆହତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ଥାନା ରେମଜା ଗ୍ରାମର ସାବିତ୍ରୀ ବିଶ୍ୱାଳ (୪୮)ଙ୍କୁ ରେମଜା ଛକରେ ଏକ ମୋଟର ସାଇକେଲ ଧକ୍କା ଦେଇଥିଲା। ଘଟଣାରୁ ପ୍ରକାଶ ଯେ ଦ୍ୱିପ୍ରହରରେ ରେମଜା ଗ୍ରାମର ସାବିତ୍ରୀ ବିଶ୍ୱାଳ ଅନ୍ୟ ଦୁଇଜଣ ମହିଳାଙ୍କ ସହିତ ରେମଜା ଛକରୁ ଗାନ୍ଧୀଛକ ଯିବାପାଇଁ ଅଟୋକୁ ଅଟକାଇ ଥିଲେ। ଅଟୋରେ ବସିବା ପାଇଁ ରାସ୍ତା ପରି ହେଉଥିବା ବେଳେ ଚୋରି କୋଇଲା ଖାଲିକରି ଦ୍ରୁତ ଗତିରେ ଯାଉଥିବା ଏକ ମୋଟର ସାଇକେଲ ସାବିତ୍ରୀଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ସାବିତ୍ରୀ ତଳେ ପଡି ତାଙ୍କର ମୁଣ୍ଡ ଫାଟିଥିବା ଓ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେବା ସହ ଆହତ ସାବିତ୍ରୀଙ୍କୁ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଓ ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ବ୍ରଜରାଜନଗର ପୋଲିସ ଦିଲୀପ ବାଗ ଘଟଣା ସ୍ଥଳରେ ପହଞ୍ଚି ମୋଟର ସାଇକେଲକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସମଲେଶ୍ୱରୀ କୋଇଲା ଖଣି ଓ ତାର ସାଇଡିଂରୁ ପ୍ରତିଦିନ ଶହେରୁ ଉର୍ଦ୍ଧ୍ୱ ମୋଟର ସାଇକେଲ କୋଇଲା ଚୋରିକରି ବିଭିନ୍ନ ଘରେ, ଦୋକାନ ଓ ଇଟାଭାଟିରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏହି କୋଇଲା ଚୋରିରେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ସମ୍ପୃକ୍ତ ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଚୋରି କୋଇଲା ଧରି ଦ୍ରୁତ ଗତିରେ ଇବ୍ ଭ୍ୟାଲି ଏରିଆ ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯାଉଥିଲେ ମଧ ତାକୁ ସୁରକ୍ଷାକର୍ମୀ ମାନେ ହସ୍ତକ୍ଷେପ କରୁନାହାନ୍ତି ଯାହାଦ୍ୱାରା ଦ୍ରୁତ ଗତିରେ ମୋଟର ସାଇକେଲ ଚାଳନା ଫଳରେ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

## ଅବକାରୀ ବିଭାଗର ଚଢ଼ାଉ:୪୫ ଲିଟର ମଦ ଜବତ, ଜଣେ କୋର୍ଟ ଚାଲାଣ

ଖପ୍ରାଖୋଲ ୧୯/୦୨(ଭାସ୍କର ନ୍ୟୁଜ)ଖପ୍ରାଖୋଲ ବ୍ଲକ୍ ବେନ୍ଦେର ପଞ୍ଚାୟତ ବାଦିମାଲ ଗାଁ ନିକଟରେ ଅବକାରୀ ବିଭାଗ ଚଢ଼ାଉ କରି ୪୫ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରିଥିବା ସୂଚନା ମିଳିଛି । ମଦ ରଖିବା ଅଭିଯୋଗ ରେ ଜଣକୁ ଗିରଫ କରି କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଦୀମାଲ ଗାଁ ର ବିଭିଷଣ କରୁଆଁ(୪୫) ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି। ସୂଚନା ଅନୁସାରେ ଜଙ୍ଗଲରୁ ରନ୍ଧା ମଦ ଏକ ଟ୍ୟୁବ୍ ମାଧମରେ ବିଭିଷଣ ନେଉଥିବା ବେଳେ ଅବକାରୀ ବିଭାଗ କୌଣସି



ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଏକ ବାଇକ ସହ ୪୫ ଲିଟର ଦେଶୀ ରନ୍ଧା ମଦ ଜବତ୍ ହୋଇଥିବା ଜଣା ପଡ଼ିଛି। ଚଢ଼ାଉ ରେ ଖପ୍ରାଖୋଲ ଅବକାରୀ ଥାନା ଅଧିକାରୀ କେଶବ ଧରୁଆ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ସିଙ୍ଗଡ଼ା ଭୀମମେଳାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଶୁଳିଆପଦା, (ଭାସ୍କର ନ୍ୟୁଜ୍ ) : ଶୁଳିଆପଦା ବ୍ଲକ ପ୍ରସିଦ୍ଧ ସିଙ୍ଗଡ଼ା ଭୀମମେଳାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଲକ୍ଷ୍ମୀ ଫାଉଣ୍ଡେସନର ମୁଖ୍ୟ ତଥା ଯୁବସମାଜ ସେବୀ ଫାର୍ମାସିଷ୍ଟ ଦିଲ୍ଲୀପ ତୁଙ୍ଗଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ବେଳେ। ରକ୍ତଦାନ ମହତ ଦାନ ସହ ସମାଜରେ କୌଣସି ଗୋଟିଏ ବି ବ୍ୟକ୍ତି ରକ୍ତ ପାଇବାରୁ ବଞ୍ଚିତ ନ ହୁଅନ୍ତୁ ଏହା ଲକ୍ଷ୍ମୀ ଫାଉଣ୍ଡେସନର ଲକ୍ଷ୍ୟ ବୋଲି କହିଛନ୍ତି ଏବଂ ଯୁବସମାଜକୁ ରକ୍ତଦାନ କରିବାକୁ ନିବେଦନ କରିଛନ୍ତି। ଉକ୍ତ ରକ୍ତଦାନ ଶିବିରରେ ସନାଲି ନାଏକ, ବସନ୍ତ ଥୟାଳ, ବିମଲ ଧଳ, ରାଜୁ ଥୟାଳ, କ୍ଷୀରୋଦ ଦେଓ, ମିଥୁନ ସି, ଯୁଧିଷ୍ଠିର ଧଳ, ସୌମରଞ୍ଜନ ଧଳ ପ୍ରମୁଖ ସହଯୋଗ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ଶିବିର ସହିତ ବିଭିନ୍ନ ଉପକରଣ ବଣ୍ଟନ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ବୁରୋମାଲ ଗାଁ ଖେଳପଡିଆ ଠାରେ ପୋଲିସ ତରଫରୁ ଜନ ସଂପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନସଂପର୍କ ଶିବିରରେ ମୁଖ୍ୟ ଅତିଥି ପାଟଣାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୁଝାରୀ, ସମ୍ମାନୀତ ଅତିଥି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବଲାଙ୍ଗିର ଡ଼ିଆଇଓସି ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି , ସ୍ଥାନୀୟ ସରପଞ୍ଚ ରୀନା ଜାଲ ଯୋଗ ଦେଇଥିଲେ। ଏହି ଅବସରରେ ଯୁବକ ମାନଙ୍କ ମଧ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମାଧମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଶତାଧିକ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ, ସାଲ, ଛତା, ଶାଢ଼ୀ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ୍, ଟର୍ଚ୍ଚ ଓ ସାଂସ୍କୃତିକ ଦଳକୁ ବାଦ୍ୟ ଯନ୍ତ୍ର ବଣ୍ଟନ କରାଯାଇଥିଲା। ପୋଲିସ ଓ ଜନସାଧାରଣ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଏହି ଜନସଂପର୍କ ଶିବିର ଆୟୋଜିତ ହୋଇଥିଲା। ସୂଚନା ଯୋଗ୍ୟ କିଛି ଦିନ ତଳେ ବୁରୋମାଲ୍ ଗାଁ ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ ରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

## ତୀର୍ଥଯାତ୍ରାରେ ବାହାରିଲେ ନୂଆପଡାର ବରିଷ୍ଠ ନାଗରିକ

ନୂଆପଡା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ନୂଆପଡା ଜିଲ୍ଲାରୁ ୭୨ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଛନ୍ତି । ସେମାନେ ଆସାମର କାମାକ୍ଷା ଦେବୀ ମନ୍ଦିର ଓ କୋଲକାତାର ଦକ୍ଷିଣ କାଳୀ ମନ୍ଦିର ତଥା ଅନ୍ୟ ଦର୍ଶନୀୟ ସ୍ଥାନ ଏକ ସପ୍ତାହ ଧରି ଭ୍ରମଣ କରିବାର ଯୋଜନା ରହିଛି । ଏହି ତୀର୍ଥ ଯାତ୍ରୀ ମାନଙ୍କ ବସ୍‌କୁ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମହାର, ନୂଆପଡା ବିଜ୍ଞାପିତ ପରିଷଦ ନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଛତ୍ରିଆ, ରାଜସ୍ୱ ବିଭାଗର ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଯାତ୍ରୀ ସହାୟତା ପାଇଁ ରାଜସ୍ୱ ସହାୟକ ଓମ୍ ପ୍ରକାଶ ମାଝୀ ଏବଂ ପ୍ରସନ୍ନ ମେହେର ଏମାନଙ୍କ ସହିତ ଯାତ୍ରା କରିଛନ୍ତି। ସମସ୍ତ ଯାତ୍ରୀ ରାୟଗଡ଼ା ରେଳଷ୍ଟେସନ୍‌ରୁ ଏକ ସ୍ୱତନ୍ତ୍ର ରେଳ




ଯୋଗେ କଲିକତା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଜିଲ୍ଲାପାଳ ମଧୁସୂଦନ ଦାଶ ଏଇ ସମସ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମାନଙ୍କ ପାଇଁ ଏକ ନିରାପଦ ଏବଂ ସୁଖମୟ ଯାତ୍ରାର କାମନା କରିଛନ୍ତି।

## ଗଞ୍ଜେଇ ସହ ବୋଲେରୋ ପିକ୍‌ଅପ ଜବତ ଚାଳକ ଗିରଫ

ଗୁଣପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା ଗୁଣୁପୁର ଆଦର୍ଶ ଥାନା ପଲିସ ଅନ୍ତର୍ଗତ ଖର୍ଲୀଂ ଗ୍ରାମ ନିକଟ ମୁଖ୍ୟ ରାସ୍ତା ଉପରେ ୬୩୦ କେଜି ଗଞ୍ଜେଇ ସହ ବୋଲେରୋ ପିକ୍‌ଅପ ଗାଡିକୁ ଜବତ କରିଛି। ଘଟଣାରେ ପୋଲିସ ଚାଳକକୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବା ପୋଲିସ୍ ପକ୍ଷରୁ ସୁଚନା ମିଳିଛି। ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୧୦ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଥିବା ସୁଚନା ମିଳିଛି। ସୂଚନାଯୋଗ୍ୟ ଅଡବା ଥାନା ଅନ୍ତର୍ଗତ ବିରିକୋଟରୁ ଗଞ୍ଜେଇ ବେଆଇନ ଭାବେ ଚୋର ଚାଲାଣ ହୋଇ ଗଜପତି ଅଭିମୁଖେ ଯାଉଥିଲା। ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେବା ନେଇ ଯୋଜନା ରହିଥିଲା। ଗିରଫ ଅଭିଯୁକ୍ତ ହେଲେ ବିରିକୋଟ ଗ୍ରାମର ଜୟନ୍ତ ବେହେରା। ଏହି ଗଂଞ୍ଜେଇ ଚୋରାଚାଲାଣ ଘଟଣାରେ ପୋଲିସ୍ ତଦନ୍ତ ଜାରିରଖିବା ସହ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଛି। ଏହି ଗଂଞ୍ଜେଇ ଚୋରାଚାଲାଣ ପଛରେ କିଙ୍ଗପିନ କିଏ ଏଥିରେ କେଉଁମାନଙ୍କ ହାତ ରହିଛି ସମସ୍ତ ବିଷୟକୁ ନେଇ ପୋଲିସ୍ ତଦନ୍ତ ଜାରି ରଖିଛି। ଗୁଣୁପୁର ଥାନା ସବ୍ ଇନ୍ସପେକ୍ଟର ରଞ୍ଜିତ ତ୍ରିପାଠୀ ଏହି ଗଂଞ୍ଜେଇ ଚୋରାଚାଲାଣ ତଦନ୍ତ ଅଧିକାରି ରହିଥିବା ନେଇ ସୁଚନା ଦେଇଛନ୍ତି ଗୁଣୁପୁର ଥାନା ଅଧିକାରି ଉତମ କୁମାର ସାହୁ।

## ତ୍ରୟବିଂଶତମ ବାର୍ଷିକ ତାରିଣୀ ମେଳା ଉଦ୍‌ଯାପିତ



ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଇନ୍ଦାଲୋ ପଂଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ୨୩ ତମ ବାର୍ଷିକ ତାରିଣୀ ମେଳା ଓ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ୧୫ ତାରିଖ ଶନିବାର ଦିନ ମହାଯଜ୍ଞର ଶୁଭାଧିବାସ ହୋଇଥିଲା।। ରବିବାର ଦିନ ପୂର୍ବାହ୍ନରେ ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରାଯାଇ ଶହଶହ ଶ୍ରଦ୍ଧାଳୁ କଳସଯାତ୍ରାରେ ହରିଅଙ୍କ ଓ ଇନ୍ଦାଲୋ ପଂଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଂଚିବା ପରେ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା।। ସୋମବାର ଦିନ ଗୁରୁପୂଜା, ସୂର୍ଯ୍ୟାର୍ଘ, ମଣ୍ଡଳ ପୂଜା, ମା ତାରିଣୀଙ୍କ ଷୋଡ଼ଷ ଉପଚାର ପୂଜା ଓ ଚଣ୍ଡିପାଠ କରାଯାଇଥିଲା । ଆଜି ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଚରୁଅନ୍ନ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସମେତ ବହୁ ରାଜନେତା ଯୋଗଦେଇ ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଏହି ତାରେଣୀ ମେଳା ଓ ଯଜ୍ଞ କାର୍ଯ୍ୟକ୍ରମକୁ ଅଢ଼ଙ୍ଗା ଗ୍ରାମବାସୀ ପରିଚାଳନା କରିଥିଲେ।

## ଜଳିଗଲା ଲକ୍ଷାଧିକ ମୂଲ୍ୟର କାଠ ଫର୍ଣ୍ଣିଚର



ଭଂଜନଗର, (ଭାସ୍କର ନ୍ୟୁଜ୍ ) : ଗାଙ୍ଗପୁର ଥାନା ଅନ୍ତର୍ଗତ ଗାଙ୍ଗପୁର ସ୍ଥିତ ବାଲିସାହିରେ ଏକ ଫର୍ଣ୍ଣିଚର ତିଆରି ଘରେ ଅଗ୍ନିକାଣ୍ଡ ଘଟିଛି । ଏଠାରେ ଥିବା ଦିପୁ ବିଷୋୟୀ ନାମକ ଜଣେ ଯୁବକଙ୍କ ଶାଳ ଘରେ, ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା । ପ୍ରଥମେ ଘର ଭିତରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବା ପରେ, ସଂପୃକ୍ତ ମାଲିକଙ୍କୁ ଖବର ଦେଇଥିଲେ । ପରେ ଦମକଳ ବାହାନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ବହୁ ପରିମାଣର ଫର୍ଣ୍ଣିଚର, ଯନ୍ତ୍ରପାତି ଓ ମୂଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ, ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ନଷ୍ଟ ହୋଇଯାଇଛି । ଏନେଇ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ ହେବା ସହ, ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି ।

## ଗାଲେରୀରେ କାଉ ମଡକ ରକ୍ତ ନମୁନା ନେଲେ ରିସର୍ଚ୍ଚ ଟିମ୍



ଭଂଜନଗର, (ଭାସ୍କର ନ୍ୟୁଜ୍ ) : ଭଂଜନଗର ବ୍ଲକ୍ ଅନ୍ତର୍ଗତ ଗାଲେରୀରେ ଦିନକୁ ଦିନ ଉକ୍ଟ ରୂପ ନେଉଛି, କାଉ ମଡକ । ପ୍ରତିଦିନ ରାସ୍ତାଘାଟରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ସ୍ଥାନ, ପୋଖରୀ ହିଡ, ଚାଷ ଜମି, ନର୍ଦ୍ଦମାରୁ ମିଳୁଛି ଏକାଧିକ କାଉଙ୍କ ମୃତଦେହ । ଏହି ଘଟଣା ପ୍ରାୟ ୫/୬ ଦିନ ହେଲା ଦେଖିବାକୁ ମିଳିଥିବା ବେଳେ, ବୁଧବାର ଦିନ କେତେକ ସ୍ଥାନରେ ଦେଶୀ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏ ସଂକ୍ରାନ୍ତରେ ସ୍ଥାନୀୟ ଚିକିତ୍ସି ବିଭାଗ ଜାଣିବା ପରେ, ବୁଧବାର ଦିନ ବ୍ରହ୍ମପୁରରୁ କ୍ଲିନିକାଲ୍ ଲାବ୍ରୋଟାରୀ ଇନ୍‌ଭେଷ୍ଟିଗେସନ୍ ଟିମ୍ ଆସି ଗାଲେରୀ ଓ ନିକଟସ୍ଥ ହରିଗଡ ଗାଁର କିଛି ଚିକେନ୍ ସେଣ୍ଟରରୁ କୁକୁଡା ମାନଙ୍କର ରକ୍ତ ନମୁନା ସଂଗ୍ରହ କରି ଫେରିଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ପ୍ରକାରେ କାଉ ମଡକ କାହିଁକି ହେଉଛି ? ଏହା ପଛର କାରଣ କ'ଣ ରହିଛି ? ସେ ସଂକ୍ରାନ୍ତରେ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ମାନେ କୌଣସି କାରଣ ଖୋଜି ନାହାଁନ୍ତି । ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଏବେ ଆଶଙ୍କାରେ ରହିଛନ୍ତି । ଯଦି ଭୁତାଣୁ ଜନିତ କୌଣସି କାରଣରୁ କାଉ ମାନଙ୍କର ମୃତ୍ୟୁ ହେଉଛି, ତାହେଲେ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ଜରୁରୀ ହୋଇଛି। ତାହା ନ ହେଲେ, ଭବିଷ୍ୟତରେ ଏହା ସଂକ୍ରମଣର ଆଶଙ୍କା ସୃଷ୍ଟି ନକରିବ ତାହା କିଏ କହିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ତଥା ସ୍ୱେଚ୍ଛାସେବୀ ଲକ୍ଷ୍ମୀଧର ଗୈଡ, ବସନ୍ତ ପଟ୍ଟନାୟକ, ଶରତ ସେଠୀ, ଶଙ୍କର୍ଷଣ ମହାରଥା ଏବଂ ରବିନ୍ଦ୍ର ପ୍ରସାଦ ଶତପଥୀ ପ୍ରମୁଖ ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେହିଭଳି ରିସର୍ଚ୍ଚ ଟିମ୍‌ରେ ଆସିଥିବା ବ୍ରହ୍ମପୁରର ମନୋଜ ଷଡ଼ଙ୍ଗୀ, ରଶ୍ମିତା ପଣ୍ଡା ଏବଂ ଭଂଜନଗର ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅଧିକାରୀ ନିଶିକାନ୍ତ ବଳ ପ୍ରମୁଖ, ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଥିଲେ । ଏନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ସନ୍ଦେହ ପ୍ରକାଶ କରିଛନ୍ତି ଯେ, କାଉ ମଡକକୁ ନେଇ ପ୍ରତିକାର ବ୍ୟବସ୍ଥା କରିବା ପରିବର୍ତ୍ତେ, କୁକୁଡ଼ା ରକ୍ତ ନମୁନା ସଂଗ୍ରହ କରି ଫେରିଯିବା କେତେଦୂର ଯଥାର୍ଥ । ଏଣୁ ଆସନ୍ତା ଦିନରେ କାଉ ମଡକକୁ ନେଇ କୌଣସି ଅଘଟଣ ଘଟିବା ପୂର୍ବରୁ, ସ୍ଥାନୀୟ ପ୍ରଶାସନ ଏବଂ ପ୍ରଣୀ ଚିକିତ୍ସା ବିଭାଗର ଉଚ୍ଚ କତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇଛି ।

## 'ନକ୍ସା' କାର୍ଯ୍ୟକ୍ରମର ଶୁଭାରମ୍ଭ
## ନିର୍ଭୁଲ ତଥ୍ୟ ସହିତ ସହରୀ ଭୂମିକୁ ମିଳିବ ସଠିକ ପରିଚୟ

ବାରିପଦା, (ଭାସ୍କର ନ୍ୟୁଜ୍ ) : ମଧ୍ୟପ୍ରଦେଶର ରାଇସେନ ଠାରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଭୂ-ସମ୍ବଳ ବିଭାଗ ଆନୁକୂଲ୍ୟରେ ଡିଜିଟାଲ ଇଣ୍ଡିଆ ଜମି ରେକର୍ଡ ଆଧୁନିକିକରଣ ବ୍ୟବସ୍ଥା ଅନ୍ତର୍ଗତ ପାଇଲଟ ଯୋଜନା 'ନକ୍ସା'କୁ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ଼. ମୋହନ ଯାଦବଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଛନ୍ତି। ଭାରତ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ଚିହ୍ନିତ ତଥା ଜନାଦୃତ କରିବା ଉଦେଶ୍ୟରେ ବାରିପଦା ପୌରପାଳିକା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଯୋଜନା ଶୁଭାରମ୍ଭର ଏକ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ ଯୋଗ ଦେଇ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ପ୍ରଦୀପ




ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦର ଅଧକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣ ନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦାର ଅତିରିକ୍ତ ତହସିଲଦାର ଭରତ ଚନ୍ଦ୍ର ପାତ୍ର, ପୌରପାଳିକାର ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମକୁ ସଂଚାଳନ କରିବା ସହିତ ଏହି ଯୋଜନାର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନେ ଏହି କାର୍ଯ୍ୟକ୍ରମର ପ୍ରମୁଖ ସୁବିଧା ଗୁଡିକ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖି ଏହି ଯୋଜନା ଆଗକୁ ଲୋକମାନଙ୍କ ପାଇଁ ନିଶ୍ଚିତଭାବେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ସୂଚନା ଥାଉକି ଏହି ଯୋଜନାରେ ପ୍ରମୁଖ ସୁବିଧା ଗୁଡିକ ମଧ୍ୟରେ ଅନଲାଇନ ମାଧ୍ୟମରେ ନିର୍ଭୁଲ ଜମି ରେକର୍ଡ ଉପଲବ୍ଧ, ସହରାଞ୍ଚଳ ଭୂମି ପରିଚାଳନାରେ ଉନ୍ନତି, ଜମି ଜମା ସଂକ୍ରାନ୍ତିୟ ପ୍ରକ୍ରିୟାକରଣରେ ଶୀଘ୍ରତା ଏବଂ ସ୍ୱଚ୍ଛତା, ଆଧୁନିକ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ବିଭିନ୍ନ ବର୍ଗର ସହରାଞ୍ଚଳ ପାଇଁ ପୃଥକ ପୃଥକ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରୋନ କ୍ୟାମେରା ବ୍ୟବହାର କରାଯାଇ ଏରିଆଲ ସର୍ବେକ୍ଷଣ ମାଧ୍ୟମରେ ଶୀଘ୍ର ଏବଂ ସଠିକ ଡାଟା ସଂଗ୍ରହ କରି ଭବିଷ୍ୟତର ଯୋଜନା ପ୍ରସ୍ତୁତ, ଜମିଜମା ରେକର୍ଡ କୁ ସଂଗଠିତ କରିବା, ପୁରାତନ ତଥା ଅସମ୍ପୂର୍ଣ୍ଣ ତଥ୍ୟ ଯୋଗୁଁ ସରକାରୀ ଦଲିଲ ଓ ଜମି ମାଲିକ ଦଲିଲ ମଧ୍ୟରେ ଦେଖାଦେଉଥିବା ବୈସମ୍ୟକୁ ଦୂର କରିବା, ଜମିଜମା ପରିଚାଳନା ପାଇଁ ସମାନ ବ୍ୟବସ୍ଥା ପ୍ରଚଳନ, ଜମି ମାଲିକଙ୍କ ବିଭିନ୍ନ ସମସ୍ୟା ସହ ବେଆଇନ ଜବରଦଖଲ ଜନିତ ଦୀର୍ଘଦିନର ଅଦାଲତରେ ଚାଲିଥିବା ମାମଲା ଗୁଡିକୁ ସମାଧାନ ପାଇଁ ଏହା ସହାୟକ ହେବ। ଏତଦ ବ୍ୟତୀତ ଭିତ୍ତି ଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ସାଜୁଥିବା ସମସ୍ୟାକୁ ଦୂର କରିବା ସହିତ ସର୍ବୋପରି ଜମି ରେକର୍ଡ ସ୍ୱଚ୍ଛ, ସଠିକ ଏବଂ ସମସ୍ତଙ୍କୁ ଗୋଟିଏ ପ୍ଲାଟଫର୍ମରେ ସହଜରେ ଉପଲବ୍ଧ ହୋଇପାରିବ। ପ୍ରକାଶ ଥାଉକି ପ୍ରଥମ ପର୍ଯ୍ୟାୟରେ ଦେଶର ୧୫୦ଟି ସହରରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ଓଡିଶାର ୪ଟି ପୌରପାଳିକା ମଧ୍ୟରୁ ବାରିପଦା ପୌରପାଳିକା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ପୌରପାଳିକାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଉପାଧକ୍ଷା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁରସ୍ଥିତ ଡିଆରଡିଏ କାର୍ଯ୍ୟାଳୟର ଜଉଗଡ ସମ୍ମିଳନୀ କକ୍ଷରେ ଓକେସିଏଲର ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ୍ ରେଖା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓକେସିଏଲର ମୁଖ୍ୟ ଡକ୍ଟର ମନୋରଞ୍ଜନ ପୁଥଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏଥିସହ ଉପସ୍ଥିତ ସମସ୍ତ ଅଧିକୃତ କେନ୍ଦ୍ରମାନଙ୍କ ସଞ୍ଚାଳକମାନଙ୍କୁ ଉଚିତ୍ ଦିଗଦର୍ଶନ ଦେଇଥିଲେ। ଚଳିତ ବର୍ଷ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଓକେସିଏଲର ସମସ୍ତ ଉତ୍ପାଦ ଗୁଡିକର ସଫଳତାର ସହ କାର୍ଯ୍ୟାନ୍ୱୟନ ପାଇଁ ଏକ ଖସଡା ପ୍ରସ୍ତୁତ କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୪ ମସିହାରେ ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ କରିଥିବା କେନ୍ଦ୍ର ଗୁଡିକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଗଞ୍ଜାମ ଓ ଗଜପତି ଜିଲ୍ଲାର ୮୨ଜଣ କେନ୍ଦ୍ର ସଞ୍ଚାଳକ ଓ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥିତ ଅଧିକାରୀ ସାହିରେ ଗତକାଲି ଏକ ନୂତନ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ହନୁମାନ ଯଜ୍ଞର ଆୟୋଜନ କରାଯାଇଥିଲା। ରବିବାର ପୂର୍ବାହ୍ନରେ ନିକଟସ୍ଥ ଜଳାଶୟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରାଯାଇ କଳସ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇ ମନ୍ଦିର ପରିସରକୁ ଅଣାଯିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସପତ୍ନିକ କ୍ଷିରୋଦ ଦାସ ଓ ନୟନ ମହାନ୍ତି କର୍ତ୍ତା ଭାବେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ, କିରଣ ମହାନ୍ତି, ବିଭୂତିଭୂଷଣ ପତି, କ୍ଷିରୋଦ ଦାଶ, ନିରୋଦ ଦାଶ, ସୁଶାନ୍ତ ମହାନ୍ତି, ବଳରାମ ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର, ସୁଶାନ୍ତ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ତିନୋଟି ଦାୟିତ୍ୱରେ ଜଣେ ଅଧିକାରୀ

### ବଢୁଛି ଚୋରି, ଡକାୟତି ଓ ରାହାଜାନୀ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଖାଲି ପଡିଛି ବଡ଼ଚଣା ଥାନାଧିକାରୀ ପଦବୀ। କେବେ ପୂରଣ ହେବ ଏହି ପଦବୀ, ଏନେଇ ଥାନା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ସୂଚନା ମୁତାବକ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ସମୟରେ ଏସଆଇ ଅସିତ କୁମାର ବଳବନ୍ତରାୟ ଇନ୍ସପେକ୍ଟର ଭାବେ ପ୍ରମୋଶନ ପାଇଥିଲେ। ତେବେ ସେ ପୋଲିସ କମିଶନରେଟରେ ନିଯୁକ୍ତି ପାଇବା ପୂର୍ବରୁ ତାଙ୍କୁ କିଛିଦିନ ପାଇଁ ବଡ଼ଚଣା ଥାନାଧିକାରୀ ଦାୟିତ୍ୱ ସହିତ ଚଣ୍ଡିଖୋଲ ଟ୍ରାଫିକ ଥାନା ପୋଲିସ ଦାୟିତ୍ୱ ଦିଆଯାଇଥିଲା। ଗତ ୧୧ ତାରିଖରୁ ଶ୍ରୀ ବଳବନ୍ତରାୟ କମିଶନରେଟ ପୋଲିସକୁ ବଦଳି ହୋଇ ଗଲେଣି। ଏବେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଫାଣ୍ଡି ଅଞ୍ଚଳ ଦାୟିତ୍ୱ ସହିତ ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଟ୍ରାଫିକ ଥାନା ପୋଲିସ ଦାୟିତ୍ୱ ତୁଲାଉ ଅଛନ୍ତି। ବଡ଼ଚଣା ଥାନା ସହିତ ଚଣ୍ଡିଖୋଲ ଫାଣ୍ଡି ଅଞ୍ଚଳ ଏକ ସମସ୍ୟା ବହୁଳ ଅଞ୍ଚଳ। ଦୁଇ ଦୁଇଟି ଜାତୀୟ ରାଜପଥର ସଂଯୋଗସ୍ଥଳ ହେଉଛି ଚଣ୍ଡିଖୋଲ ଛକ। ଏହି ଥାନା ଅଞ୍ଚଳରେ କୌଣସି ନା କୌଣସି ସ୍ଥାନରେ ଦୈନିକ ସଡ଼କ ଦୁର୍ଘଟଣା ଘଟିବା ସହିତ ଚୋରି, ଡକାୟତି ଓ ରାହଜାନୀ ଭଳି ଘଟଣା ଘଟିଥାଏ। ଏଥିସହିତ ବେଆଇନ ଗୋ ଚାଲାଣ ସହିତ ଏହି ଥାନା ଅଞ୍ଚଳରେ ଅନ୍ୟାନ୍ୟ ବହୁବିଧ ସମସ୍ୟା ମଧ୍ୟ ଦେଖା ଦେଇଥାଏ। ପ୍ରତ୍ୟେକଟି ସମୟ ପାଇଁ ଉଭୟ ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡିରେ ଅଧିକାରୀ ନିଯୁକ୍ତି ପାଇ ପୋଲିସ ସେବା ଯୋଗାଇ ଦେବାର ଆବଶ୍ୟକତା ରହିଛି। ହେଲେ ଫାଣ୍ଡି ଅଧିକାରୀ ଜଣକ ତିନି ତିନୋଟି କାର୍ଯ୍ୟାଳୟର ଦାୟିତ୍ୱ ତୁଲାଇବା କଠିନ ବ୍ୟାପାର ନିଶ୍ଚିତ। ଚଣ୍ଡିଖୋଲ ଅଞ୍ଚଳରେ ବାରମ୍ବାର ମୋବାଇଲ ଚୋରି ଓ ମଟର ସାଇକେଲ ଚୋରି, ପକେଟ ମାର ହୋଇଥିବାର ଅଭିଯୋଗ ହେଉଛି। ତେଣୁ ତୁରନ୍ତ ବଡ଼ଚଣା ଥାନାରେ ନୂତନ ଥାନାଧିକାରୀ ନିଯୁକ୍ତି ଦେବାକୁ ଥାନା ଅଞ୍ଚଳବାସୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ପାଖରେ ଦାବି ଜଣାଇଛନ୍ତି।

### ପିଲାଙ୍କ ପରୀକ୍ଷା ବେଳେ ଉତ୍କଟ ଡିଜେ ସାଉଣ୍ଡ

# ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ପାଇଁ ଅଞ୍ଚଳବାସୀଙ୍କ ଦାବି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ନୂଆଗଡ ଥାନା ଅଞ୍ଚଳର ଗାଁ ଗାଁରେ କାନଫଟା ଡିଜେ ସାଉଣ୍ଡକୁ ନେଇ ବାରମ୍ବାର ଅଭିଯୋଗ ଉଠୁଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ପୂଜା ପାର୍ବଣରେ ବି ବାଜୁଥିଲା, ଲୋକେ ଅସନ୍ତୋଷ ପ୍ରକାଶ କରୁଥିଲେ ହେଁ ଚୁପ ହୋଇ ରହୁଥିଲେ। ମାତ୍ର ଏବେ ପିଲାଙ୍କ ପରୀକ୍ଷା ସମୟରେ ବି ଅନୁରୂପ ସ୍ଥିତି ପରିଲକ୍ଷିତ ହୋଇଛି। ଗତ ୧୫ ତାରିଖରୁ ସିବିଏସ୍‌ଇ ପରୀକ୍ଷା ଚାଲିଥିବା ବେଳେ, ୧୮ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇଛି। ଶୁକ୍ରବାର ଅଥବା ୨୧ତାରିଖରୁ ମାଟ୍ରିକ ପରୀକ୍ଷା ଚାଲିବ। ଏଭଳି ସ୍ଥିତିରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁରେ ଯାଉଥିବା ବାହାଘର ଶୋଭାଯାତ୍ରାରେ ବିଳମ୍ବିତ ରାତ୍ରରେ ପୁରୀ, ଭୁବନେଶ୍ୱର, କଟକ ଅଞ୍ଚଳ ଡିଜେ ଆବଶ୍ୟକତା ଠାରୁ ଅତ୍ୟଧିକ ସାଉଣ୍ଡ ଲଦି କାନଫଟା ଡିଜେ ସାଉଣ୍ଡ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ଖାସ ଏଇ ଉତ୍କଟ ଡିଜେ ଶବ୍ଦ



ପାଇଁ ପିଲାମାନେ ପାଠ ପଢିବା ପାଇଁ ରାତି ହେଉ ଅବା ସନ୍ଧ୍ୟାରେ ଅସୁବିଧା ସମ୍ମୁଖୀନ ହେବାର ଲକ୍ଷ୍ୟ କରାଯାଇଛି। ଏ ନେଇ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂଙ୍କୁ ଜଣାଇଲେ ମଧ୍ୟ ଡିଜେ ସାଉଣ୍ଡ ବନ୍ଦ କରିବା ଦୂରକଥା ରାତ୍ରକାଳୀନ ପାଟ୍ରୋଲିଂ ଗାଡି ପହଞ୍ଚି ସାଉଣ୍ଡ ବନ୍ଦ କରିବାକୁ ଅକ୍ଷମ। ରାତିରେ ପାଟ୍ରୋଲିଂ ସମ୍ପୂର୍ଣ୍ଣ ଅଭାବ। ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଦେଖି ଅଭିଭାବକମାନେ କେବଳ ଅସନ୍ତୋଷ ପ୍ରକାଶ କରି ରହୁଛନ୍ତି। ତେବେ ଅଞ୍ଚଳବାସୀ କିଛିଦିନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡିଜେ ବନ୍ଦ କରିବାକୁ ଦାବି କରିଛନ୍ତି। ଯାହା ସାଧାରଣରେ ଆଲୋଚନା ହେଉଛି, ସରକାରୀ ନିୟମରେ ୬୫ଡେସିବେଲ ସାଉଣ୍ଡ ବଜାଇବା ନିୟମ ରହିଥିବା ବେଳେ କିପରି ପୁଲିସ ବିବାହ ଶୋଭାଯାତ୍ରାରେ ସାଉଣ୍ଡ ପାଇଁ ଅନୁମତି ଦେଉଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କାହିଁକି ନିୟମ ଉଲ୍ଲଙ୍ଘନ କରୁଥିବା ଡିଜେ ମାଲିକ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯାହା ଆଲୋଚନା ହେଉଛି, ମୋଟା ଅଙ୍କର ପକାଇ ପୁଲିସ ସାଜିଛି ନିରବ। ନଚେତ ଅଭିଯୋଗ ପରେ ପୁଲିସ କାହିଁକି ଚିରନିଦ୍ରାରେ ଶୋଇଯାଉଛି ? ସବୁଠାରୁ ବଡ଼ କଥା ହେଲା, ପ୍ରଶାସନିକ ଅଧିକାରୀ ଓ ପୁଲିସ ଥାନା ସାମ୍ନାରେ ରବିବାର ପୁରୀ, ଭୁବନେଶ୍ୱର ଅଞ୍ଚଳ ବଡ଼ ବଡ଼ ଡିଜେ ଗାଡି ଦୁଲୁଦୁଲୁ ସାଉଣ୍ଡ କରୁଥିଲେ ମଧ୍ୟ ମାତ୍ର କୌଣସି ପ୍ରତିକ୍ରିୟା ନାହିଁ। ସରକାରୀ ସ୍ତରରେ ନିୟମ ଗୋଟେ ହୋଇଥିବା ବେଳେ ବାସ୍ତବରେ ତାହା ପାଣିର ଗାର ହୋଇ ରହିଯାଉଛି। ତେବେ ଏ ସମ୍ପର୍କରେ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ନିର୍ଦ୍ଦେଶ ଦେବି ସ୍ଥାନୀୟ ଅଞ୍ଚଳର ଥାନା ଅଧିକାରୀଙ୍କୁ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ଯାଞ୍ଚ କରି ଡିଜେ ମାଲିକଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ।

# ବର୍ଷ ବର୍ଷ ଧରି ଟ୍ୟାକ୍ସ ଦେଇନଥିବା ୮ଟି ଟ୍ରକ୍ ସହ ୧୧ ଗାଡ଼ି ଜବତ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମୋଟର ଯାନ ପାଇଁ ଟିକସ ବାକି ରହିଥିବା ଗାଡି ମାଲିକଙ୍କ ପାଇଁ ପରିବହନ ବିଭାଗ ପକ୍ଷରୁ ଏକକାଳୀନ ଟ୍ୟାକ୍ସ ଛାଡ ପାଇଁ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଥିଲା। ସରକାରଙ୍କ ଏହି ଯୋଜନା ଆରମ୍ଭ ହେବା ପରେ ବହୁ ଗାଡି ମାଲିକ ସେମାନଙ୍କର ବକେୟା ଟ୍ୟାକ୍ସ ଜମା କରିଥିବାବେଳେ ଅନେକ ଗାଡି ମାଲିକ ଟ୍ୟାକ୍ସ ଜମା କରିନଥିଲେ। ୱାନ୍ ଟାଇମ ସେଟଲମେଣ୍ଟ(ଓଟିଏସ), ବାରମ୍ବାର ସଚେତନତା, ବିଭିନ୍ନ ସମୟରେ ନୋଟିସ ସତ୍ତ୍ୱେ କୋଟି କୋଟି ଟଙ୍କାର ଟିକସ ଫାଙ୍କି ଆସୁଥିବା ଗାଡି ମାଲିକମାନଙ୍କ ଉପରେ ପରିବହନ ବିଭାଗ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟ୍ୟାକ୍ସ ବକେୟା ଥିବା ୧୧ଟି ଗାଡି ଜବତ କରାଯାଇଛି। ଏହି ଗାଡି ଗୁଡିକୁ ନିଲାମ କରାଯାଇ ସରକାରଙ୍କ ତହବିଲରେ ଟିକସ ବାବଦ ଅର୍ଥ ଜମା କରାଯିବ ବୋଲି କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ ସୂଚନା ଦେଇଛନ୍ତି। କେନ୍ଦୁଝର ଆରଟିଓଙ୍କ ଅଧୀନରେ ଏହିଭଳି ୩୫ଟି ଟ୍ରକ ଏବଂ ଅନ୍ୟ ଯାନବାହନ ରହିଛି। ଯେଉଁସବୁ ଗାଡି ଉପରେ ୨ କୋଟି ଟଙ୍କାର ବକେୟା ଟିକସ ଗଡି ଆସୁଥିଲା। ଶେଷରେ ଅନ୍ୟ ଉପାୟ ନପାଇ ରାଜ୍ୟ ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଗତ ସୋମବାର ବଡବିଲ ଏଆରଟିଓଙ୍କ ଅଧୀନରେ ଥିବା ୮ଟି ଟ୍ରକ, ଟିପ୍ପର, ଇନୋଭା ଗାଡି ଜବତ୍ ହୋଇଛି। ଏସେଲ ମାଇନିଂ ଟ୍ୟାକ୍ସ ଦେଇନଥିବାରୁ କମ୍ପାନୀର ଏକ ଇନୋଭା ଗାଡି ଆଟାଚ୍ କରାଯାଇଛି। ଏହି କାର୍ ନିଲାମ କରାଯାଇ ଟିକସ ବାବଦ ୧ଲକ୍ଷ ୫୦ ହଜାର ଟଙ୍କା ଜମା କରାଯିବ। ବ୍ରଜ୍ ମାଇନିଂ ବଡବିଲର ୧୩ ଲକ୍ଷ ଟଙ୍କା ଟ୍ୟାକ୍ସ ବାକି ରହିଥିବାବେଳେ ଏହି କମ୍ପାନୀର ୮ଟି ଟ୍ରକ ଏବଂ ଟିପ୍ପର ଜବତ୍ କରାଯାଇଛି। କେନ୍ଦୁଝର ଆରଟିଓଙ୍କ ଅଧୀନରେ ୩ଟି ଗାଡି ଜବତ କରାଯାଇ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗକୁ ବକେୟା ଥିବା ଗାଡି ମାଲିକଙ୍କ ବିରୋଧରେ ଆହୁରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରଟିଓଙ୍କ ସୂତ୍ରରୁ ଜଣାପଡିଛି। ଦୀର୍ଘବର୍ଷ ଧରି ରାସ୍ତାରେ ଗଡି ଆସୁଥିବା ବସ୍, ଟ୍ରକ ମଧ୍ୟରୁ ଅନେକ ଗାଡି ମାଲିକ ଧାର୍ଯ୍ୟ ଟିକସ ଦେଉନଥିଲେ। ଏନେଇ ଆରଟିଓଙ୍କ ପକ୍ଷରୁ ସଂପୃକ୍ତ ମାଲିକମାନଙ୍କୁ ବାରମ୍ବାର ନୋଟିସ୍ କରାଯାଉଥିଲା। ଏହାସତ୍ତ୍ୱେ ବିଭିନ୍ନ ଆଳରେ ଏହି ଟିକସ ସେମାନେ ଫାଙ୍କି ଆସୁଥିଲେ। କିନ୍ତୁ ଏବେ ସବୁ କାର୍ଯ୍ୟ ଅନ୍‌ଲାଇନ୍ ଜରିଆରେ ହୋଇଯିବା ପରେ ବକେୟା ଗଡି ଆସୁଥିବା ଟିକସ ଧରାପଡିଛି। କେନ୍ଦୁଝର ଆରଟିଓଙ୍କ ଅଧୀନରେ ୨କୋଟି ଟଙ୍କାର ବକେୟା ଟିକସ ଗଡି ଆସୁଥିବା ଜଣାପଡିଥିଲା। ବକେୟା ଟିକସ ଆଦାୟ ପାଇଁ ରାଜ୍ୟ ସରକାର ବର୍ଷକ ତଳେ ଓଟିଏସ୍ ଲାଗୁ କରିଥିଲେ। ଏହା ଜରିଆରେ ମାଲିକମାନଙ୍କୁ ଏକକାଳୀନ ଟିକସ ପ୍ରଦାନ ଲାଗି ଆହ୍ୱାନ ଦିଆଯାଇଥିଲା। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରି ସମସ୍ତ ବକେୟାରୁ ଛାଡ଼ ପାଇବା ଲାଗି ଯୋଜନା କରାଯାଇଥିଲା। ଏଥିପାଇଁ ଆରଟିଓ ମାନେ ବସ୍ ଆସୋସିଏସନ୍, ଟ୍ରକ ଆସୋସିଏସନ୍ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏହାସତ୍ତ୍ୱେ ବକେୟା ଅର୍ଥ ପୈଠ ନହେବାରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଯେଉଁ ଗାଡି ବାରମ୍ବାର ନୋଟିସ ସତ୍ତ୍ୱେ ସେମାନଙ୍କର ବକେୟା ଟିକସ ପ୍ରଦାନ କରିନାହାନ୍ତି ସେମାନଙ୍କର ତାଲିକା ପ୍ରସ୍ତୁତ କରାଯାଇଛି। ଗାଡି ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆରଟିଓ ସୂଚନା ଦେଇଛନ୍ତି। ଯଦି ବକେୟା ଥିବା ଗାଡି ଏବେ ରାସ୍ତାରେ ଗଡୁନଥିବ ତାହେଲେ ସଂପୃକ୍ତ ମାଲିକଙ୍କ ଅଧିନରେ ଆଉ ଯେଉଁ ଗାଡି ଥିବା ସେ ଗାଡିକୁ ଜବତ କରାଯିବ। ଏପରିକି ଯଦି ଆଉ କିଛି ଗାଡି ନଥିବ ତାହେଲେ ସେମାନଙ୍କ ଆକାଉଣ୍ଟକୁ ବାଜ୍ୟାପ୍ତ କରାଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତି ପାଇଁ ପଦକ୍ଷେପ ନିଆଯିବ। ପୁରା ମାର୍ଚ୍ଚ ମାସ ଏହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ୱାନ୍ ଟାଇମ ସେଟଲମେଣ୍ଟ(ଓଟିଏସ୍) ୨୦୨୫ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବଢାଇଛନ୍ତି। ଏହି ସମୟ ମଧ୍ୟରେ ଗାଡି ମାଲିକମାନେ ଏକକାଳୀନ ଟ୍ୟାକ୍ସ ଜମା କରି ସୁବିଧା ନେଇପାରିବେ ବୋଲି ଆରଟିଓ ଇଂ ଗୋପାଳ କୃଷ୍ଣ ଦାସ ସୂଚନା ଦେଇଛନ୍ତି।

## ଭିଜନ୍ ପକ୍ଷରୁ ଚକ୍ଷୁ ପରୀକ୍ଷା

କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚଟୁଅନକା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳ ବାର ଦିନ ସ୍କୁଲ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବ୍ଲକର ୬୨ଟି ସ୍କୁଲର ୧୧୭ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଚକ୍ଷୁ ପରୀକ୍ଷାରେ ୨୬ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ କରାଯିବା ସହିତ ୧୨ଜଣ ଚାତ୍ରୀଛାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ରେଫର କରାଯାଇଥିଲା। ଏହି ଭିଜନ ଚେକ୍‌ଅପ୍ କ୍ୟାମ୍ପରେ ଡା. ସଙ୍ଗୀତା ବାରିକ, ଡା. ସ୍ୱାଗତ ଖମାରୀ, ଡା. ସାହୁ, ଡା. ସେଠ, ଡା. ପାତ୍ର, ବିଆରସି ଜ୍ୟୋତିରଞ୍ଜନ ବାରିକ, ସୁନିଲ ସାହୁ, ସିଆରସିସି ଅମରେନ୍ଦ୍ର ବାଗ, ଗଜ ଦାସ, ଅନୁପ ଦାସ ସହ ଚଟୁଅନକା ଉନ୍ନୀତ ହାଇସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପ୍ରସିଦ୍ଧ ଶକ୍ତିପୀଠ ରାମଚଣ୍ଡୀରେ ସନ୍ଥ ସମ୍ମିଳନୀ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ରାମଚଣ୍ଡୀ ଠାରେ ୩ ଦିନ ଧରି ଚାଲିଥିବା ମା' ରାମଚଣ୍ଡୀ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରୟାଗରାଜକୁ ତୀର୍ଥ କରିବାକୁ ଯାଇ ମହାକୁମ୍ଭ ମେଳାରେ ବୁଡ଼ ପକାଇ ଫେରି ଆସିଥିବା ୧୨୧ ସାଧୁ ସନ୍ଥମାନଙ୍କୁ ମା' ରାମଚଣ୍ଡୀଙ୍କ ପୀଠକୁ ଆମନ୍ତ୍ରିତ କରାଇ ଭବ୍ୟ ମଞ୍ଚରେ ସାଦର ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇ ସମ୍ମାନୀତ କରାଯାଇଥିଲା। ଭୁବନେଶ୍ୱରର ସନ୍ଥଶ୍ରୀ ଶଙ୍କରାନନ୍ଦ ଗିରି, ମହେନ୍ଦ୍ରଗିରିର ସନ୍ଥଶ୍ରୀ ତ୍ରିଦଣ୍ଡି ସ୍ୱାମୀ ଭାସ୍କର ତୀର୍ଥ, ପୋଲସରାର ପ୍ରଜ୍ଞାନନ୍ଦ ମହାରାଜ, ଚୈତନ୍ୟ ମଠର ଶ୍ରୀ ମହନ୍ତ ରାଧା ବିନୋଦ ଦାସ, ହରି ମହାରାଜ ପ୍ରମୁଖ ବହୁ ସାଧୁସନ୍ଥ ଗଣ ଯୋଗଦେଇ ସମଗ୍ର ଭାରତ ବର୍ଷରେ ସନାତନ ଧର୍ମର ସୁରକ୍ଷା କରିବା ସାଙ୍ଗକୁ ହିନ୍ଦୁ ସନାତନୀମାନଙ୍କ ପ୍ରଚାର



ପ୍ରସାର ଦିଗରେ ବିହିତ ପଦକ୍ଷେପ ନେବା ଜରୁରି ବୋଲି ବହୁ ସାଧୁ ସନ୍ଥଗଣ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅଗଣିତ ଭକ୍ତମାନଙ୍କ ଗହଣରେ ଜାଗରଣ ସୃଷ୍ଟି କରିଥିଲେ। ଏହା ସହ ବିଭିନ୍ନ ଶକ୍ତିପୀଠ ଗୁଡ଼ିକର ସୁରକ୍ଷା ଏବଂ ସେ ଗୁଡ଼ିକର ରକ୍ଷଣାବେକ୍ଷଣା କରିବା ନିହାତି ଆବଶ୍ୟକ ବୋଲି ସନ୍ଥଗଣ ମତପ୍ରକାଶ କରିଛନ୍ତି। ଶକ୍ତିପୀଠର ମହତ୍ତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ରାମଚଣ୍ଡୀ ମନ୍ଦିରରେ ୧୦୮ କୁମ୍ଭ ସ୍ଥାପନ କରାଯାଇଥିଲା। କଳସ ଯାତ୍ରା କରାଇ ଋଷିକୁଲ୍ୟା ନଦୀ ଘାଟରୁ ମହିଳାମାନଙ୍କ ଦ୍ୱାରା ଜଳ ଅଣାଯାଇ ପବିତ୍ର ଏହି ଜ୍ଞାନଯଜ୍ଞ କାର୍ଯ୍ୟକ୍ରମକୁ ଉଦ୍ଭାସିତ କରାଯାଇଥିଲା। ମନ୍ଦିର ବେଢ଼ା ପରିସରରେ ନାନା ବେଦମନ୍ତ୍ର ଉଚ୍ଚାରୀତ ହୋଇ ବିବିଧ କର୍ମକାଣ୍ଡର ବିଧାନ ତଥା ଦେବୀଙ୍କ ଠାରେ ୧୦୮ ବେଲପତ୍ର ଅଭିଷେକ, ଚଣ୍ଡୀପାଠ, ସାଧୁ ସନ୍ଥଗଣଙ୍କ ଆଧ୍ୟାତ୍ମିକ ଜାଗରଣ ଓ ଆଶ୍ରୀବଚନ ପ୍ରଦାନରେ ଅଗଣିତ ଭକ୍ତଗଣ ସିଦ୍ଧି ଲାଭ କରିଛନ୍ତି। ଆଶ୍ରୀବଚନ ପ୍ରଦାନ କାର୍ଯ୍ୟକ୍ରମ ପରି ଶେଷରେ ସାଧୁସନ୍ଥ ଗଣ ଶକ୍ତିପୀଠ ରାମଚଣ୍ଡୀ ପରିସରରେ ବ୍ରହ୍ମ ଭୋଜନ ସାରି ଅପରାହ୍ନରେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।

# ଡିଭାଇନ୍ ଗ୍ରୁପର ବାର୍ଷିକୋତ୍ସବ 'ୟୁଫୋନୀ- ୨୦୨୫' ଉଦ୍‌ଯାପିତ

ବାରିପଦା (ଭାସ୍କର ନ୍ୟୁଜ୍) : ବାରିପଦା ସହରର ଉପକଣ୍ଠରେ ଅବସ୍ଥିତ ଉତ୍ତର ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଏଣ୍ଡ ସନସ୍ ଗ୍ରୁପରେ ଡିଭାଇନ୍ ଡିପ୍ଲୋମା ଇଞ୍ଜିନିୟରିଂ, ଡିଭାଇନ୍ ନର୍ସିଙ୍ଗ୍ ଏବଂ ଡିଭାଇନ ଯୁକ୍ତ୨ ବିଜ୍ଞାନର ଚଳିତ ମାସ ୧୫ ଏବଂ ୧୬ ତାରିଖରେ ମହାସମାରୋହରେ ପାଳିତ ହୋଇଯାଇଛି ତା'ର ୧୭ତମ ବାର୍ଷିକ ଉତ୍ସବ 'ୟୁଫୋନୀ ୨୦୨୫'। ଉଦ୍‌ଘାଟନୀ ଉତ୍ସବର ପ୍ରାରମ୍ଭରେ ଅତିଥି ପରିଚୟ ସହ ବାର୍ଷିକ ବବରଣୀ ପାଠ କରାଯାଇଥିଲା। ୧୫ ତାରିଖ ଦିନ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷ ଅଧିକାରୀ ଦୀପକ କୁମାର ଗୋଚ୍ଛାୟତ, ସମ୍ମାନିତ ଅତିଥି ଭାବେ ଶ୍ୟାମାଖୁଣ୍ଟା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁନା ସେଠୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା, ସମାଜ ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଜିଲ୍ଲା ନିଯୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ସରକାରୀ ପଲିଟେକ୍ନିକର ଅଧ୍ୟକ୍ଷ ଇଂ କମ୍ବୁପାଣି ମେହେର, ସରକାରୀ ଟି.ଟି.ଆଇ ତକତପୁରର ଅଧ୍ୟକ୍ଷ ଇଂ କାନ୍ଦନ ମାଝୀ, ଉଚ୍ଚ ମାଧ୍ୟମିକ ପରିଷଦ (ଉତ୍ତର ଓଡ଼ିଶା)ର ଉପ ସଚିବ ଡ଼ ଜୟଦେବ ପ୍ରାମାଣିକ ପି.ସି ଆଇ.ଟି.ଆଇ ଅଧ୍ୟକ୍ଷ ଇଂ ହରିଭକ୍ତ ମହାନ୍ତ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ କିସ୍‌ର ପ୍ରତିଷ୍ଠାତା ସଦସ୍ୟ ଶଶାଙ୍କ ଚୂଡ଼ାମଣି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ ଓ ସଠିକ ଚିନ୍ତାଧାରା ହିଁ ସଫଳତାର ମୂଳମନ୍ତ୍ର ବୋଲି




ପରାମର୍ଶ ଦେଇଥିଲେ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ନବ ଚରଣ ମାଝୀ, ସାରଶକଣାର ବିଧାୟକ ଭାଦବ ହାଁସଦା, ବୈଶିଙ୍ଗାର ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ବିଜେପି ଉପ ସଭାପତି (ମୟୂରଭଞ୍ଜ ପୂର୍ବ) ପରେଶ ମହାନ୍ତ, ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ବଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ବିଜେପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଗୁଦା ମୁର୍ମୁ ଯୋଗଦେବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ତରୁଣ କୁମାର ମହାନ୍ତି, ସମାଜସେବୀ ଅମିତାଭ ସାହୁ ତଥା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସାମ୍ବାଦିକ ଓ ସାମ୍ବାଦିକାମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହିସାବରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ବିଶେଷ ଭାବରେ ସମ୍ମାନୀତ କରିଥିଲେ। ଉତ୍ସବରେ ଦୁଇଦିନ ଧରି ଚାଲିଥିବା ଏହି ବାର୍ଷିକ ମହୋତ୍ସବରେ ଅତିଥିମାନେ ତାଙ୍କ ସମ୍ଭାଷଣ ମାଧ୍ୟମରେ ନିଜର ନିଷ୍ଠା ଓ ଉଦ୍ୟମକୁ ବଳବତ୍ତର ରଖିବା ସହ ଯୁବସମାଜ ପାଇଁ ଶିକ୍ଷା ସହ ସଂସ୍କୃତି ଓ ପରମ୍ପରାର ଉଚିତ ସମନ୍ୱୟ ହିଁ ଉଚ୍ଚ ଅଭିଳାଷକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ପରାମର୍ଶ ଦେଇଥିଲେ। ତତ୍ ସହିତ କଠିନ ପ୍ରଶିକ୍ଷଣ ଏବଂ ସୃଜନ ଶୀଳତା ଯେବେ ଉତ୍ତମ ଚରିତ୍ର ସହ ସମ୍ମିଳିତ ହୋଇ ଚାଲିବେ, ସଫଳତା ପାଦ ଚୁମିବ ନିଃସନ୍ଦେହ। ସଭାଦ୍ୱୟରେ ପୌରୋହିତ୍ୟ କରିଥିଲେ ଡିଭାଇନର ମ୍ୟାନେଜିଂ ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଏବଂ ସଭାରେ ଉପସ୍ଥିତ ଥିଲେ ଡିଭାଇନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ଟ୍ରଷ୍ଟି ଇଂ ଧରମବୀର ବୁଗୁଡେଇ, ଏକାଡେମିକ ନିର୍ଦ୍ଦେଶକ ଇଂ ସନ୍ତୁପ୍ତ ପାଢୀ ଏବଂ ପ୍ରିନ୍ସିପାଲ୍ ଇଂ ଅଭିନ୍ନ ଦାସ। ଶେଷରେ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ସୂଚନା ପ୍ରଯୁକ୍ତିବିଦ୍ୟା ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡାଇ ଧନ୍ୟବାଦ ଅଭିଭାଷଣ ରଖିଥିଲେ। ଏହି ଦୁଇଦିନ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଯୋଗୀତା ସମୂହ ଅନୁଷ୍ଠିତ ହୋଇଥିଲା। ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ରାମ୍ପ ଶୋ' ମିଷ୍ଟର ଓ ମିସ୍ ଡିଭାଇନ ଡିପ୍ଲୋମା, ମିଷ୍ଟର, ମିସ୍ ଡିଭାଇନ୍ ନର୍ସିଙ୍ଗ୍ ଓ ମିଷ୍ଟର, ମିସ୍ ଡିଭାଇନ ଯୁକ୍ତ୨ ବିଜ୍ଞାନ ୨୦୨୫। ମିଷ୍ଟର ଡିଭାଇନ ସୁଜନ ଧଳ ଏବଂ ମିସ୍ ଡିଭାଇନ ସୁପ୍ରିୟା ଭଞ୍ଜଦେଓ ହୋଇଥିବାବେଳେ ମିଷ୍ଟର ଡିଭାଇନ୍ ନର୍ସିଙ୍ଗ୍ ଚୌଧୁରୀ ଦେବାଶିଷ ଦାସ ଓ ମିସ୍ ଡିଭାଇନ୍ ନର୍ସିଙ୍ଗ୍ ହୋଇଥିଲେ ପ୍ରିୟଙ୍କା ପୃଷ୍ଟି ଏବଂ ମିଷ୍ଟର ଡିଭାଇନ ଯୁକ୍ତ୨ ବିଜ୍ଞାନ ମୋହିତ କୁମାର ହେମ୍ବ୍ରମ ଓ ମିସ୍ ଡିଭାଇନ ଯୁକ୍ତ୨ ବିଜ୍ଞାନ ଲକ୍ଷ୍ମୀ ପ୍ରିୟା ରଣାଙ୍କୁ ଚୟନ କରଯାଇଥିଲା। ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା, ସର୍ବୋଚ୍ଚ ଉପସ୍ଥାନ ଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଭାଇନ୍ ଷ୍ଟୁଡେଣ୍ଟ ଅଫ ଦି ଇୟର ଆଖ୍ୟା ପାଇଥିଲେ ଇଲେକଟ୍ରିକାଲର ଷଷ୍ଠ ସେମିଷ୍ଟାର ଛାତ୍ର ଇନ୍ଦ୍ରଜିତ ମହାନ୍ତ। ସେହିପରି ଡିଭାଇନ୍ ନର୍ସିଙ୍ଗର ଷ୍ଟୁଡେଣ୍ଟ ଅଫ ଦି ଇୟର ଆଖ୍ୟା ପାଇଥିଲେ ଦ୍ୱିତୀୟ ସେମିଷ୍ଟାର ଛାତ୍ରୀ ଲୋପମୁଦ୍ରା ମହାନ୍ତ ଓ ଡିଭାଇନ ଯୁକ୍ତ୨ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ରୀ ଶୁଭମ ସ୍ୱତିକ କରଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ପ୍ରଦାନ କରଯାଇଥିଲା। ଆୱାର ଷ୍ଟୁଡେଣ୍ଟ ଆୱାର ପ୍ରାଇଡ଼ ଆଖ୍ୟା ପାଇଥିଲେ ପୂର୍ବତନ ଛାତ୍ରୀ ଗୀତା ଡାକୁଆ ଓ ପାର୍ବତୀ ମୁଣ୍ଡା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସବୁବର୍ଷ ପରି ଭାରତ ବର୍ଷ ପାଇଁ ଲଢୁଥିବା ବୀର ପଲିସ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ରୀମାନଙ୍କ ଦ୍ୱାରା ସେମାନଙ୍କୁ ରାଖି ପିନ୍ଧାଇବା ଦୃଶ୍ୟବେଶ୍ ଚିତ୍ତାକର୍ଷକ ହୋଇଥିଲା। ଇଣ୍ଡିଆନ ଆଇଡୋଲର ଖ୍ୟାତନାମା କଣ୍ଠଶିଳ୍ପୀ ରୀକ୍ ବାଶୁ ଏବଂ ଅଲିଉଡ୍ କମେଡିଆନ ରବି କୁମାରଙ୍କ ସହିତ କୋଲକାତାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶର୍ମୀଷ୍ଠା ହାଜରାଙ୍କ ଚିତ୍ତାକର୍ଷକ ପରିବେଷଣ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। ଏହି ଶୁଭ ଅବସରରେ ଅନୁଷ୍ଠାନର ତିନୋଟି ଭିନ୍ନ ଭିନ୍ନ ମୁଖପତ୍ର 'ସେଭେନିୟର ଫେୟାର' ନାମରେ ଉନ୍ମୋଚିତ ହୋଇଥିଲା।

## ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମ୍ମା ପଞ୍ଚାୟତର ତଳ ଅଞ୍ଚଳବାଡି ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜିଲ୍ଲା ଶିକ୍ଷା ମଣ୍ଡଳାଧିଶ ଶ୍ୟାମଘନ ଭୂୟାଁ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ମିଣିଆକା, ସେରିଗୁମ୍ମା ସ୍କୁଲର ପ୍ରଧାନଶିକ୍ଷକ ବିକ୍ରମ କୁମାର ସାହୁ, ଶିକ୍ଷକ ହୃଦାନନ୍ଦ ଅଚାରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ପରେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳ ପୂର୍ବକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠନ କରିଥିଲେ।

# ବିଜେଡ଼ି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଝାରସୁଗୁଡା ଜିଲ୍ଲା ବିଜେଡ଼ି ପକ୍ଷରୁ ବିଧାୟକଙ୍କ କାର୍ଯ୍ୟକୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନାନୁସାରେ ଝାରସୁଗୁଡା ମଙ୍ଗଳବଜାର ହସ୍ପିଟାଲକୁ ସେଟଲାଇଟ ହସ୍ପିଟାଲ କରିବା ପାଇଁ ଗତ ବିଧାନସଭାରେ ଘୋଷଣା କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବା ପରିତାପର ବିଷୟ ବୋଲି ଅଭିଯୋଗ ହୋଇଛି। ତେବେ ନିର୍ବାଚନ ସମୟରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଯେ ମଙ୍ଗଳବଜାର ହସ୍ପିଟାଲର ଉନ୍ନତି କରି ତାହାକୁ ୧୦୦ଶଯ୍ୟା ବିଶିଷ୍ଟ କରାଯିବ ସେହି ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ପୂର୍ବତନ ବିଧାୟିକା ଦୀପାଳି ଦାସ। ଅନ୍ୟପକ୍ଷରେ ପୂର୍ବରୁ ଝାରସୁଗୁଡାରେ କମ୍ପାନୀ ପାଉଁଶ ଏଣେତେଣେ ପଡ଼ି ଝାରସୁଗୁଡା ପ୍ରଦୂଷିତ ହେଉଛି ତାହାକୁ ନେଇ ଗଣମାଧ୍ୟମରେ ସରକାରଙ୍କୁ ପ୍ରଶ୍ନ କରୁଥିଲେ। ବର୍ତ୍ତମାନ ଝାରସୁଗୁଡାରେ କମ୍ପାନୀ ପାଉଁଶ ପଡ଼ିବା ବନ୍ଦ ହେଲାକି ବିଧାୟକଙ୍କୁ ପ୍ରଶ୍ନ କରିଛନ୍ତି ଦୀପାଳି ଦାସ। ସେଥିପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ଭୁଆଁ ନବୁଲାଇ ବାକ୍ୟବୀର ନହୋଇ କର୍ମବୀର ହୋଇ ସ୍ଥାନୀୟ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି ଦୀପାଳି। ଆଜିର ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟିକା ସୁଶ୍ରୀ ଦିପାଳି ଦାସଙ୍କସମେତ ବିଜୁ ଜନତା ଦଳ ଝାରସୁଗୁଡା ଜିଲ୍ଲା ସଭାପତି ରବି ସିଂ ଟାଉନ ସଭାପତି ସନ୍ଦୀପ ଅବସ୍ତି, ହରିଶ ଗଣାତ୍ରା, ତ୍ରିନାଥ ଗୁଆଲ, ପ୍ରତାପ ନନ୍ଦ,ପିଣ୍ଟୁ ପାଢ଼ୀ, ଆଲୋକ ତ୍ରିପାଠୀ, ତୁଳସୀ ଦାସ, ଚିରଞ୍ଜିବୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଶିଫଳ

ଗୁରୁବାର, ୨୦ ଫେବୃଆରୀ ୨୦୨୫



**ମେଷ:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବୃଷ:** ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।



**ମିଥୁନ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ଜୀବନସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ। ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ।



**ସିଂହ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ । ଅଫିସ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ ଏକ ଚାପଗ୍ରସ୍ତ ପରିସ୍ଥିତି ହୋଇପାରେ । ଆପଣ ବନ୍ଧୁ ଏବଂ ପରିବାରର ଆବଶ୍ୟକତାରେ ଅଟକି ଯାଇପାରନ୍ତି ।



**କନ୍ୟା:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ ।



**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି । ସମୟ ଭଲ ଅଟେ ।



**ବିଛା:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ ।



**ଧନୁ:** ଧନୁ- ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗ୍ରାମର ଯୁବନେତା ତଥା ସମାଜସେବୀ ଅଖିଳ ଭତରା ବିଜେଡି ଦଳ ଛାଡି ପୁଣି କଂଗ୍ରେସରେ ଯୋଗ ଦେଇଛନ୍ତି । ଅଖିଳ ବିଜେଡି ଦଳରୁ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ରମେଶ ମାଝିଙ୍କୁ ସେ ଲିଖିତ ଭାବେ ଅବଗତ କରାଇଛନ୍ତି। ବ୍ୟକ୍ତିଗତ ସମସ୍ୟା ଯୋଗୁଁ ବିଜେଡି ଛାଡ଼ି ପୁଣି କଂଗ୍ରେସରେ ଯୋଗ ଦେଇଥିବା ଶ୍ରୀଭତ୍ରା ଦର୍ଶାଇଛନ୍ତି। ପୂର୍ବରୁ ଅଖିଳ ଭତ୍ରା କଂଗ୍ରେସ ଦଳରେ ବହୁ ବର୍ଷ ଧରି କାମ କରିଥିଲେ। କଂଗ୍ରେସର ବହୁ ପଦପଦବିରେ ରହି ଜନତାଙ୍କ ସେବା ମଧ୍ୟ କରୁଥିଲେ। ତେବେ ଗତ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ଦଳରୁ ଇସ୍ତଫା ଦେବା ପରେ ଭୁବନେଶ୍ୱରରେ କଂଗ୍ରେସର ସଂକଳ୍ପ ପଦଯାତ୍ରାରେ ଶ୍ରୀ ଭତ୍ରା କଂଗ୍ରେସରେ ସାମିଲ ହୋଇଥିବା ଜଣାପଡ଼ିଛି। ନୂତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ଭକ୍ତ ଦାସ ଦାୟିତ୍ୱ ନେବା ପରେ ଶ୍ରୀ ଭତ୍ରା ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୁଣି ଥରେ ନିଜ ଘରକୁ ଫେରିଥିବା କହିଛନ୍ତି। ଜଣେ ଯୁବନେତା ତଥା ଦକ୍ଷ ସଂଗଠକ ବିଜେଡି ଛାଡ଼ି ଘରବାହୁଡ଼ା ହୋଇଥିବାରୁ କଂଗ୍ରେସ ସ୍ଥିତି ସୁଦୃଢ଼ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଭୁଜବଳ ମାଝି, ନବରଙ୍ଗପୁର ପୂର୍ବତନ ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ ଦ୍ୱାରିକା ମହାପାତ୍ର, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ଜିଲ୍ଲା ସଭାପତି ମୁନା ତ୍ରିପାଠୀ, ଯୁବ କଂଗ୍ରେସ ସଭାନେତ୍ରୀ ଲିପିକା ମାଝି, ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ ପ୍ରକାଶ କରିଛନ୍ତି ।

## ଏମ୍‌ଭି.୭୨ ଗ୍ରାମର ଦୁଇ ନାବାଳିକାଙ୍କୁ ହତ୍ୟା ଘଟଣା

# ନ୍ୟାୟ ନମିଳିଲେ ଆନ୍ଦୋଳନ ଚେତାବନୀ

## ତଦନ୍ତ ଦାବି



ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ବିଭିନ୍ନ ସଂଘ, ସଂଗଠନ ଓ ସମାଜର ସମସ୍ତ ସଦସ୍ୟ ଓ କିଛି ସମାଜସେବୀ ଏକତ୍ରିତ ହୋଇ ଜିଲ୍ଲାର ଏମ୍.ଭି. ୭୯ ଥାନା ଅନ୍ତର୍ଗତ ଏମ୍.ଭି. ୭୨ ଗ୍ରାମର ଦୁଇ ନାବାଳିକା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାର ଉଚିତ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଏମ୍‌ଭି. ୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଗତ ପ୍ରାୟ ୧୨ ଦିନ ପୂର୍ବେ ବିଦ୍ୟାଳୟରୁ ଘରକୁ ଫେରିନଥିବାବେଳେ କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ଦୁଇଦିନ ପରେ ସେମାନଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ମୋଟୁ ଥାନା ଏମ୍‌ପିଭି ୪୨ ଗ୍ରାମ ନିକଟ ଜଙ୍ଗଲର ଏକ ଗଛରୁ ଉଦ୍ଧାର ହୋଇଥିଲା। ତେବେ ଉକ୍ତ ଦୁଇ ଛାତ୍ରୀଙ୍କ ନିଖୋଜ ସମ୍ବନ୍ଧରେ ପରିବାର ବର୍ଗ ଏମ୍‌ଭି୭୯ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ମୃତଦେହ ଉଦ୍ଧାର ପରେ ଏ ନେଇ ମୋଟୁ ଥାନାରେ ମଧ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ତେବେ ଏହି ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଏହା ଏକ ବିଭତ୍ସ ହତ୍ୟା କାଣ୍ଡ ଅଟେ। ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ପରେ ପଞ୍ଚନାମା ସମୟରେ ସ୍ଥାନୀୟ ବାସିନ୍ଦା ସେମାନଙ୍କ ଶରୀରରେ ଅନେକ କ୍ଷତ ବିକ୍ଷତ ହୋଇଥିବା ଦେଖିବାକୁ ପାଇଥିଲେ। ଏହାସହ ଘଟଣା ସ୍ଥଳରୁ ଗୋଟିଏ ମୋବାଇଲ ମଧ୍ୟ ଉଦ୍ଧାର କରା ଯାଇଥିଲା। ଏହି ଘଟଣାରେ କିଛି ଯୁବକଙ୍କ ସମ୍ପୃକ୍ତି ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଥିବା ବେଳେ ପୋଲିସ କିନ୍ତୁ ଏହାକୁ ଆତ୍ମହତ୍ୟାର ରୂପ ଦେବାପାଇଁ ପରିବାର ଲୋକ ଉପରେ ଚାପ ପକାଉଥିବା ମୃତ ଛାତ୍ରୀଦ୍ୱୟଙ୍କ ପିତାମାତା ଅଭିଯୋଗ କରିଛନ୍ତି। ଉଚିତ ତଦନ୍ତ ନକରି ଘଟଣା ସ୍ଥଳରୁ ମିଳିଥିବା ବିଭିନ୍ନ ପ୍ରମାଣ ଅନୁଯାୟୀ ପଦକ୍ଷେପ ନନେଇ ନିଜ ଉପରୁ ଦୋଷ ହଟାଇବା ପାଇଁ ପୋଲିସ ବିଦ୍ୟାଳୟର ଶିକ୍ଷକମାନଙ୍କ ଉପରେ ମଧ ଚାପ ପକାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଉକ୍ତ ଦୁଇଛାତ୍ରୀ ବିଳମ୍ବରେ ଆସିଥିବା ଯୋଗୁଁ ଶିକ୍ଷକମାନେ ସେମାନଙ୍କୁ ତାଗିଦ୍ କରିଥିବାରୁ ଉକ୍ତ ଦୁଇଛାତ୍ରୀ ଆତ୍ମହତ୍ୟା କରିଥିବା ପୋଲିସ ପ୍ରମାଣ କରିବା ପାଇଁ ଚେଷ୍ଟା ଚଳାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପରିବାର ଲୋକେ କିନ୍ତୁ ଏହାକୁ ଅପହରଣ, ଗଣ ବଳାତ୍କାର ଓ ହତ୍ୟା ଦାବି କରି ଏମ୍.ଭି. ୭୯ ଓ ମୋଟୁ ଥାନାରେ ପୁନଃ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୧୨ ଦିନ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ଯାଏଁ ଉଭୟ ଛାତ୍ରୀଙ୍କ ଶବ ବ୍ୟବଛେଦ ରିପୋର୍ଟ ହସ୍ତଗତ ହୋଇ ପାରିନାହିଁ। ପୋଲିସ ଏହାକୁ ଏକ ଆଳ ଦେଖାଇ ତଦନ୍ତକୁ ଶିଥିଳ କରିଦେଇଛି ବୋଲି ବିଭିନ୍ନ ସଂଗଠନ ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହା ପଛରେ ଅନେକ ରହସ୍ୟ ଲୁଚି ରହିଛି, ଏଣୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ ଦୁଇ ଗରିବ ଆଦିବାସୀ ଓ ହରିଜନ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ଲାଗି ମାମଲାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀ ଓ ଏହାକୁ ଚପାଇବା ପାଇଁ ଉଦ୍ୟମ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ମଧ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଦାବିରେ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଏହି ଦାବିପତ୍ର ଗ୍ରହଣ କରିଛନ୍ତି। ଏହି ଦାବିପତ୍ରର ନକଲ ଜିଲ୍ଲା ଏସପିଙ୍କୁ ମଧ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଘଟଣାର ପର୍ଦ୍ଦାଫାସ ନକଲେ ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନର ରୂପ ନେବ ଏବଂ ଜିଲ୍ଲାବାସୀ ଉଭୟ ପୀଡିତ ପରିବାରଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଆନ୍ଦୋଳନର ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବିରାଟ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ

# କଂସ ମହାରାଜାଙ୍କ ମଥୁରାନଗର ପରିକ୍ରମା




ମୁରିବାହାଲ (ଭାସ୍କର ନ୍ୟୁଜ), ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ ମଙ୍ଗଳବାର ଦିନ କଂସ ମହାରାଜଙ୍କ ର, ମଥୁରା ନଗର ପରିକ୍ରମା, ମଗଧ ନଗରୀ ଆକ୍ରମଣ, କଂସ ମହାରାଜାଙ୍କର, ବିବାହ ଓ କାଳୀୟ ଦଳନ, ମଥୁରା ନଗରୀରେ ସମସ୍ତ ପ୍ରଜାଗଣ, ମହାରାଜ କଂସଙ୍କୁ ବନ୍ଦାପନା କରି ସ୍ୱାଗତ ଜଣାଇଥିଲେ। ଧନୁଯାତ୍ରା କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ମୁଖ୍ୟ ଅତିଥି ଭାବେ ଗିରିରାଜ ସିଂ ମାଝୀ, ସମ୍ମାନୀତ ଅତିଥି ଭାବେ ହୀରା ଜୈନ ବରିଷ୍ଠ ସମାଜସେବୀ ତଥା ସମାଜ ସେବୀ,ଭଜରାମ ସାହୁ ସମ୍ପାଦକ ଜନମୁକ୍ତି ଅନୁଷ୍ଠାନ ଭୋଇ ପଡ଼ା,ଶିବପ୍ରସାଦ ନାଏକ ବନାଞ୍ଚଳ ଅଧିକାରୀ ମୁରିବାହାଲ, ସରୋଜ କୁମାର ମେହେର ସରପଞ୍ଚ ପ୍ରତିନିଧି ଚାନବାହାଲ ଗ୍ରାମ ପଞ୍ଚାୟତ,ଅନିଲ କୁମାର ଶର୍ମା ପ୍ରତିଷ୍ଠିତ ବ୍ୟବସାୟୀ ଓ ସମାଜସେବୀ,ସୁଦର୍ଶନ ଦୀପ ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ କଳାକାର, ଜୟଦେବ ଷାଣ୍ଡ ଜିଲ୍ଲା ସଂଗଠକ ଯାଦବ ସମାଜ, ଦୁର୍ଗାନନ୍ଦ ମହାକୁର ସଭାପତି ଜର୍ଣ୍ଣାଲିଷ୍ଟ ଆସୋସିଏସନ ମୁରିବାହାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସାତଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିଛି। ଅଞ୍ଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ମୀନାବଜାର ଆଦି ଅନୁଷ୍ଠିତ ହୋଇଛି । ଦର୍ଶକମାନେ ସୁବିଧାରେ ଧନୁଯାତ୍ରା ଦେଖିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଏଥିପାଇଁ ମୁରିବାହାଲ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରା ମହୋତ୍ସବ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ସୁବ୍ରତ ମହାକୁର, ବିଶ୍ୱବିହାରୀ ଯୋଷୀ, ନିରଞ୍ଜନ ସାହୁ ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝଙ୍କାର ,କାର୍ଯ୍ୟକାରୀ ସଭାପତି ରାଜିବ କୁମାର ମହାନ୍ତି, ସୁଦାମ ବଘାର,ରମେଶ ନାଗ, ସୁଦାମ ସାହୁ , ତରଣୀସେନ ମେହେର ସାଧାରଣ ସମ୍ପାଦକ, ତରୁଣ ପୋଡ୍ଡ , ସହ ସମ୍ପାଦକ, ପ୍ରେମାନନ୍ଦ ମାଝୀ, ରମାରଞ୍ଜନପାତ୍ର କୋଷାଧକ୍ଷ , ପଦ୍ମଲୋଚନ ସାହୁ, ସଂଯୋଜକ ସୁଧାଂଶୁ ପୋଡ଼ ଯାଦବ, ଉଦିତ କଟା, ସାଂସ୍କୃତିକ ସମ୍ପାଦକ ପ୍ରମୁଖ, ଖଗେଶ୍ୱର ସାହୁ, ହେମନ୍ତ କୁମାର ଶର୍ମା, , ପୂର୍ଣ୍ଣଚନ୍ଦ୍ର ପ୍ରଧା,ଉପଦେଷ୍ଟା ଦୁର୍ଯ୍ୟୋଧନ ବେହେରା, ଚିନ୍ତାମଣି ମହାରଣା, କୁନ୍ତ ପୋଡ଼, କୃତିବାସ ଦାସ, ଯାଞ୍ଚ କମିଟି ସୁରେଶ କୁମାର ଶର୍ମା, ଅନିଲ କୁମାରଶର୍ମା, ରାମକୃଷ୍ଣ ଆଡ଼ୟୁଆଡ, ଯଦୁସାହୁ, ଉଦିତକଟାଙ୍କ ସହ ପ୍ରଚାର ପ୍ରସାର କମିଟିର କେଦାର ବଡଜେନା, ପ୍ରଫୁଲ୍ଲ ବଘାରଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆୟୋଜକ କମିଟିର କାର୍ଯ୍ୟକାରି ସଭାପତି ତରଣୀସେନ ମେହେର ଧନ୍ୟବାଦ୍ ଦେଇଥିଲେ ।

## ଖବରଦାତାଙ୍କ ମାତୃ ବିୟୋଗ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ କାର୍ଯ୍ୟରତ ଥିବା ସମାଜ ଖବର କାଗଜର ପ୍ରତିନିଧି ଦେବେନ୍ଦ୍ର ସାହୁଙ୍କ ମା' ରାଜକୁମାରୀ ସାହୁଙ୍କ ୬୮ ବର୍ଷ ବୟସରେ ଦେହାନ୍ତ ହୋଇ ଯାଇଛି। ସ୍ୱର୍ଗତା ରାଜକୁମାରୀ ଜଣେ ମିଷ୍ଟଭାଷୀ ଓ ସହୃଦୟା ମହିଳା ଥିଲେ। ଧର୍ମ ପରାୟଣ ଓ ଲୋକଙ୍କ ସେବା ତାଙ୍କର ମୂଳଧର୍ମ ହୋଇଥିବା ବେଳେ ସେ ଗତ କିଛିଦିନ ଧରି ଅସୁସ୍ଥ ହୋଇପଡିଥିଲେ। ତାଙ୍କର ଚିକିତ୍ସା ମଧ୍ୟ ଜାରି ରହିଥିବା ବେଳେ ଆଜି ସେ ନିଜ ଘରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କ ନିକଟରେ ତାଙ୍କ ପୁଅ ଦେବେନ୍ଦ୍ରଙ୍କ ସହ ଅନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁଖବର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସଭାପତି ଭି. ନାଗା ରାଜୁଙ୍କ ସଭାପତିତ୍ୱରେ ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି କ୍ଷେତ୍ରରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା,ଆଇଆଇସି ସୁଜ୍ଞାନୀ ସାହୁ,ଅତିରିକ୍ତ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଟାକ୍ରୀ, ସମ୍ପାଦକ ଏକଲବ୍ୟ ଚୌଧୁରୀ ଯୋଗ ଦେଇଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ବାର୍ଷିକ କ୍ରୀଡ଼ାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ କୁନି କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏନେଇ ଏହି ଉତ୍ସବ ଉପଲକ୍ଷେ ଅଭିଭାବକମାନଙ୍କ ସମେତ ଅଞ୍ଚଳବାସୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।




## ■ ବକ୍ସାଇଟ ଚାଲାଣକୁ ବିରୋଧ ଘଟଣା

# ଅଷ୍ଟମ ଦିନରେ ପହଞ୍ଚିଲା ଆନ୍ଦୋଳନ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଗତ ବୁଧବାର ଦିନ ପାୟୋନିର କମ୍ପାନୀ ଦ୍ୱାରା ବକ୍ସାଇଟ ପରିବହନ ଆରମ୍ଭ ହେବାର ସୂଚନା ପାଇବା ପରେ ତାରା ବାହିନୀପତିଙ୍କ ନିର୍ଦ୍ଦେଶ ରେ ଶତାଧିକ ଲୋକ ଏକତ୍ରିତ ହୋଇ ଏଲଜି ପଏଣ୍ଟ ଠାରେ ବିରୋଧ କରିବା ସହ ଟେଣ୍ଟ ମାରି ବସି ରହିଥିଲେ।ଏହି ଆନ୍ଦୋଳନ ବର୍ତ୍ତମାନ ଅଷ୍ଟମ ଦିନରେ ପହଁଚିଥିବା ବେଳେ ଆଜି ମଧ ଏଲଜି ପଏଣ୍ଟ ଠାରେ ମନୋଜ ବାହିନୀପତିଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଛି। ସାତ ଦିନ ବିତିବା ପରେ ମଧ ଏହି ଆନ୍ଦୋଳନ ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉନଥିବା ଶ୍ରୀ ବାହିନୀପତି କହିଛନ୍ତି। ସରକାର ଯଦି ପାୟୋନିର କମ୍ପାନୀକୁ ଖଣି ପ୍ରଦାନ କରନ୍ତି ତାହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କରାଯିବ ବୋଲି ଦର୍ଶାଇଛନ୍ତି। ଏହି ଆନ୍ଦୋଳନକୁ ଜୟପୁର ବିଧାୟକ ଭାଲୁ ବାହିନୀପତି,ସାଂସଦ ସପ୍ତଗିରି ଉଲ୍‌କା,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ସମର୍ଥନ କରୁଥିବା ଜଣାପଡିଛି। ପ୍ରକାଶ ଥାଉକି ଓଡିଶାର ଖଣିକୁ ପାୟୋନିର କମ୍ପାନୀ ବିଶାଖାପାଟଣା ପୋର୍ଟକୁ ନେଇଁ ବିଦେଶରେ ବିକ୍ରି କରି କୋଟି କୋଟି ଟଙ୍କା ଲାଭବାନ ହେବ, କିନ୍ତୁ ଏ ଅଞ୍ଚଳର ଲୋକେ କଣ ଧୂଳି ମାଟି ରେ ସଢ଼ିବୁ କି ବୋଲି ଆଜି ଅଞ୍ଚଳ ଲୋକେ ପ୍ରଶ୍ନ କରିଥିଲେ। ଓଡିଶା ମାଟିର ବକ୍ସାଇଟକୁ ଆମ ଅଞ୍ଚଳରେ କାରଖାନା କରାଯାଇ ବିନିଯୋଗ କରାଯାଉ ଓ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯାଉ, କାରଖାନା ପ୍ରତିଷ୍ଠା ହେଲେ ବିରୋଧ କର ଯିବନାହିଁ, ଏଠାରୁ କଞ୍ଚାମାଲ ଆନ୍ଧ୍ରକୁ ଗଲେ ବିରୋଧ କରାଯିବ ବୋଲି କୁହାଯାଇଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୋଡିଙ୍ଗା ମାଳି ରୁ ଗତ କିଛି ବର୍ଷ ହେଲା ଓଏମସି ଜରିଆରେ ଖଣି ଖନନ କରାଯାଇ ବେଦାନ୍ତ କମ୍ପାନୀକୁ ପ୍ରଦାନ କରାଯାଉଛି। କୋଡିଙ୍ଗା ମାଳି ରୁ ଖଣି ଖନନ ଦାୟିତ୍ୱ ଆନ୍ଧ୍ର ପ୍ରଦେଶର ଏକ ଘରୋଇ କମ୍ପାନୀକୁ ଓଏମସି ୭୫ ପ୍ରତିଶତ ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ୨୫ ପ୍ରତିଶତ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ପାୟୋନିର ନାମକ କମ୍ପାନୀକୁ ପ୍ରଦାନ କରାଯିବା ସକାଶେ ଚୁକ୍ତି କରାଯାଇଛି। ପ୍ରାୟ ଦେଢ଼ ଲକ୍ଷ ଟନ୍ ବକ୍ସାଇଟ ପାୟୋନିର କମ୍ପାନୀ ନେବା ସକାଶେ ସରକାର ଙ୍କ ପାଖରେ ସ୍ୱୀକୃତି ହୋଇଥିବା ଜଣାପଡିଛି। ଗତ କିଛିମାସ ହେଲା ପାୟୋନିର ନାମକ କମ୍ପାନୀ ସରକାରଙ୍କ ପାଖରେ କାଗଜ ପତ୍ର କରିଥିବା ଜଣାପଡିବା ପରେ ଉକ୍ତ କମ୍ପାନୀକୁ ଖଣି ପ୍ରଦାନ ନକରିବାକୁ ବିଗତ ଦିନରେ ସାଧାରଣରେ ଦାବି ହୋଇଥିଲା। ଏପରିକି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କ ନେତୃତ୍ୱରେ କୋରାପୁଟ ରେ ରାଲି କରାଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍ ଶୁଭାରମ୍ଭ



ରାୟଗଡା(ଭାସ୍କର ନ୍ୟୁଜ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣ କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଂଚଳର କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲ୍ଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ଜଣ ଏସକର୍ଟ କର୍ମକର୍ତ୍ତାମାନେ ଆଜି ରାୟଗଡା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ କୋଲକାତା କାମାକ୍ଷା ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡ ଜିଲ୍ଲାପାଳ ପାରୁଲ ପଟୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନରେ ଫିତା କାଟିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ରେଳ ବିଭାଗ ରାୟଗଡ ରେଳ ମଣ୍ଡଳ ପରିଚାଳକ ଅମିତାଭ ସିଂଘଲ, ମୁଖ୍ୟ ଉନ୍ନୟନ ଅଧିକାରୀ ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡ, ରାୟଗଡ ପୌର ଅଧ୍ୟକ୍ଷ ମହେଶ ପଟ୍ଟନାୟକ, ରାୟଗଡ ସମିତି ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, କୋଲନାରା ସମିତି ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା ପ୍ରମୁଖ ଯୋଗଦାନ କରି ବରିଷ୍ଠ ନାଗରିକ ମାନଙ୍କ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାଏ, ସହକାରୀ ନିର୍ଦ୍ଦେଶକ ସରୋଜ ଜେନା, ବରିଷ୍ଠ ସହାୟକ ବୃନ୍ଦ ଦେବ ବୁଦୁଲା ସମେତ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ରାୟଗଡା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ଆଜିସୁଧା ୩୩ ଟି ପର୍ଯ୍ୟାୟରେ ସର୍ବମୋଟ ୩୧୯୮ ଜଣ ବରିଷ୍ଠ ନାଗରିକ ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି । ଏଥର ୭୭୫ଜଣ ଓ ଏସକର୍ଟ ଅଫିସର ମିଶି ସର୍ବମୋଟ ୮୦୦ଜଣ ତୀର୍ଥଯାତ୍ରୀ ଯାତ୍ରାର ସୁଯୋଗ ପାଉଛନ୍ତି । ଏହି ଯାତ୍ରାବେଳେ ତୀର୍ଥ ଯାତ୍ରୀମାନଙ୍କ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାର ବହନ କରିଥାନ୍ତି। ତୀର୍ଥଯାତ୍ରୀମାନଙ୍କ ରହିବା, ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଗସ୍ତ ଜଗୁଆଳି,ପଥ ପ୍ରଦର୍ଶକ,ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଚଳିତ ୨୦୨୪-୨୫ଆର୍ଥିକ ବର୍ଷରେ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବାବେଳେ ଏଥିମଧ୍ୟରେ ରାୟଗଡା ଠାରୁ କୋଲକାତା - କାମାକ୍ଷା ତୀର୍ଥସ୍ଥାନ ଭ୍ରମଣର ସ୍ଥିର କରାଯାଇଥିଲା ବୋଲି ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି । ଏଥିରେ ରାୟଗଡା ଜିଲ୍ଲାର ୧୫୯ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୭ଜଣ , ନବରଙ୍ଗପୁରର ୧୩୦ଜଣ, ମାଲକାନଗିରି ୬୯, ନୂଆପଡା ଜିଲ୍ଲାର ୭୨ଲେଖାଁଏ ଏବଂ କଳାହାଣ୍ଡିର ୧୭୮ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା ଭ୍ରମଣରେ ଗସ୍ତ କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସଂଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଜି ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବା ବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ତୀର୍ଥଯାତ୍ରା ଭ୍ରମଣ ନିମନ୍ତେ ରାୟଗଡା ଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନାରାୟଣ ମିଶ୍ର ପରିଚାଳନା କରିଥିଲେ ।

# ସାଇକେଲ ପରିଭ୍ରମଣକାରୀଙ୍କୁ ସ୍ୱାଗତ



ମାଲକାନଗିରି(ଭାସ୍କର ନ୍ୟୁଜ୍): ସାଇକେଲ ଯୋଗେ ଓଡିଶା ଭ୍ରମଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଛନ୍ତି ସମ୍ବଲପୁର ଯୁବକ ଶୁଭମ ବାରିକ। ବୟସ ୨୧ ହୋଇଥିବା ବେଳେ ଶୁଭମ ଯୁବପିଢୀଙ୍କୁ 'ପରିବେଶ ସୁରକ୍ଷା ଓ ଲୋକ ଟିଏକୁ ଗଛ ଟିଏ' ବାର୍ତ୍ତା ନେଇ ସାରା ଓଡିଶା ସାଇକେଲରେ ଘୁରି ବୁଲୁଛନ୍ତି। ତେବେ ଏହି କ୍ରମରେ ସେ ମାଲକାନଗିରି ଜିଲ୍ଲାରେ ପହଞ୍ଚିଥିବା ବେଳେ ପ୍ରଥମେ ମାଥିଲି ଠାରେ ଥାନା ଅଧିକାରୀ ଓ ପରେ ମାଲକାନଗିରି ଜିଲ୍ଲା ସଦରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇ ତାଙ୍କୁ ସହାୟତା ଯୋଗାଇଛନ୍ତି। ଶୁଭମଙ୍କ ଘର ସମ୍ବଲପୁରଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଡିମିରିମୁଣ୍ଡା ଅଟେ। ଏକ ଗରିବ ପରିବାରରେ ଜନ୍ମ ଶୁଭମ ପିଲାଟି ଦିନୁ ପରିବେଶକୁ ଜୀବ ଜଗତର ମୁଖ୍ୟ ସମ୍ପଦ ରୂପେ ଗ୍ରହଣ କରି ପରିବେଶ ସୁରକ୍ଷା ପାଇଁ ନିଜେ କୌଣସି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ବ୍ୟବହାର ନକରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ସହ ବର୍ତ୍ତମାନ ସ୍ଥିତିରେ ବଢୁଥିବା ପ୍ରଦୂଷଣ ଓ ତାପମାତ୍ରାକୁ ରୋକି ଜୀବ ଜଗତର ସୁରକ୍ଷା ପାଇଁ ସାଇକେଲ ଯାତ୍ରା ମାଧ୍ୟମରେ ସାରା ଓଡିଶା ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି ଶୁଭମ। ପରିବେଶ ବଞ୍ଚେଇବା ଲାଗି ବାର୍ତ୍ତା ଦେବା ପାଇଁ ଡିସେମ୍ବର୨୭ ତାରିଖ ଠାରୁ ବାହାରି ଝାରସୁଗୁଡା, ସୁନ୍ଦର ଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗସିଂହ ପୁର,କଟକ, ପୁରୀ,ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ରାୟଗଡା, କୋରାପୁଟ ଯାଇ ୫୩ଦିନ ପରେ ଏବେ ମାଲକାନଗିରି ଜିଲ୍ଲାରେ ପହଞ୍ଚିଛନ୍ତି। ଜିଲ୍ଲାରେ ପହଁଚିଲା ପରେ ମାଥିଲି ଥାନା ଅଧିକାରୀ ତାଙ୍କୁ ଗୋଲାପ ଫୁଲ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ସହ ତାଙ୍କର ଏହି ମହତ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ସେହିପରି ଶୁଭମ ଏହାପରେ ମାଲକାନଗିରି ଆସିବା ପରେ ତାଙ୍କୁ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ସ୍ୱଗତ ଜଣାଇବା ସହ ତାଙ୍କର ରାତ୍ରି ଯାପନ ପାଇଁ ବ୍ୟବସ୍ଥା କରାଇଥିଲେ। ଶୁଭମଙ୍କ ଏପରି ବାର୍ତ୍ତାକୁ ସ୍ଥାନୀୟ ଅଞ୍ଚଳର ଯୁବପିଢି ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି।

## କୈଳାସଙ୍କୁ ମିଳିଲା ରାଷ୍ଟ୍ରଦୀପ କବିତା ସମ୍ମାନ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳର ବିଶିଷ୍ଟ ସାହିତ୍ୟିକ କୈଳାସ ଚନ୍ଦ୍ର ଧଳଙ୍କୁ ସାପ୍ତାହିକି ରାଷ୍ଟ୍ରଦୀପ ତରଫରୁ ରାଷ୍ଟ୍ରଦୀପ କବିତା ସମ୍ମାନ- ୨୦୨୫ ପ୍ରଦାନ କରାଯାଇଛି । ରାଷ୍ଟ୍ରଦୀପର ୩୧ ତମ ବାର୍ଷିକ ବାସନ୍ତିକ ଉତ୍ସବ ଓ ବସନ୍ତ ମିଳନ ଅବସରରେ ବିଶିଷ୍ଟ ଅତିଥିମାନେ ଶ୍ରୀଯୁକ୍ତ ଧଳଙ୍କୁ ତାଙ୍କର ରାଷ୍ଟ୍ରୀୟବାଦୀ ଚିନ୍ତାଧାରାର କବିତା ପାଇଁ ମାନପତ୍ର, ଫଳକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ରାଷ୍ଟ୍ରଦୀପ ପ୍ରସାର ପରିଚାଳନା ର ସଭାପତି ଶ୍ରୀ ଅନୁପ କୁମାର ଘୋଷ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ସମାଜସେବୀ ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ ମୁଖାର୍ଜୀ ଯୋଗଦେଇ ପ୍ରେରଣାଦାୟୀ ମାର୍ଗଦର୍ଶନ କରିଥିଲେ । ରାଷ୍ଟ୍ରଦୀପ ସମ୍ପାଦକ ଡ଼ ଚିତ୍ତରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲା ବେଳେ ରାଷ୍ଟ୍ରଦୀପ ପରିଚାଳନା ସମିତି ସମ୍ପାଦକ ଶ୍ରୀ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ । ସହ ସମ୍ପାଦିକା ପ୍ରଜ୍ଞା ଆଚାର୍ଯ୍ୟ ମାନପତ୍ର ପଠନ କରିଥିଲେ । ରାଷ୍ଟ୍ରଦୀପ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସ୍ୱୟଂ ସେବକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କୈଳାସ ଚନ୍ଦ୍ର ଧଳଙ୍କୁ କବିତାରେ ସମ୍ବର୍ଦ୍ଧିତ କରିଥିଲା ବେଳେ ଗଳ୍ପରେ, ପ୍ରବନ୍ଧରେ, ଶିଶୁ ସାହିତ୍ୟରେ, ଲଘୁ ସାହିତ୍ୟରେ ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ଧଳ କନ୍ଧମାଳର ଜଣେ ଜଣାଶୁଣା ସାହିତ୍ୟିକ ଓ ସଂଗଠକ । ତାଙ୍କର ଏହି କୃତିତ୍ୱରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।



## ଆବୁଝମାଡରେ ହାଫ୍ ମାରାଥନ ପାଇଁ ପ୍ରସ୍ତୁତି



ରାୟପୁର: ଶାରୀରିକ ସୁସ୍ଥତା, ପ୍ରାକୃତିକ ପରିବେଶ ଏବଂ ଆଞ୍ଚଳିକ ସୌନ୍ଦର୍ଯ୍ୟର ସହଅବସ୍ଥାନ ପାଇଁ ବୁଧବାର ଛତିଶଗଡର ଆବୁଝମାଡରେ ଏକ ହାଫ୍ ମାରାଥନ ପାଇଁ ପ୍ରସ୍ତୁତିପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମାରାଥନ ମାର୍ଚ୍ଚ ୨ରେ ନାରାୟଣପୁରରେ ଅନୁଷ୍ଠିତ ହେବ । ଏଥିପାଇଁ ୫ହଜାରରୁ ଅଧିକ ଅଂଶଗ୍ରହଣକାରୀ ସେମାନଙ୍କ ନାମ ରେଜିଷ୍ଟ୍ରେସନ କରିସାରିଛନ୍ତି । ଏହା ଆଶା, ଏକତା ଏବଂ ଶକ୍ତିର ପରିବର୍ତ୍ତନ ତଥା କ୍ରୀଡା କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଆବୁଝମାଡ ହେଉଛି ପ୍ରାକୃତି ସୌନ୍ଦର୍ଯ୍ୟ ଏବଂ ସଂସ୍କୃତିରେ ଭରପୂର । କିଛିଦିନ ତଳେ ଏଠାରେ ନକ୍ସଲମାନଙ୍କ ରାଜ ଚାଲିଥିଲା । ତେଣୁ ସେହି ରାଜକୁ ଦମନ କରାଯିବା ସହ ସେଠାକାର ଯୁବକମାନଙ୍କ ମଧ୍ୟରେ ନବ ଉନ୍ମାଦନା ସୃଷ୍ଟି କରିବା ଏହି ମାରାଥନର ଲକ୍ଷ୍ୟ ବୋଲି କୁହାଯାଉଛି । ଏଥିପାଇଁ ୩ଟି ଭାଗରେ ଏହାକୁ ବିଭକ୍ତ କରାଯାଇଛି । ଗୋଟିଏ ହେଉଛି ୨୧କିମି ଦୌଡ଼ । ଅନ୍ୟ ଦୁଇଟି ୫କିମି ଓ ୧୦କିମିର ଦୌଡ଼ । ଏନେଇ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ଏହା ଆଜିର ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ସହ ସେମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିବ ।

## ଧାର୍ମିକ ଏକତ୍ରିକରଣରେ ଭାରତୀୟ ରେଳବାଇ ପ୍ରମୁଖ ଭୂମିକା

ନୂଆଦିଲ୍ଲୀ/ପ୍ରୟାଗରାଜ : ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହୋଇଥିବା କୁମ୍ଭମେଳାରେ ବର୍ତ୍ତମାନ ସୁଦ୍ଧା ୫୩କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି । ଏହା ବିଶ୍ୱର ସବୁଠାରୁ ବଡ ସ୍ନାନ ବୋଲି କୁହାଯାଉଛି । ପ୍ରତିଦିନ ଏଠାରେ ସ୍ନାନ ପାଇଁ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ପହଞ୍ଚୁଥିବା ଦେଖିବାକୁ ମିଳୁଛି । ଏହା କ୍ଷେତ୍ରରେ ଭାରତୀୟ ରେଳବାଇର ପ୍ରମୁଖ ଭୂମିକା ରହିଛି । ଧାର୍ମିକ ସ୍ଥଳକୁ ତୀର୍ଥଯାତ୍ରୀଙ୍କୁ ପହଞ୍ଚାଇବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି । ମହାକୁମ୍ଭ ମେଳା ପାଇଁ ଗତ ୩ବର୍ଷ ହେବ ରେଳବାଇ ପକ୍ଷରୁ ପ୍ରସ୍ତୁତିପର୍ବ ଆରମ୍ଭ କରାଯାଇଥିଲା । ବିଭିନ୍ନ ଲେଭେଲକ୍ରସିଂଗୁଡିକର ଉନ୍ନତିକରଣ ସହ ୧୩ହଜାରରୁ ଅଧିକ ଟ୍ରେନ୍ ଏହି ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଚଳାଚଳ କରୁଛି । ଏଥିପାଇଁ ମାଲବାହୀ ଟ୍ରେନଗୁଡିକର ଗତିପଥକୁ ବଦଳା ଯିବା ସହ ଅଧିକ ପରିମାଣର ଟ୍ରେନ୍ ଚଳାଚଳ କରୁଛି । ୯ଟି ରେଳ ଷ୍ଟେସନରେ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ ହେଉଥିବାରୁ ସେମାନଙ୍କ ପାଇଁ ଦ୍ୱିତୀୟ ପଥର ବ୍ୟବସ୍ଥା କରାଯାଇଛି । ସେହିପରି ୪୮ଟି ପ୍ଲାଟଫର୍ମ ଏବଂ ୨୧ଟି ଫୁଡ୍ ଓଭରବ୍ରିଜରେ ଯାତ୍ରୀମାନଙ୍କ ଯିବା ଆସିବା ପାଇଁ ସୁବ୍ୟବସ୍ଥା କରାଯାଇଛି । ଜାନୁଆରୀ ୧୩, ୨୦୨୫ ପର୍ଯ୍ୟନ୍ତ ପ୍ରୟାଗରାଜକୁ ରେଳଯୋଗେ ୩.୦୯କୋଟିରୁ ଶ୍ରଦ୍ଧାଳୁ ଯାତାୟାତ କରିଛନ୍ତି । ୧୪ ଜାନୁଆରୀରେ ୧୩.୮୦ଲକ୍ଷ, ୨୮ ଜାନୁଆରୀ ୧୪.୧୫ଲକ୍ଷ, ୨୯ଜାନୁଆରୀରେ ୨୭ଲକ୍ଷ, ୧୦ ଏବଂ ୧୧ ଜାନୁଆରୀରେ ୧୪ଲକ୍ଷ, ୧୨ ଫେବୃୟାରୀ ୧୭ଲକ୍ଷ ଏବଂ ୧୫ ଫେବୃୟାରୀରେ ୧୪.୭୬ଲକ୍ଷ ଯାତ୍ରୀ ପ୍ରୟାଗରାଜ ଯାଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

### ରାହୁଲଙ୍କୁ ସେନା ମୁଖ୍ୟଙ୍କ ପରାମର୍ଶ

## 'ସେନାକୁ ରାଜନୀତି ଭିତରକୁ ଟାଣିବା ଉଚିତ୍ ନୁହେଁ'



ନୂଆଦିଲ୍ଲୀ: ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଭାରତ-ଚୀନ ସୀମା ବିବାଦ ଏବଂ ଦେଶ ଭିତରେ ସେନାକୁ ନେଇ ଚାଲିଥିବା ରାଜନୀତି ଉପରେ ଏକ ବିବୃତ୍ତି ଦେଇଛନ୍ତି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପରାମର୍ଶ ଦେବା ସମୟରେ ସେ କହିଥିଲେ ଯେ ସେନାକୁ ରାଜନୀତିରେ ଟାଣିବା ଉଚିତ୍ ନୁହେଁ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ନିକଟରେ ଦାବି କରିଥିଲେ ଯେ ସେନାମୁଖ୍ୟ କହିଥିଲେ ଯେ ଲଦାଖ ସେକ୍ଟରରେ ଅନୁପ୍ରବେଶ ହୋଇଛି । ଏହା ଉପରେ ସେନା ମୁଖ୍ୟ ତାଙ୍କୁ ଉତ୍ତର ଦେଇଥିଲେ । ଏକ ସାକ୍ଷାତକାରରେ ସେନା ମୁଖ୍ୟ କହିଛନ୍ତି ଯେ ଆମେ ଚୀନ୍ ସହିତ ଆଲୋଚନା ପଥରେ ଆଗକୁ ବଢ଼ିଛୁ । ସେ ଆହୁରି କହିଛନ୍ତି, ଭାରତ ଏବଂ ଚୀନ୍ ମଧ୍ୟରେ ଆଲୋଚନା ମାଧ୍ୟମରେ ସମସ୍ତ ସନ୍ଦେହ ଦୂର ହୋଇଯିବ । ଆମେ ଚାହୁଁଛୁ ଯେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରକାରର ଦ୍ୱନ୍ଦ୍ୱ ନ ହେଉ । ଏଥିପାଇଁ, ଆମେ କମାଣ୍ଡରମାନଙ୍କୁ ସେମାନଙ୍କ ସ୍ତରରେ ଏ ବିଷୟରେ ନିଷ୍ପତ୍ତି ନେବାର କ୍ଷମତା ଦେଇଛୁ । ଏଥିପାଇଁ ସେମାନଙ୍କୁ କୌଣସି ପ୍ରକାରର ଅନୁମୋଦନର ଆବଶ୍ୟକତା ନାହିଁ । ଅସ୍ତ୍ର ବିକ୍ରୟ ସମ୍ପର୍କରେ ସେନା ମୁଖ୍ୟ କହିଛନ୍ତି, ଏବେ ବିଦେଶରୁ ଆମକୁ ଅସ୍ତ୍ର ପଠାଯାଉଛି । ଭାରତ ସର୍ବଦା ପ୍ରଥମେ ଆଲୋଚନାର ଉପାୟ ଖୋଜେ, କିନ୍ତୁ ଯେତେବେଳେ ଏହା ଆବଶ୍ୟକ ହେବ, ଆମେ ଯୁଦ୍ଧରୁ ପଛଘୁଞ୍ଚା ଦେବୁ ନାହିଁ ।

## ଚନ୍ଦ୍ରରେ ପାଦ ଦେବ ପାକିସ୍ତାନ



ଇସଲାମାବାଦ: ପାକିସ୍ତାନର ମହାକାଶ ସଂସ୍ଥା ସୁପାରକୋ (SUPARCO) ଘୋଷଣା କରିଛି ଯେ ପାକିସ୍ତାନର ପ୍ରଥମ ଚନ୍ଦ୍ରମା ରୋଭର ମିଶନ ୨୦୨୮ରେ ଆରମ୍ଭ ହେବାକୁ ଯାଉଛି । ପାକିସ୍ତାନ ଏବଂ ଚାଇନା ମଧ୍ୟରେ ମହାକାଶ ସହଯୋଗ ଅଧୀନରେ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି । ଏହି ମିଶନ ଅଧୀନରେ, ପାକିସ୍ତାନର ଚନ୍ଦ୍ରମା ରୋଭର ଚାଇନାର ଚାଙ୍ଗଇ ୮ମିଶନର ଏକ ଅଂଶ ହେବ, ଯାହା ଚନ୍ଦ୍ରର ଦକ୍ଷିଣ ମେରୁରେ ରୋବୋଟିକ ଅନୁସନ୍ଧାନ ଉପରେ ଧ୍ୟାନ ଦେବ । ଚାଇନାର ଚାଙ୍ଗଇ ୮ମିଶନର ଅଂଶ ଭାବରେ ପାକିସ୍ତାନର ଚନ୍ଦ୍ରମା ରୋଭର ମିଶନ ଉତକ୍ଷେପଣ କରାଯିବ । ଦୁଇ ଦେଶ ଏହି ପ୍ରକଳ୍ପ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି, ଯାହା ମହାକାଶ ଅନୁସନ୍ଧାନରେ ସେମାନଙ୍କର ବର୍ଦ୍ଧିତ ସହଯୋଗକୁ ପ୍ରତିଫଳିତ କରେ । ଚାଙ୍ଗ'ଇ ୮ମିଶନର ଲକ୍ଷ୍ୟ ଚନ୍ଦ୍ରର ଦକ୍ଷିଣ ମେରୁର ବିସ୍ତୃତ ଅନୁସନ୍ଧାନ କରିବା, ଏବଂ ପାକିସ୍ତାନର ରୋଭର ଏହି ମିଶନର ଏକ ଅବିଚ୍ଛେଦ୍ୟ ଅଂଶ ହେବ । ଏହି ମିଶନ ପ୍ରତି ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ, ସୁପାରୋକୋ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି । ଏହି ପ୍ରତିଯୋଗିତାରେ, ପାକିସ୍ତାନର ଚନ୍ଦ୍ରମା ରୋଭରର ନାମ ଦେବା ପାଇଁ ଏକ ସୁଯୋଗ ଦିଆଯାଉଛି ଏବଂ ବିଜେତାଙ୍କୁ ୧୦୦,୦୦୦ ଟଙ୍କା ପୁରସ୍କାର ମିଳିବ । ପୂର୍ବରୁ, ମେ ୨୦୨୨ରେ, ପାକିସ୍ତାନ ଚାଙ୍ଗ'ଇ-୬ମିଶନ ଅଧୀନରେ ଏହାର ପ୍ରଥମ ଚନ୍ଦ୍ର ଉପଗ୍ରହ ଉତକ୍ଷେପଣ କରିଥିଲା, ଯାହା ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁ-ଆଇଟକେନ ବେସିନରେ ଅବତରଣ କରିଥିଲା । ଏହି ମିଶନ ଚନ୍ଦ୍ରରୁ ନମୁନାଗୁଡ଼ିକୁ ପୃଥିବୀକୁ ଫେରାଇ ଆଣିଥିଲା, ଯାହା ଫଳରେ ଚନ୍ଦ୍ରର ଦୂର ପାର୍ଶ୍ୱରୁ ନମୁନା ଫେରାଇ ଆଣିବାରେ ଚାଇନା ପ୍ରଥମ ଦେଶ ହୋଇଥିଲା ।

## ଗୁଟ୍‌ଖା-ପାନ ମସଲା ଉପରେ ଲାଗିଲା ବ୍ୟାନ୍



ରାଞ୍ଚି: ଝାଡ଼ଖଣ୍ଡର ହେମନ୍ତ ସୋରେନ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ଗୁଟ୍‌ଖା- ପାନ ମସଲା ଉପରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲଗାଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୋଟିଫିକେଶନ ମଧ୍ୟ ଜାରି କରାଯାଇଛି । ଏଭଳି ନିର୍ଦ୍ଦେଶ ପରେ ଝାଡ଼ଖଣ୍ଡ ବଜାରରେ କୌଣସି ନାମରେ ତମାଖୁ ଅଥବା ନିକୋଟିନ ଯୁକ୍ତ ଗୁଟ୍‌ଖା ଏବଂ ପାନ ମସଲାର ନିର୍ମାଣ, ଗଚ୍ଛିତ, ବିକ୍ରି ଏବଂ ବିତରଣ ଉପରେ ପ୍ରତିବନ୍ଧ ଲଗାଇ ଦିଆଯାଇଛି । ରାଜ୍ୟ ପକ୍ଷରୁ ଲଗାଯାଇଥିବା ଏହି ପ୍ରତିବନ୍ଧକ ନୋଟିଫିକେଶନ ଜାରି ହେବାର ତାରିଖରୁ ଆଗାମୀ ୧ ବର୍ଷ ଯାଏ ପ୍ରଭାବୀ ରହିବ । ସ୍ଥିତିର ସମୀକ୍ଷା ପରେ ପ୍ରତିବନ୍ଧକର ଅବଧୀକୁ ଆଗକୁ ବଢ଼ାଇ ଦିଆଯିବ । ନୂଆ ଆଦେଶ ଅନୁଯାୟୀ ଝାଡ଼ଖଣ୍ଡରେ ଏବେ ଗୁଟ୍‌ଖା ବିକ୍ରି ଏବଂ ଏହାର ସେବନ ଉଭୟ ଅପରାଧରେ ଗଣିତ ହେବେ । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଖାଦ୍ୟ ସୁରକ୍ଷା ଏବଂ ମାନକ ଅଧିନିୟମ, ୨୦୦୬ର ଧାରା ୩୦(୨)(ଏ) ଏବଂ ଖାଦ୍ୟ ସୁରକ୍ଷା ଏବଂ ମାନକ(ବିକ୍ରି ଉପରେ ପ୍ରତିବନ୍ଧକ) ନିୟମ ଆଦି ଅନ୍ତର୍ଗତରେ ଆଦେଶ ଜାରି କରାଯାଇଛି । ଏହାପୂର୍ବରୁ ଝାଡ଼ଖଣ୍ଡ ୨୦୨୦ରେ ଗୁଟ୍‌ଖା ଏବଂ ପାନ ମସଲାର ୧୧ ବ୍ରାଣ୍ଡ ଉପରେ ବ୍ୟାନ୍ ଲଗାଇଥିଲା । ଏହା ୨୦୨୩ ଜୁନ ପର୍ଯ୍ୟନ୍ତ ପ୍ରଭାବଶାଳୀ ଥିଲା । ଏବେ ଗୁଟ୍‌ଖା ସହ ନିକୋଟିନ ଏବଂ ତମାଖୁଯୁକ୍ତ ସମସ୍ତ ପାନ ମସଲା ଉପରେ ପ୍ରତିବନ୍ଧକ ଲଗାଯାଇଛି । କୌଣସି ଦୋକାନରେ ଏହାର ବିକ୍ରି ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି ।

## ପ୍ରତିରକ୍ଷା ତଥ୍ୟ ଲିକ୍ ଘଟଣାରେ ୩ ଗିରଫ



ନୂଆଦିଲ୍ଲୀ: ପାକିସ୍ତାନର ଗୁଇନ୍ଦା ଅଧିକାରୀଙ୍କୁ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏନ୍‌ଆଇଏ ବୁଧବାର ସୂଚନା ଦେଇଛି । ଜାତୀୟ ତଦନ୍ତକାରୀ ଏଜେନ୍ସି – ଏନଆଇଏ ଏକ ବିବୃତ୍ତିରେ କହିଛି ଯେ ଏହି ତିନି ଜଣ କରୱାର ନୌସେନା ଘାଟି ଏବଂ କୋଚି ନୌସେନା ଘାଟିରେ ଥିବା ଭାରତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ସୂଚନା ଆଦାନ ପ୍ରଦାନ କରୁଥିଲେ । କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାରୁ ବେଥାନ ଲକ୍ଷ୍ମଣ ଟଣ୍ଡେଲ ଏବଂ ଅକ୍ଷୟ ରବି ନାୟକଙ୍କୁ ଗିରଫ କରାଯାଇଥିବା ବେଳେ ଅଭିଲାଷ ପିଏଙ୍କୁ ମଙ୍ଗଳବାର କେରଳର କୋଚିରୁ ଗିରଫ କରାଯାଇଛି । ସ୍ଥାନୀୟ ପୁଲିସ ସହାୟତାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ସାମାଜିକ ଗଣମାଧ୍ୟମ ଜରିଆରେ ପାକିସ୍ତାନ ଗୁଇନ୍ଦା ସଂସ୍ଥାଙ୍କ ସଂସ୍ପର୍ଶରେ ଥିବା ଜଣାପଡ଼ିଛି । ଏନଆଇଏର ତଦନ୍ତ ଅନୁଯାୟୀ, ସେମାନେ କରୱାର ନୌସେନା ଘାଟି ଏବଂ କୋଚି ନୌସେନା ଘାଟିରେ ଥିବା ଭାରତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ସୂଚନା ଦେଉଥିଲେ ଏବଂ ସୂଚନା ବଦଳରେ ପିଆଇଓମାନଙ୍କଠାରୁ ଟଙ୍କା ନେଉଥିଲେ । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୮ ଜଣଙ୍କୁ ଗିରଫ କରାଯାଇଛି । ୨୦୨୧ ଜାନୁଆରୀରେ ଆନ୍ଧ୍ରପ୍ରଦେଶର କାଉଣ୍ଟର ଇଣ୍ଟେଲିଜେନ୍ସ ସେଲ୍ ଦ୍ୱାରା ପଞ୍ଜୀକୃତ ହୋଇଥିବା ଏହି ମାମଲାରେ ଏନଆଇଏ ବର୍ତ୍ତମାନ ସୁଦ୍ଧା ଦୁଇ ଫେରାର ପାକିସ୍ତାନୀ ଆତଙ୍କବାଦୀଙ୍କ ସମେତ ୫ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି । ୨୦୨୩ ଜୁନରେ ଆତଙ୍କବାଦ ନିରୋଧୀ ଏଜେନ୍ସି ଏହି ମାମଲାକୁ ନିଜ ହାତକୁ ନେଇଥିଲା । ଏନଆଇଏ ତଦନ୍ତରୁ ଜଣାପଡିଛି ଯେ ଗିରଫ ହୋଇଥିବା ପାକିସ୍ତାନୀ ନାଗରିକ ମୀର ବାଲାଜ ଖାନ ଏବଂ ଆକାଶ ସୋଲାଙ୍କି ନାମକ ଜଣେ ବ୍ୟକ୍ତି ଭାରତ ବିରୋଧୀ ଷଡଯନ୍ତ୍ରର ଅଂଶ ଭାବରେ ଭାରତୀୟ ନୌସେନା ବିଷୟରେ ସମ୍ବେଦନଶୀଳ ଗୁରୁତ୍ୱପୂର୍ଣ୍ଣ ସୂଚନା ଲିକ୍ କରିବା ସହ ଜଡିତ ଗୁପ୍ତଚର ରାକେଟରେ ସମ୍ପୃକ୍ତ ଥିଲେ । ଅନ୍ୟ ଜଣେ ଫେରାର ପିଆଇଓ ଅଲଭେନ ଏବଂ ଅନ୍ୟ ଦୁଇ ଜଣ ମନମୋହନ ସୁରେନ୍ଦ୍ର ପଣ୍ଡା ଓ ଅମାନ ସଲିମ ଶେଖଙ୍କ ବିରୋଧରେ ମଧ୍ୟ ଏଜେନ୍ସି ଚାର୍ଜସିଟ୍ ଦାଖଲ କରିଛି ।

## ସିଦ୍ଧରମୈୟାଙ୍କୁ ମିଳିଲା ଆଶ୍ୱସ୍ତି



ବେଙ୍ଗାଲୁରୁ: ମୁଡା ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ତାଙ୍କ ପରିବାରକୁ ବଡ଼ ଆଶ୍ୱସ୍ତି ମିଳିଛି । ଲୋକାୟୁକ୍ତ ପୋଲିସ କହିଛି ଯେ ଏହି ମାମଲାରେ ସିଦ୍ଧରମୈୟା, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ମିଳିନାହିଁ । ଲୋକାୟୁକ୍ତ ପୋଲିସର କହିବା ଅନୁଯାୟୀ, ମାମଲାରେ ପ୍ରମାଣର ବହୁତ ଅଭାବ ରହିଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ମିଳିନାହିଁ । ସୂତ୍ର ଅନୁଯାୟୀ, ସମନ ପାଇବା ପରେ ସିଦ୍ଧରମୈୟା ଲୋକାୟୁକ୍ତ ପୋଲିସ ନିକଟରେ ହାଜର ହୋଇଥିଲେ, ଯେଉଁଠାରେ ଲୋକାୟୁକ୍ତ ପୋଲିସ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାୟ ୨ ଘଣ୍ଟା ଧରି ପଚରାଉଚରା କରିଥିଲା । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଥିଲେ, 'ମୁଁ ଲୋକାୟୁକ୍ତ ପୋଲିସକୁ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ସତ୍ୟ କହିସାରିଛି ।' ଯେପର୍ଯ୍ୟନ୍ତ କୋର୍ଟରୁ କୌଣସି ନିଷ୍ପତ୍ତି ନଆସିଛି, ମୁଁ ନିର୍ଦ୍ଦୋଷ । ମୋ ବିରୁଦ୍ଧରେ କରାଯାଇଥିବା ସମସ୍ତ ଅଭିଯୋଗ ମିଥ୍ୟା । ଏହି ବିଷୟରେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି, 'ସେ କୌଣସି ଭୁଲ କରିନାହାଁନ୍ତି ।' ଏହା ସତ୍ତ୍ୱେ, ଆଇନକୁ ସମ୍ମାନ ଜଣାଇ, ସେ ଲୋକାୟୁକ୍ତ ପୋଲିସ ସମ୍ମୁଖରେ ହାଜର ହୋଇଥିଲେ ।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବିକଶିତ ଓଡ଼ିଶା ର ଲକ୍ଷ୍ୟ ପୁରଣ ପାଇଁ ରାଜ୍ୟର ସମସ୍ତ ପରିବାର ପାଖରେ ବିବିଧ ଆର୍ଥିକ ସେବା ଯଥେଷ୍ଟ ପରିମାଣରେ ପହଞ୍ଚିବା ଆବଶ୍ୟକ । ଅଧିକ ସଂଖ୍ୟକ ଶାଖା ର ଅଭାବ ଯୋଗୁଁ ବ୍ୟାଙ୍କ୍ ମାନଙ୍କ ସେବା ଗ୍ରାମାଞ୍ଚଳରେ ବିଶେଷ ଭାବେ ପହଞ୍ଚି ପାରୁନାହିଁ । ଏହି ପରିପ୍ରେକ୍ଷୀରେ ରେ ରାଜ୍ୟ ରେ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ ମାନଙ୍କ ଭୂମିକା ଆତ୍ୟଂ। ଗୁରୁତ୍ୱପୂର୍ଣ୍ଣ ଓ ରଜ୍ୟ ରେ ୮୦ ରୁ ଉର୍ଦ୍ଧ କ୍ଷୁଦ୍ର ଆର୍ଥିକ ଅନୁଷ୍ଠାନ, ବ୍ୟାଙ୍କ୍, ଆର୍ଥିକ ଅନୁଷ୍ଠାନ କାର୍ଯ୍ୟରତ । ଅନୁଷ୍ଠାନ ସମୂହର ୪୬ ଲକ୍ଷ ମହିଳାଙ୍କ ପାଖରେ ୨୧, ୭୯୭ କୋଟି ଟଙ୍କା ର ଋଣ ବକେୟା ରହିଛି । ସେଥି ମଧ୍ୟରୁ ୭୧ ଭାଗ ମହିଳା କେବଳ ଗ୍ରମଚଳ ତଥା ଅପହଞ୍ଚ ଅଞ୍ଚଳରେ ବସବାସ କରୁଛନ୍ତି । ଓସଫି ପାଖରୁ ସ୍ଥାନୀୟ ରେଳ ଅଡିଟୋରିୟମ୍ ଆୟୋଜିତ ଷଷ୍ଠ ରାଜ୍ୟ ସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ମିଳନୀ ରେ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ କୁ ଭାରତ ସରକାର ଙ୍କ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ୍ ର ସାଧାରଣ ପ୍ରବନ୍ଧକ ପ୍ରମୋଦ କୁମାର ଓ ଓସାଫି ର ସଭାପତି ଦିବ୍ୟଜ୍ୟୋତି ପଟ୍ଟନାୟକ ଉଦଘାଟନ କରିଥିଲେ । ଓଷାଫି ର ମୁଖ୍ୟ କାର୍ଯ୍ୟ ନିର୍ବାହୀ 1 ନରେନ୍ଦ୍ର ନାୟକ ଅନୁଷ୍ଠାନର ବାର୍ଷିକ ସଫଳତା ଉପସ୍ଥାପନ କରିଥିଲେ । ।

## ଜାତୀୟସ୍ତରରେ ଟିପିସିଓଡିଏଲ୍ ପୁରସ୍କୃତ



ନୂଆଦିଲ୍ଲୀ: ଦିଲ୍ଲୀରେ ଆୟୋଜିତ କର୍ପୋରେଟ ଗଭରନାନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜାତୀୟ ସ୍ତରରେ ଟିପିସିଓଡିଏଲ୍ ପୁରସ୍କୃତ ହୋଇଛି । ୧୦୦ ତମ ସ୍କଚ୍ ସମିଟ ୨୦୨୪ ରେ ବୋର୍ଡ କମ୍ପୋଜିସନ୍ ଆଣ୍ଡ ଡିସକ୍ଲୋଜର ସମ୍ବନ୍ଧୀୟ କର୍ପୋରେଟ ଗଭରନାନ୍ସ ପ୍ରକଳ୍ପ ପାଇଁ ରୌପ୍ୟ ପୁରସ୍କାର ପ୍ରାପ୍ତ କରିଛି । ଟିପିସିଓଡିଏଲ୍ ପାରଦର୍ଶିତା, ଦାୟିତ୍ୱବୋଧତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ରକ୍ଷା କରି ଯୋଜନାବଦ୍ଧ କାର୍ଯ୍ୟ ପ୍ରଣାଳୀ, ନୀତି ନିର୍ଦ୍ଧାରଣ, ବିପଦ ପରିଚାଳନା, ଆଭ୍ୟ'ରୀଣ ନିୟନ୍ତ୍ରଣ ଏବଂ ବୈଧାନିକ ଅନୁସାରିତା ଉପରେ ଗୁରୁତ୍ୱ ଦେଇଥାଏ । ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସଠିକ୍ ଉପଯୋଗ କରି ଲୋକଙ୍କୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିବଦ୍ଧ ଟିପିସିଓଡିଏଲ୍ କର୍ପୋରେଟ ଗଭରନାନ୍ସ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରି ଗୌରବ ହାସଲ କରିଛି ।

## ନିଶୁଳ୍କ ହେଲ୍ପଲାଇନ ନମ୍ବର ଜାରି କଲା ଟିପିଏସ୍ଓଡିଏଲ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଗ୍ରାହକ ସେବାକୁ ସୁଦୃଢ଼ କରିବା ସହ ଅଭିଯୋଗ ପ୍ରତିକାର ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ଦୁଇଟି ନୂତନ ନିଶୁଳ୍କ ଗ୍ରାହକ ସହାୟତା ବା ହେଲ୍ପଲାଇନ୍ ନମ୍ବର – ୧୮୦୦୨୦୨୬ ଏବଂ ୭୦୭୭୦୦୦୦୦୫ ଆରମ୍ଭ କରିଛି । ଏହାସହ ପୂର୍ବରୁ ଉପଲବ୍ଧ ଥିବା ୧୯୧୨ ଏବଂ ୧୮୦୦୩୪୫୬୭୯୭ ନମ୍ବର ମଧ୍ୟ ଚାଲୁ ରହିବ । ଏହି ପଦକ୍ଷେପ ଦ୍ୱାରା ଯୋଗାଯୋଗ ଏବଂ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ସୁଦୃଢ଼ ହେବା ସହ ଉପଭୋକ୍ତାମାନେ ଉନ୍ନତ ମାନର ସେବା ପାଇବେ । ଦୁଇଟି ଅତିରିକ୍ତ ସହାୟତା ନମ୍ବର ଯୋଗୁଁ କଲ୍ କନେକ୍ଟିଭିଟି ଉନ୍ନତ ହେବା ସହ ଗୋଟିଏ ନମ୍ବରକୁ ଆସୁଥିବା କଲ୍ ସଂଖ୍ୟା ହ୍ରାସ ପାଇବ ଏବଂ କଲ୍ କଟିଯିବା ଭଳି ସମସ୍ୟା ଦୂର ହେବ । ଯାହା ଫଳରେ ଉପଭୋକ୍ତାମାନେ ଅଧିକ ଭରସାଯୋଗ୍ୟ ଗ୍ରାହକ ସେବା ପାଇବେ । ଆଧୁନିକ ଟେକ୍ନୋଲୋଜି ସହ ଏହି ହେଲ୍ପଲାଇନ୍ ନମ୍ବର ୨୪୭ ଘଣ୍ଟା ଉପଲବ୍ଧ ରହିବ । ନୂଆ ସହାୟତା ନମ୍ବର ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ବିଭିନ୍ନ ପ୍ଲାଟଫର୍ମରେ ଗ୍ରାହକ ସମ୍ପର୍କ ଅଭିଯାନ କରାଯାଉଛି । ପୁରୁଣା ନମ୍ବର ସହ ନୂତନ ନମ୍ବରକୁ ବ୍ୟବହାର କରିବା ପାଇଁ ଉପଭୋକ୍ତାଙ୍କୁ ଉତ୍ସାହିତ କରାଯାଉଛି । ଗ୍ରାହକମାନେ ଏହି ୪ଟି ନମ୍ବର ଯୋଗେ ବିଦ୍ୟୁତ ସମ୍ବନ୍ଧୀୟ ସୂଚନା, ଅଭିଯୋଗ ପ୍ରତିକାର ଏବଂ ସହାୟତା ପାଇପାରିବେ । ଏହି ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଉପଭୋକ୍ତା ସନ୍ତୁଷ୍ଟି ହେଉଛି ଆମର ପ୍ରାଥମିକତା । ଉନ୍ନତ ମାନର ଯୋଗାଯୋଗ ଏବଂ ସେବା ପ୍ରଦାନ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ । ଅତିରିକ୍ତ ସହାୟତା ନମ୍ବର ଜାରି ହେବା ପରେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ସହାୟତା ପ୍ରଦାନ ଏବଂ ତ୍ୱରିତ ଅଭିଯୋଗ ସମାଧାନ ଦିଗରେ ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ ।' ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ଅଭିନବ ପଦକ୍ଷେପ ନେବା ସହ ଟେକ୍ନୋଲୋଜିର ଉପଯୋଗ କରିବା ଦିଗରେ ଟିପିଏସ୍ଓଡିଏଲ୍ ସମର୍ପିତ ରହି ଆସିଛି ।

## କେବିଜି ଗ୍ଲୋବାଲ ବୋନସ୍ ଇକ୍ୱିଟି ସେୟାରକୁ ଅନୁମୋଦନ

KARDA™
CONSTRUCTIONS
BUILDERS & DEVELOPERS

ନାସିକ: ନିର୍ମାଣ ଏବଂ ରିଅଲ ଇଷ୍ଟେଟ ଡେଭଲପମେଣ୍ଟ ବ୍ୟବସାୟରେ ନିୟୋଜିତ ଥିବା କେବିସି ଗ୍ଲୋବାଲ ଲିମିଟେଡ, ବିଏସ୍‌ଇ-୫୪୧୧୬୧ର ବୋର୍ଡ ଅଫ ଡାଇରେକ୍ଟର୍ସ ବୈଠକ ଚଳିତ ଫେବୃଆରୀ ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା ଏବଂ ଉକ୍ତ ବୈଠକରେ ୧:୧ ଅନୁପାତରେ ବୋନସ୍ ଇସ୍ୟୁକୁ ଅନୁମୋଦନ କରାଯାଇଛି (୧ ଟଙ୍କା ମୂଲ୍ୟର ଧାରଣ କରିଥିବା ପ୍ରତ୍ୟେକ ଗୋଟିଏ ଫୁଲି ପେଡ୍ ଇକ୍ୱିଟି ସେୟାର ନିମନ୍ତେ ଗୋଟିଏ ବୋନସ୍ ସେୟାର), ଯାହା କମ୍ପାନୀର ଅଂଶୀଦାରଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେବ । କମ୍ପାନୀ ତାହାର ବ୍ୟବସାୟିକ ପରିଚାଳନା ଲାଭଜନକ କରିବାକୁ ଲକ୍ଷ୍ୟ ରଖିଛି ଏବଂ ସେଥିପାଇଁ ନିକଟ ଭବିଷ୍ୟତରେ ଏହା ସମ୍ପ୍ରସାରଣ ଯୋଜନା ଓ ଋଣ ହ୍ରାସ ତ୍ୱରାନ୍ୱିତ କରିବାକୁ ଯୋଜନା କରିଛି । କମ୍ପାନୀର ଅର୍ଡର ପରିମାଣ ୨୬୦ କୋଟି ଟଙ୍କାରୁ ଅଧିକ ରହିଛ । ଏହାର ମାର୍କେଟ କ୍ୟାପିଟାଲାଇଜେସନ ପରିମାଣ ୩୦୦ କୋଟି ଟଙ୍କା ରହିଛି । କମ୍ପାନୀର ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ରହିଥିବା ଫ୍ରି ରିଜର୍ଭ, ସିକ୍ୟୁରିଟିଜ ପ୍ରିମିୟମ ଆକାଉଣ୍ଟ ଏବଂ କ୍ୟାପିଟାଲ ରିଡେମ୍ପସନ ରିଜର୍ଭ ସମେତ ଅନୁମତିଯୋଗ୍ୟ ରିଜର୍ଭରୁ ବୋନଓ ଇକ୍ୱିଟି ସେୟାର ଇସ୍ୟୁ କରାଯିବ । ବୋନସ୍ ସେୟାର ଇସ୍ୟୁ ନିମନ୍ତେ ମୋଟ ୨୬୧.୪୩ କୋଟି ଟଙ୍କା ବିନିଯୋଗ କରାଯିବ, ଏବଂ ବୋର୍ଡ ଅନୁମୋଦନର ୬୦ ଦିନ ମଧ୍ୟରେ ସେୟାରଗୁଡିକ କ୍ରେଡିଟ କରାଯିବ । ନିକଟରେ ଅନ୍ୟାନ୍ୟ ନିବେଶକଙ୍କ ମଧ୍ୟରେ ପତଳି ଫୁଡ ଆଣ୍ଡ ହର୍ବାଲ ପାର୍କ, ଫାଲ୍‌କନ ପିକ୍ ଫଣ୍ଡ (ସିଆଇସି) ଲିମିଟେଡ କମ୍ପାନୀରେ କନଭର୍ଟିବଲ ପ୍ରିଫରେନ୍‌ସିଆଲ ୱାରାଣ୍ଟ ଜରିଆରେ ୯୯.୫୦ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିଥିଲେ । କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସ ୨୦୨୪ ଅକ୍ଟୋବର ୧୬ ତାରିଖରେ ଅନୁଷ୍ଠିତ ଏକ ବୈଠକରେ ଅଣ ପ୍ରମୋଟରଙ୍କୁ ୱାରାଣ୍ଟ ପିଛା ୨.୨୦ ଟଙ୍କାରେ (ୱାରାଣ୍ଟ ପିଛା ୧.୨୦ ଟଙ୍କା ପ୍ରିମିୟମ ସମେତ) ପ୍ରିଫରେନ୍‌ସିଆଲ ଆଧାରରେ ମୋଟ ୪୫.୨୩ କୋଟି ୱାରାଣ୍ଟ ଇସ୍ୟୁ କରିବାକୁ ଅନୁମୋଦନ କରିଥିଲେ । ମୋଟ ଇସ୍ୟୁ କରାଯିବାକୁ ଥିବା ୪୫.୨୩ କୋଟି ୱାରାଣ୍ଟ ମଧ୍ୟରୁ ଫାଲ୍‌କନ ପିକ୍ ଫଣ୍ଡ (ସିଆଇସି) ଲିମିଟେଡକୁ ୨୬ କୋଟି ୱାରାଣ୍ଟ ଇସ୍ୟୁ କରାଯିବାକୁ ଥିବାବେଳେ ପତଳି ପରିବହନ ପ୍ରାଇଭେଟ ଲିମିଟେଡ ଏବଂ ପତଳି ଫୁଡ ଆଣ୍ଡ ହର୍ବାଲ ପାର୍କକୁ ୪.୫୫ କୋଟି ୱାରାଣ୍ଟ ଓ ଫୋରସାଇଟ୍ ହୋଲଡିଂ ପ୍ରାଇଭେଟ ଲିମିଟେଡକୁ ୨.୨୮ କୋଟି ୱାରାଣ୍ଟ ଇସ୍ୟୁ କରାଯିବା ଆଶା କରାଯାଉଛି । ୨୦୨୪ ସେପ୍ଟେମ୍ବର ୨୧ ତାରିଖରେ କମ୍ପାନୀ କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡକୁ ତାହାର ଅର୍ଥପୈଠ ପ୍ରତିଶୃତି ସଫଳତାର ସହିତ ପାଳନ କରିଥିଲା ଏବଂ ୨୦୨୪ ସେପ୍ଟେମ୍ବର ୧୯ ତାରିଖରେ ଖିଲାପି ସ୍ଥିତିକୁ ପୂର୍ଣ୍ଣ ନିୟମିତ କରିଥିଲା । ତାହାସହିତ କମ୍ପାନୀ କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡ ସହିତ ଏକ ବୁଝାମଣାପତ୍ର (ଏମଓୟୁ)ରେ ସ୍ୱାକ୍ଷର କରିଥିଲା, ଯାହାଦ୍ୱାରା ଅଣ-ଆର୍ଥିକ ଦଣ୍ଡମୂଳକ ସୁଧ ଛାଡ କରାଯାଇଥିଲା । ଆଜି ସୁଦ୍ଧା କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡର ବକେୟା ରାଶି ୧୩.୫୦ କୋଟି ଟଙ୍କା ରହିଛି । ଏହି ରାଜିନାମା ଉଭୟ ପକ୍ଷ ମଧ୍ୟରେ ମଜଭୁତ ସମ୍ପର୍କ ଏବଂ ବିଶ୍ୱାସବୋଧ ସମ୍ପର୍କରେ ଉଲ୍ଲେଖ କରୁଛି, ଯାହା କମ୍ପାନୀକୁ ନିରନ୍ତର ଅଭିବୃଦ୍ଧି ଓ ସ୍ଥିରତା ଆଡକୁ ଅବସ୍ଥିତ କରାଉଛି । ଏହା କମ୍ପାନୀର ହରି ବସନ୍ତ, ହରି ଆକୃତି ଫେଜ୍ ୨ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରିବ ।

## ମାଷ୍ଟର ଅଫ୍ ପବ୍ଲିକ୍ ହେଲ୍ଥ କାର୍ଯ୍ୟକ୍ରମର ଶୁଭାରମ୍ଭ କଲା ଏସ୍ଆରଏମ୍ଆଇଏସ୍‌ଟି

SRM
INSTITUTE OF SCIENCE & TECHNOLOGY
(Deemed to be University u/s 3 of UGC Act, 1956)

ଚେନ୍ନାଇ: ଚେନ୍ନାଇର ଏସ୍ଆରଏମ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏସଆରଏମଆଇଏସଟି)ର ସ୍କୁଲ ଅଫ୍ ପବ୍ଲିକ୍ ହେଲଥ ପକ୍ଷରୁ ନିକଟରେ ଏକ ଅଭିନବ ପାଞ୍ଚ ବର୍ଷିଆ ସମନ୍ୱିତ ମାଷ୍ଟର ଅଫ୍ ପବ୍ଲିକ୍ ହେଲଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ପରବର୍ତ୍ତୀ ପିଢ଼ିର ଜନସ୍ୱାସ୍ଥ୍ୟ ନେତାଙ୍କୁ ପୋଷଣ କରିବା ପାଇଁ ଡିଜାଇନ୍ କରାଯାଇଛି ଯାହା ସେମାନଙ୍କୁ ଜଟିଳ ବୈଶ୍ୱିକ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା କରିବାକୁ ସଶକ୍ତ କରିବ । ସର୍ବନିମ୍ନ ୬୦% ମାର୍କ ରଖି ଯୁକ୍ତ ୨ ପରୀକ୍ଷା ପାସ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉନ୍ମୁକ୍ତ ରହିଛି । ଏହି କାର୍ଯ୍ୟକ୍ରମରେ ଏକ ଦୃଢ଼ ପାଠ୍ୟକ୍ରମ ରହିଛି ଯାହା ବିଶ୍ୱସ୍ତରୀୟ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସମନ୍ୱିତ କରିଛି ଏବଂ ମହାମାରୀ ବିଜ୍ଞାନ, ଜୈବ ପରିସଂଖ୍ୟାନ, ସ୍ୱାସ୍ଥ୍ୟ ପ୍ରଣାଳୀ ଏବଂ ନୀତି, ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳନା ଏବଂ ସ୍ୱାସ୍ଥ୍ୟ ଗବେଷଣାକୁ ଅନ୍ତର୍ଭୁକ୍ତ କରିଛି ତଥା ଗବେଷଣା, ଡାଟା ବିଶ୍ଳେଷଣ ଏବଂ କାର୍ଯ୍ୟକ୍ରମ ମୂଲ୍ୟାଙ୍କନ ଉପରେ ହସ୍ତଗତ ଅଭିଜ୍ଞତା ପ୍ରଦାନ କରିବ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗବେଷଣା ସଂଗଠନ, ସିଏସଆର ପଦକ୍ଷେପ, ପରାମର୍ଶଦାତା ସଂସ୍ଥା, ଆଇଟି କମ୍ପାନି, ସ୍ୱାସ୍ଥ୍ୟ ବୀମା କମ୍ପାନି, ଫାର୍ମା ଓ କ୍ଲିନିକାଲ ଗବେଷଣା ସଂଗଠନ, ସରକାରୀ ସ୍ୱାସ୍ଥ୍ୟ ବିଭାଗ ଏବଂ ଏକାଡେମି ଆଦିରେ ବିଭିନ୍ନ କ୍ୟାରିୟର କରିବା ପାଇଁ ସ୍ନାତକମାନେ ଭଲ ସ୍ଥିତିରେ ରହିବେ । ସେମାନେ ପ୍ରୋଗ୍ରାମ ଅଫିସର, ରିସର୍ଚ୍ଚ ଅଫିସର, ପ୍ରୋଜେକ୍ଟ ମ୍ୟାନେଜର ଭଳି ଭୂମିକା ଗ୍ରହଣ କରିପାରିବେ କିମ୍ବା ଡକ୍ଟରେଟ ଅଧ୍ୟୟନ କରିପାରିବେ ।

## ଭାରତର ନୂତନ ସ୍ମାର୍ଟ ଟିଭି ଅପରେଟିଂ ସିଷ୍ଟମ୍ ଆରମ୍ଭ କଲା ଜିଓ

ମୁମ୍ବାଇ: ଜିଓ ପକ୍ଷରୁ ଭାରତରେ ସ୍ମାର୍ଟ ଟିଭି ଉପଭୋକ୍ତାଙ୍କ ପାଇଁ 'ଜିଓଟେଲି ଓଏସ' ଆରମ୍ଭ କରାଯାଇଛି । ଏହି ନୂତନ ଅପରେଟିଂ ସିଷ୍ଟମ୍ ଦ୍ରୁତ, ସ୍ମାର୍ଟ ଏବଂ ବ୍ୟବହାର କରିବାକୁ ସହଜ, ଯାହା ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ ହୋଇଛି । ଭାରତରେ ପ୍ରାୟ ୩୫ ନିୟୁତ କନେକଟେଡ଼ ଟିଭି ଘର ଅଛି, କିନ୍ତୁ ଅନେକ ଗ୍ରାହକ ସୀମିତ କଷ୍ଟମାଇଜେସନ୍, ଉଚ୍ଚ-ଗୁଣାତ୍ମକ ଆଞ୍ଚଳିକ ବିଷୟବସ୍ତୁର ଅଭାବ ଏବଂ ସୁଚାରୁ ଅନୁଭବର ଅଭାବ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଓଟେଲି ଓଏସ ଏହି ସମସ୍ତ ଆହ୍ୱାନର ସମାଧାନ ନେଇଆସିଛି । ଏହି ଓଏସରେ ଏଆଇ ବା କୃତ୍ରିମ ବୁଦ୍ଧିମତା ଆଧାରିତ ସୁପାରିଶଗୁଡିକ ଉପଲବ୍ଧ ହେବ, ଯାହାଦ୍ୱାରା ଗ୍ରାହକମାନେ ସେମାନଙ୍କର ନିଜ ପସନ୍ଦର ବିଷୟବସ୍ତୁ ଶୀଘ୍ର ଏବଂ ସହଜରେ ଖୋଜି ପାଇପାରିବେ । ଗ୍ରାହକମାନେ ଗୋଟିଏ ସ୍ଥାନରେ ଟିଭି ଚ୍ୟାନେଲ, କ୍ଲାଉଡ୍ ଗେମ୍ ଏବଂ ଓଟିଟି ଆପ୍ ଉପଭୋଗ କରିବାକୁ ସମର୍ଥ ହେବେ । ଏଥିସହିତ ସମୟ ସମୟରେ ନୂତନ ଅପଡେଟ ମିଳିବା ଫଳରେ ଏହା ସର୍ବଦା ନୂତନ ଆପ୍ ଏବଂ ଟେକ୍ନୋଲୋଜି ସହିତ ଅପଡେଟ୍ ରହିବ । ଫେବୃଆରୀ ୨୧, ୨୦୨୫ ରୁ, ଏହି ଓଏସ ଥମସନ୍, କୋଡାକ୍, ବିପିଏଲ୍ ଏବଂ ଜେବିସି ବ୍ରାଣ୍ଡର ସ୍ମାର୍ଟ ଟିଭିରେ ଉପଲବ୍ଧ ହେବ । ଆଗାମୀ ଦିନରେ ଅଧିକ ବ୍ରାଣ୍ଡ ଏହାସହିତ ଯୋଡ଼ିହେବେ ।

## '୨୦୨୪ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦' ଉନ୍ମୋଚିତ




ନୂଆଦିଲ୍ଲୀ : ଆକ୍ସିସ ବ୍ୟାଙ୍କର ପ୍ରାଇଭେଟ ବ୍ୟାଙ୍କିଂ ବ୍ୟବସାୟ ବରଗୁଣ୍ଡି ପ୍ରାଇଭେଟ ଓ ହୁରୁନ ଇଣ୍ଡିଆ ପକ୍ଷରୁ '୨୦୨୪ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦'ର ଚତୁର୍ଥ ସଂସ୍କରଣକୁ ଉନ୍ମୋଚନ କରାଯାଇଛି ଯେଉଁଥିରେ ଭାରତର ୫୦୦ ମୂଲ୍ୟବାନ କମ୍ପାନିର ତାଲିକା ରହିଛି । ଏହି କମ୍ପାନିଗୁଡ଼ିକୁ ସେମାନଙ୍କ ମୂଲ୍ୟ, ବଜାର ପୁଞ୍ଜିଓ ଅଣ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୂଲ୍ୟ ଆଧାରରେ ର୍‌ୟାଙ୍କ ପ୍ରଦାନ କରାଯାଇଛି । ଭାରତରେ ମୁଖ୍ୟ କାର୍ଯ୍ୟାଳୟ ଥିବା କମ୍ପାନିଗୁଡ଼ିକୁ ଏଥିରେ ସ୍ଥାନ ମିଳିଛି । ୨୦୨୪ ଡିସେମ୍ବର ୧୩ ସୁଦ୍ଧା ସର୍ବନିମ୍ନ ୯୫୮୦ କୋଟି ଟଙ୍କା (୧.୧ ବିଲିଅନ ଡଲାର) ମୂଲ୍ୟର କମ୍ପାନିଗୁଡ଼ିକୁ '୨୦୨୪ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦' ତାଲିକାରେ ସ୍ଥାନ ଦିଆଯାଇଛି । ଏହି ତାଲିକାରେ ସ୍ଥାନ ପାଇଥିବା କମ୍ପାନିଗୁଡ଼ିକର ହାରାହାରି ବୟସ ହେଉଛି ୪୩ ବର୍ଷ । ତାଲିକାରେ ସ୍ଥାନ ପାଇଥିବା କମ୍ପାନିଗୁଡ଼ିକର ମୋଟ ମୂଲ୍ୟ ୩୨୪ ଲକ୍ଷ କୋଟି ଟଙ୍କା (୩.୮ ଟ୍ରିଲିଅନ ଡଲାର) ରହିଛି । ଆକ୍ସିସ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ ଚୌଧୁରୀ କହିଛନ୍ତି ଯେ, 'ଭାରତର ୫୦୦ ସବୁଠୁ ମୂଲ୍ୟବାନ କମ୍ପାନିକୁ ପାଳନ କରିବା ପାଇଁ ହୁରୁନ ଇଣ୍ଡିଆ ସହ ପୁଣି ସହଯୋଗିତା କରି ବରଗୁଣ୍ଡି ପ୍ରାଇଭେଟ ଉଲ୍ଲସିତ । ୨୦୨୪ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦ ରିପୋର୍ଟ ହେଉଛି ଭାରତର କର୍ପୋରେଟ ଦୃଶ୍ୟପଟ୍ଟର ଏକ ସ୍ୱଷ୍ଟ ଚିତ୍ର ଯାହା ଉଲ୍ଲେଖନୀୟ ପରିବର୍ତ୍ତନ ଦେଇ ଗତି କରିଛି । ରଣନୀତିର ପୁନର୍ବିଚାର, ନବସୃଜନ ଓ ଆଗରେ ରହିବା ପାଇଁ ନୂଆ ବାସ୍ତବତାକୁ ଗ୍ରହଣ କରି ଏହି ତାଲିକାରେ ସ୍ଥାନ ପାଇଥିବା କମ୍ପାନିଗୁଡ଼ିକ ସୁଯୋଗ ହାସଲ କରିବା ସହ ନିଜ ନିଜ କ୍ଷେତ୍ରରେ ଉଦାହରଣ ସୃଷ୍ଟିକାରୀ ଲିଡର ଭାବେ ଉଭା ହୋଇଛି । ପ୍ରି ବଜାର ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ ହୋଇଥିବା ବେଳେ ଏହି କମ୍ପାନିଗୁଡ଼ିକ ଲକ୍ଷ୍ୟ, ସହନଶୀଳତା ଓ କ୍ଷୀପ୍ରତା ପ୍ରଦର୍ଶନ କରି ନିଜ ଅଂଶୀଦାରମାନଙ୍କ ଲାଗି ଉଲ୍ଲେଖନୀୟ ମୂଲ୍ୟ ସୃଷ୍ଟି କରିଛନ୍ତି । ତାଲିକାରେ ସ୍ଥାନ ପାଇଥିବା କମ୍ପାନିଗୁଡ଼ିକ ୮.୪ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଥିବା ବେଳେ ୨.୨ ଲକ୍ଷ କୋଟି ଟଙ୍କାର ଟିକସ ଦେଇଛନ୍ତି ଓ ସିଏସଆର ବାବଦରେ ୧୦,୯୩୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ହୁରୁନ ଇଣ୍ଡିଆର ପ୍ରତିଷ୍ଠାତା ଓ ମୁଖ୍ୟ ଗବେଷକ ଅନାସ ରେହମାନ ଜୁନୈଦ କହିଛନ୍ତି ଯେ, '୨୦୨୪ ବରଗୁଣ୍ଡି ପ୍ରାଇଭେଟ ହୁରୁନ ଇଣ୍ଡିଆ ୫୦୦ରେ ଥିବା କମ୍ପାନିଗୁଡ଼ିକ ହେଉଛନ୍ତି ଭାରତର ଘରୋଇ କ୍ଷେତ୍ରର ମେରୁଦଣ୍ଡ ଯାହାର ଉଲ୍ଲେଖନୀୟ ଅର୍ଥନୈତିକ ପ୍ରଭାବ ରହିଛି । ସେମାନଙ୍କ ମିଳିତ ମୂଲ୍ୟ ୩.୮ ଟ୍ରିଲିଅନ ଡଲାର ରହିଛି ଯାହା ଭାରତର ଜିଡିପିଠାରୁ ବଡ଼ ଏବଂ ୮.୪ ନିୟୁତ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି ।



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବ୍ରଜରାଜନଗର ବନାଞ୍ଚଳ ତରଫରୁ ବନାଗ୍ନି ନିରାକରଣ ସଚେତନତା ଉପଲକ୍ଷେ ମଙ୍ଗଳବାର ରାଜପୁର ଖେଳ ପଡ଼ିଆରେ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ ବଡ଼ଯୋବ ଭିଏସଏସ ଓ ରାଜପୁର ଭିଏସଏସ ମଧ୍ୟରେ ଖେଳା ଯାଇଥିଲା। ରାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୮୮ ରନ କରିଥିଲା। ଜିତ ହାସଲ ଲକ୍ଷ୍ୟରେ ୮୮ ରନ ର ପିଛା କରି ବଡ଼ଯୋବ ଦଳ ନିର୍ଦ୍ଧାରିତ ଓଭରରେ ୬୯ ରନ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରହଲ୍ଲାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ବିଜେପି ନେତା ରାଧେଶ୍ୟାମ ପ୍ରଧାନ, ଜିଲ୍ଲା ପରିବେଶ କମିଟି ସଦସ୍ୟ ବିଜୟ ବେହେରା ଯୋଗ ଦେଇଥିଲେ। ବ୍ରଜରାଜନଗର ବନାଞ୍ଚଳ ଅଧିକାରିଣୀ ରିସ୍ମା ଜାମଡାଲିଆ କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଅତିଥିଗଣ ଚମ୍ପିୟାନ ରାଜପୁର ଭିଏସଏସ ଦଳକୁ ଓ ଉପ ବିଜେତା ବଡ଼ଯୋବ ଭିଏସଏସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ରଜରାଜନଗର ଉପ ବନାଞ୍ଚଳ ଅଧିକାରିଣୀ ସୁଦେଶନା ପ୍ରଧାନ, ରାଜପୁର ବନପାଳ ସରୋଜ କୁମାର ଭୋଇ, ବ୍ରଜରାଜନଗର ବନପାଳ ଅଜୟ କୁମାର ବିଶାଳ, ବନ୍ଧବାହାଲ ବନପାଳ ଗୌରାଙ୍ଗ ସାହୁ, ଇବ ଭ୍ୟାଲି ବନପାଳ ହରିପ୍ରିୟା ଭୋଇ, ବନପାଳ ସଂଜୀବ ଚୌଧୁରୀ, ଉପେନ୍ଦ୍ର କୁମାର ବେସନ, ବନରକ୍ଷୀ କିଶୋର କୁମାର ଷଣ୍ଢ, ରିମା ପଟେଲ, ସୋନମ ପଟେଲ, ସଂଘମିତ୍ରା ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ୮ଟି ବନ ସୁରକ୍ଷା ସମିତି(ଭିଏସଏସ)କୁ ଗଠିତ ଦଳ ଅଂଶଗ୍ରହଣ କରିଥିଲେ।

### ଆଇସିସି ଦିନିକିଆ ର୍ୟାଙ୍କିଂ

## ଗିଲ୍ ବିଶ୍ୱର ନମ୍ବର-୧ ବ୍ୟାଟ୍ସମ୍ୟାନ୍




ନୂଆଦିଲ୍ଲୀ: ମଙ୍ଗଳବାରଠାରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହୋଇଯାଇଛି। ଏହା ପୂର୍ବରୁ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍ ପ୍ରକାଶ କରିଛି। ଭାରତର ଷ୍ଟାର ବ୍ୟାଟସମ୍ୟାନ ଏବଂ ଉପ-ଅଧିନାୟକ ଶୁଭମନ ଗିଲ ବିଶ୍ୱର ନମ୍ବର ୱାନ୍ ଦିନିକିଆ ବ୍ୟାଟସମ୍ୟାନ ହୋଇଛନ୍ତି। ସେ ବାବର ଆଜମଙ୍କୁ ପଛରେ ପକାଇ ଏହି ସଫଳା ପାଇଛନ୍ତି। ଦିନିକିଆର ଶ୍ରେଷ୍ଠ ୧୦ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଚାରି ଜଣ ଭାରତୀୟ ଖେଳାଳି ଅଛନ୍ତି। ଗିଲଙ୍କ ବ୍ୟତୀତ ରୋହିତ ଶର୍ମା ତୃତୀୟ ସ୍ଥାନରେ, ବିରାଟ କୋହଲି ଷଷ୍ଠ ସ୍ଥାନରେ ଏବଂ ଶ୍ରେୟସ ଆୟର ନବମ ସ୍ଥାନରେ ଅଛନ୍ତି। ବାବର ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ଗିଲଙ୍କ ରେଟିଂ ୭୯୬ ଥିବାବେଳେ ବାବରଙ୍କ ରେଟିଂ ୭୭୩। ରୋହିତଙ୍କ ରେଟିଂ ପଏଣ୍ଟ ହେଉଛି ୭୬୧। ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନ ୭୫୬ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଅଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ୭୪୦ ରେଟିଂ ପଏଣ୍ଟ ସହିତ ପଞ୍ଚମ ସ୍ଥାନରେ ଅଛନ୍ତି। ୨୫ ବର୍ଷୀୟ ଗିଲ ସମ୍ପ୍ରତି ବହୁତ ଭଲ ଫର୍ମରେ ଅଛନ୍ତି। ସେ ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ତିନୋଟି ମ୍ୟାଚ୍‌ରେ ୮୬.୩୩ ହାରରେ ଏବଂ ୧୦୩.୬୦ ଷ୍ଟ୍ରାଇକ ରେଟ୍‌ରେ ୨୫୯ ରନ କରିଥିଲେ। ଶ୍ରେୟସ ମଧ୍ୟ ବହୁତ ଭଲ ଫର୍ମରେ ଥିଲେ। ସେ ତିନୋଟି ମ୍ୟାଚ୍‌ରେ ୬୦.୩୩ ହାରରେ ଏବଂ ୧୨୩.୧୩ ଷ୍ଟ୍ରାଇକ ରେଟ୍‌ରେ ୧୮୧ ରନ କରିଥିଲେ। ରୋହିତ ମଧ୍ୟ ଶତକ ହାସଲ କରିଥିଲେ ଏବଂ ତେଣୁ ତୃତୀୟ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଥିଲେ। ବୋଲରମାନଙ୍କ ମଧ୍ୟରେ ଜଣେ ନୂତନ ଖେଳାଳି ମଧ୍ୟ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ଶ୍ରୀଲଙ୍କାର ମହେଶ ତିକ୍ଷଣା ନୂତନ ନମ୍ବର-୧ ଦିନିକିଆ ବୋଲର ହୋଇଛନ୍ତି। ତାଙ୍କର ୬୮୦ ରେଟିଂ ପଏଣ୍ଟ ଅଛି। ତିକ୍ଷଣା ଆଫଗାନିସ୍ତାନର ରସିଦ ଖାନଙ୍କୁ ପଛରେ ପକାଇ ଦେଇଛନ୍ତି। ରସିଦ ୬୬୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି। ନାମ୍ବିଆର ବର୍ଣ୍ଣାର୍ଡ ସ୍କଲଜ ୬୬୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛନ୍ତି। ସେହି ସମୟରେ, ଭାରତର କୁଲଦୀପ ଯାଦବ ଗୋଟିଏ ସ୍ଥାନ ଉନ୍ନତି କରି ୬୫୨ ରେଟିଂ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ବ୍ୟତୀତ ଶ୍ରେଷ୍ଠ ୧୦ରେ ମହମ୍ମଦ ସିରାଜ ଅଛନ୍ତି। ସେ ୧୦ମ ସ୍ଥାନରେ ଅଛନ୍ତି। ପାକିସ୍ତାନର ଶାହିନ ଆଫ୍ରିଦି ଗୋଟିଏ ସ୍ଥାନ ଖସି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଦିନିକିଆ ଅଲରାଉଣ୍ଡରଙ୍କ ମଧ୍ୟରେ ଆଫଗାନିସ୍ତାନର ମହମ୍ମଦ ନବି ପ୍ରଥମ ସ୍ଥାନରେ, ଜିମ୍ବାୱେର ସିକନ୍ଦର ରାଜା ଦ୍ୱିତୀୟରେ, ଆଫଗାନିସ୍ତାନର ଆଜମାତୁଲ୍ଲା ଜାଜାଇ ତୃତୀୟରେ, ବାଂଲାଦେଶର ମେହେଦି ହାସନ ମିରାଜ ଚତୁର୍ଥରେ ଏବଂ ଆଫଗାନିସ୍ତାନର ରସିଦ ଖାନ ପଞ୍ଚମ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଖେଳାଳି ହେଉଛନ୍ତି ରବିନ୍ଦ୍ର ଜାଡେଜା। ସେ ଦଶମ ସ୍ଥାନ ଅଧିକାର କରିଛନ୍ତି।

## ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ : ଡିଆର୍‌କେ(ବି) ବିଜୟୀ

ବାରିପଦା:(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ୫ମ ମ୍ୟାଚରେ ଡି ଆର କେ (ବି ) କରଞ୍ଜିଆକୁ ୫ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଡି ଆର କେ (ବି ) ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୁବ୍ରତ ସିଂ ୩୫ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଜିତ ପ୍ରସାଦ ଘଣା ଓ ଭବେଶ ବେହେରା ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ କରଞ୍ଜିଆ ୨୫ ଓଭରରେ ୯ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ଅଭିଜିତ ପ୍ରସାଦ ଘଣା ୨୪ ରନ କରିଥିବା ବେଳେ ବିପକ୍ଷ ଦଳର ସଞ୍ଜୟ ସିଂ ୪ ଟି ଉଇକେଟ ଅକ୍ତିଆର କରି ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂ ରେ ସହାୟତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ ତଥା କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି ତଥା ଫୁଟବଲ ସମ୍ପାଦକ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

### ଚାମ୍ପିଅନ୍ସ ଟ୍ରଫି: ବିବାଦ ପରେ ମୁଣ୍ଡ ନୁଆଁଇଲା ପାକିସ୍ତାନ

## କରାଚୀରେ ଉଡିଲା ତ୍ରିରଙ୍ଗା




ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ପୂର୍ବରୁ ବହୁ ବାଦ ବିବାଦ ଦେଖାଯାଇଥିଲା। ପାକିସ୍ତାନର କରାଚୀ-ଲାହୋର ଷ୍ଟାଡିୟମର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଯେଉଁଥିରେ ଦେଖାଯାଇଥିଲା ଯେ ଏହି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳର ପତାକା ଷ୍ଟାଡିୟମର ଛାତ ଉପରେ ଉଡୁଥିବା ବେଳେ ସେଠାରେ ଭାରତୀୟ ତ୍ରିରଙ୍ଗା ନଥିଲା। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ମାତ୍ରେ ସାରା ବିଶ୍ୱରେ ପାକିସ୍ତାନକୁ ନିନ୍ଦା କରାଯାଇଥିଲା। ଏହି ଘଟଣା ପରେ, ପାକିସ୍ତାନ କ୍ରିକେଟ୍ ବୋର୍ଡ କହିଥିଲା ଯେ ଏସବୁ ଆଇସିସିର ନିର୍ଦ୍ଦେଶରେ ଘଟୁଛି। କିନ୍ତୁ ଏବେ ପାକିସ୍ତାନର କରାଚୀ ଷ୍ଟାଡିୟମରେ କିମ୍ବା ପାକିସ୍ତାନର ଛାତିରେ ତ୍ରିରଙ୍ଗା ପତାକା ଉଡ଼ାଯାଇଛି। ତେବେ ଏହି ଖବର ଚାମ୍ପିୟନ୍ସ ଟ୍ରଫି ଆୟୋଜନ ସହିତ ଜଡିତ ରହିଛି। ୨୩ ବର୍ଷ ପରେ ପାକିସ୍ତାନକୁ କୌଣସି ଆସଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ମିଳିଛି। ଯାହା ଆଧାରରେ ଚାମ୍ପିୟନ୍ସ ଟ୍ରଫିର ସମସ୍ତ ମ୍ୟାଚ୍ ଆୟୋଜନର ଅଧିକାର ପାକିସ୍ତାନକୁ ମିଳିଛି। କିନ୍ତୁ ବିସିସିଆଇ ସୀମା ଏବଂ ସୁରକ୍ଷା କାରଣରୁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା। ଏହାପରେ ପିସିବିର ଇଚ୍ଛା ନ ଥାଇ ମଧ୍ୟ ଟୁର୍ନାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜନ କରିବାକୁ ପଡିଥିଲା। ଯାହାଦ୍ୱାରା ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ।

## ବିଜୟ ମାହାଲା ସ୍ମାରକୀ ଭେଟେରାନ୍ କ୍ରିକେଟ୍ ପ୍ରତିଯୋଗିତା: ଚଣ୍ଡିଖୋଲ ଚାମ୍ପିଅନ୍




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଖେଳ ପଡିଆଠାରେ ଚାଲୁଥିବା ବିଜୟ ମାହାଲା ସ୍ମାରକୀ କ୍ରିକେଟ ପ୍ରତିଯୋଗିତାରେ ଚଣ୍ଡିଖୋଲ ଭେଟେରାନ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଚଣ୍ଡିଖୋଲ ଭେଟେରାନ ନିର୍ଦ୍ଧାରିତ ୨୦ ଓଭରରେ ୪ୱିକେଟ ହରାଇ ୧୬୫ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ କୁମାର ସ୍ୱାଇଁ ୮୫, ପ୍ରସନ୍ନ କୁମାର ବିଶ୍ୱାଳ ୨୮ରନ୍ ସଂଗ୍ରହ କରିଥିଲେ। ୧୬୬ରନ୍‌ର ପିଛାକରି ଯାଜପୁର ଭେଟେରାନ ୧୩୦ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇ ୩୬ରନରେ ପରାସ୍ତ ହୋଇଥିଲା। ଆଜିର ଖେଳକୁ ପ୍ରୟାସ ବିଶ୍ୱାଳ, ଉମାକାନ୍ତ ସେନାପତି ପରିଚକ୍ଷଳନ କରିଥିଲେ।ଆଜିର ଖେଳକୁ ସିଡିପିଓ, ଲକ୍ଷ୍ମୀଧର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ସମରେନ୍ଦ୍ର ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧକ୍ଷ ଡକ୍ଟର ସ୍ୱରୁପାନନ୍ଦ ମିଶ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡଚଣା ପଞ୍ଚାୟତ ସମିତିର ଉପାଧକ୍ଷ ଭିଭାସ ଚନ୍ଦ୍ର ନନ୍ଦ, ଯୁବ ସମାଜସେବୀ ଦୀପକ୍ କୁମାର ମିଶ୍ର, ନିଶିମାଳ ପଲ୍ଲୀ ମଙ୍ଗଳ ସଭାପତି ସଞ୍ଜୟ କୁମାର୍ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚଣ୍ଡିଖୋଲ ଟିମ୍‌କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ।

**Jharkhand Urja Sancharan Nigam Ltd.**
**(CIN: U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02**
**(E-mail:cetjusnl@gmail.com)**

**1st TIME EXTENSION NOTICE**

Important date against NIT No. 333/PR/JUSNL/2024-25 for Design, Engineering, supply, erection, testing & commissioning of line differential protection in under construction 400 kV D/C QM Katia – Patratu Transmission line on turnkey basis is hereby extended in following manner:-

| | |
|---|---|
| End date and time of upload of BID | 27.02.2025 up to 04:00 PM |
| BID Opening date for technical & commercial part | 28.02.2025 at 04.00 PM |

This extension notice is also available on the website www.jharkhandtenders.gov.in

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
**PR No. 345254** — **General Manager, C&M (NWBP) JUSNL,Ranchi**

PR 346757 (Jharkhand Urja Sancharan Nigam Ltd)24-25*D

## ଚାମ୍ପିୟନ୍ସ ଟ୍ରଫି: ପାକିସ୍ତାନକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କଲା ନ୍ୟୁଜିଲାଣ୍ଡ

କରାଚୀ: ବୁଧବାର ଆୟୋଜିତ ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ପାକିସ୍ତାନ ଶୋଚନୀୟ ପରାସ୍ତ ହୋଇଛି। ଆୟୋଜକ ପାକିସ୍ତାନକୁ ୬୦ ରନରେ ନ୍ୟୁଜିଲାଣ୍ଡ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି । ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡର ଏହା ଚତୁର୍ଥ ବିଜୟ । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୫ ୱିକେଟ ହରାଇ ୩୨୦ ରନ କରିଥିଲା । ୱିଲ ୟଙ୍ଗ ୧୦୭, ଟମ ଲାଥାମ ୧୧୮ ଓ ଗ୍ଲେନ ଫିଲିପ୍ସ ୬୧ ରନର ଇନିଂସ ଖେଳିଥିଲେ। ପାକିସ୍ତାନ ତରଫରୁ ହ୍ୟାରିଶ ରୌଫ ଓ ନସୀମ ଶାହ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୩୨୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୪୭.୨ ଓଭରରେ ୨୬୦ ରନ କରି ଅଲଆଉଟ ହୋଇ ଯାଇଥିଲା । ବାବର ଆଜମ ୬୪ ଓ ଖୁସଦିଲ ଶାହ ୬୯ ରନ କରିଥିଲେ । ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲ ଓ ରୁରକେ, ମିଚେଲ ସାଂଟେନର ୩ଟି ଲେଖାଏଁ ଓ ମାଟ୍ଟ ହେନେରୀ ୨ଟି ୱିକେଟ ନେଇଥିଲେ । ଟସ ଜିତି ପାକିସ୍ତାନ ପ୍ରଥମେ ଫିଲ୍ଡିଂ କରିବା ପାଇଁ ନିଷ୍ପତି ନେଇଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ଲାଥାମ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟ ସହ ନ୍ୟୁଜିଲାଣ୍ଡ ୨ ପଂଏଟ ହାସଲ କରିଛି ।




## ହୃଦାନନ୍ଦଜୀଉ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ନରସିଂହପୁର ପଂଚାୟତ ଅନ୍ତର୍ଗତ ତିଲଙ୍ଗ କୋଠିଛକ ଠାରେ ହୃଦାନନ୍ଦଜୀଉ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ହୃଦାନନ୍ଦଜୀଉ କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ବଛାବଛା ୧୬ ଗୋଟି ଟିମ୍ ଅଂଶଗ୍ରହଣ କରିଥିଲେ । ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ରବି ସାମଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଂଚ ସୁଧିର ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଯୋଗଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଇଲେଭେନ୍ ଷ୍ଟାର ତରତ ଓ ଏଲଏନ୍ ସ୍ୱାଇଡର ଲକ୍ଷ୍ମୀନାରାୟଣପୁର ପରସ୍ପରକୁ ଭେଟିଥିଲେ । ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ସୁଦିପ୍ତ ସାମଲ ପ୍ରମୁଖ ଯୋଗଦେଇ ବାଲିଚନ୍ଦ୍ରପୁରର ଓମ୍ ଇଲୋକ୍ଟ୍ରୋନିକ୍ସର ଭଡ୍ରହରି ମିଶ୍ରଙ୍କ ପକ୍ଷରୁ ପ୍ରଦତ ଚମ୍ପିଆନ୍ ଟ୍ରଫି ଇଲେଭେନ୍‌ଷ୍ଟାର ତରତକୁ ଓ ରନର୍ସ ଟ୍ରଫି ଲକ୍ଷ୍ମୀନାରାୟଣପୁର ଟିମ୍‌କୁ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଶୋଭନ ମହାନ୍ତି ଏହି ଟୁର୍ଣ୍ଣାମେଂଟକୁ ପରିଚାଳନା କରିଥିଲେ। ଏହି ଟୁର୍ଣାମେଂଟକୁ କ୍ରୀକେଟ୍ ଆସୋସିଏସନ୍‌ର ସଭାପତି ବାୟୁନନ୍ଦ ମିଶ୍ର, ସମ୍ପାଦକ ଶ୍ୟାମଳେନ୍ଦୁ ନାୟକ, ବିଚିତ୍ରାନନ୍ଦ କୁଣ୍ଡ, ବିରେନ୍ଦ୍ର ନାୟକ, ପ୍ରମୋଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ବାବା ଗୋବିନ୍ଦାସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ସରାଙ୍ଗ ଟିମ୍ ଚାମ୍ପିଅନ୍

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ସ୍ଥିତ ବାବା ଗୋବିନ୍ଦାସ ଖେଳ ପଡିଆରେ ସ୍ଥାନୀୟ ବାବା ଗୋବିନ୍ଦଦାସ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଚଳିତ ବର୍ଷ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସରାଙ୍ଗ ଷ୍ଟାର ଇଲେଭେନ କ୍ରିକେଟ କ୍ଲବ୍ ଓ କାମାକ୍ଷାନଗର ଚୁଳିଆ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ସରାଙ୍ଗ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ବିନିମୟରେ ୮ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା ଜବାବରେ ଚୂଳିଆ ଟିମ୍ ୧୪ ୦୫ ଓଭରରେ ସମସ୍ତ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନପାରି ପରାଜୟ ବରଣ କରିଥିଲେ ।ଫଳରେ ଚଳିତ ବର୍ଷ ସରାଙ୍ଗ ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଉଦଯାପନୀ ସମାରୋହରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବାରିହାପୁର ଗ୍ରାମ୍ୟ କମିଟି ସଭାପତି ଉମେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜ ସେବୀ ଅରୁଣ କୁମାର ସାହୁ ,ସମିତି ସଭ୍ୟ ବିନୟ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ମନୋଜ କୁମାର ବିଶ୍ୱାଳ ଓ ଲିପୁ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**
**ई–पुनर्निविदा सूचना संख्या – RDD/SD/BOKARO/46/2024-25/RE**

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चन्द्रपुरा प्रखण्ड अंतर्गत दुग्दा फुटबॉल ग्राउण्ड में दर्शक दीर्घा, चेंजिग रूम एवं चाहरदीवारी का निर्माण। | 20602000.00 | 412500.00 | 10000.00 | 12 माह |

2. वेबसाइट में निविदा प्रकाशन की तिथि – 28.02.2025
3. ई–निविदा प्राप्ति की तिथि एवं समय – दिनांक 28.02.2025 से दिनांक 15.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 17.03.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो

PR 346806 Rural Development(24-25).D

**कार्यालय नगर परिषद्, बिश्रामपुर (पलामू)**
Email Id – nagarpanchayatbishrampur2010@gmail.com
GOVERNMENT OF JHARKHAND
URBAN DEVELOPMENT OF DEPARTMENT, NAGAR PARISHAD, BISHRAMPUR

**E-PROCURMENT NOTICE (VERY SHORT TERM NOTICE)**
**Request for Proposal / E-procurement Notice**

*Request for Proposal no: - UDD/NPB/23/2024-25 (2nd Call)* — *Date : 15.02.2025*

Request for Proposal are invited on behalf of **Nagar Parishad Bishrampur (NPB)** Jharkhand for work on DBOT basis from reputed and eligible Companies / Firm / Consortium / Joint Ventures having sound Technical and financial capability for the following works:

| SL. | Discription of Package | ESTIMATE COST (Rs. In Lakh) | EARNEST MONEY (Rs. In Lakh) (1% OF ESTIMATE COST) | TENDER FEE | COMPLETION PERIOD |
|---|---|---|---|---|---|
| 1 | Door to Door Collection and Source Segregation of Municipal Solid Waste, setting up and operation of material recovery facility, transfer station and transportation facility, developing and operating a wet and dry waste processing facility and engineered sanitary landfill facility in municipal area as per SWM rules 2016 and SBM 2.0 guidelines, for Bishrampur Nagar Parishad on a long-term design, Build, Operate and Transfer (DBOT) basis with 20 Years O&M. | 897.71 & 9492.20 | 8.97 | 25000.00 | 16 Months Construction & 20 Yrs. O&M |
| 2 | Date Of Publication of Tender on Website | 18.02.2025 at 11:00 AM | | | |
| 3 | Last Date for Receiving Queries | 22.02.2025 at 02:00 PM | | | |
| 4 | Pre Bid Meeting | 25.02.2025 at 02:00 PM | | | |
| 5 | Last Date/Time Of Online Submission Of Bids | 01.03.2025 at 02:00 PM | | | |
| 6 | Date Of Bid Opening | 03.03.2025 at 11:00 AM | | | |
| 7 | Name & Address of Office Inviting Tender | EXECUTIVE OFFICER NAGR PARISHAD BISHRAMPUR | | | |
| 8 | Contact No. Of Procurement Officer | 9113473868 | | | |
| 9 | Helpline Number Of E-Procurement Cell | 06584 299971 | | | |

NOTE : -
1. Only E-Tender will be accepted. Further details can be seen on website https://jharkhandtenders.gov.in/nicgep/app.
2. Contractors should be registered in appropriate class as per NIT.

प्रशासक,
नगर परिषद् बिश्रामपुर

PR 346736 District (24-25)_D

### ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍

## ସ୍ପେନ୍, ଭାରତ ପୁରୁଷ ଓ ସ୍ପେନ୍ ମହିଳା ହକି ଦଳ ବିଜୟୀ







ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଆଜି ଉଭୟ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ମୈଦାନକୁ ଓହ୍ଲାଇଥିବା ବେଳେ ଭାରତୀୟ ପୁରୁଷ ହକି ଦଳ ବିଜୟୀ ହୋଇଥିବା ବେଳେ ଭାରତୀୟ ମହିଳା ହକି ଦଳ ପରାଜୟ ବରଣ କରିଛି। ତେବେ ପ୍ରଥମେ ଟର୍ଫକୁ ଓହ୍ଲାଇଥିଲେ ପୁରୁଷ ସ୍ପେନ୍ ଓ ଇଂଲଣ୍ଡ ହକି ଦଳ। ପ୍ରଥମ କ୍ୱାର୍ଟରରେ ସ୍ପେନ ୧ଟି ଗୋଲ ଦେଇଥିବା ବେଳେ ଇଂଲଣ୍ଡ ଗୋଲ କରିବାରେ ବିଫଳ ହୋଇଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ସ୍ପେନ୍ ୨ଟି, ତୃତୀୟ କ୍ୱାର୍ଟରରେ ୩ଟି ଓ ଚତୁର୍ଥ କ୍ୱାର୍ଟରରେ ୪ଟି ଗୋଲ କରିବାରେ ସଫଳ ହୋଇଥିବା ବେଳେ ଇଂଲଣ୍ଡ ଦ୍ୱିତୀୟ, ତୃତୀୟ କ୍ୱାର୍ଟରରେ ଗୋଲ କରିବାରେ ବିଫଳ ହୋଇଥିଲା। ହେଲେ ଚତୁର୍ଥ କ୍ୱାର୍ଟରରେ ଇଂଲଣ୍ଡ ଗୋଟିଏ ଗୋଲ କରିବାରେ ସଫଳ ହୋଇଥିଲା। ଏହି ମ୍ୟାଚରେ ସ୍ପେନ୍ ୧୦-୧ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ପରେ ଟର୍ଫକୁ ଓହ୍ଲାଇଥିଲେ ପୁରୁଷ ଭାରତ ଓ ଜର୍ମାନୀ ହକି ଦଳ। ପ୍ରଥମ କ୍ୱାର୍ଟରରେ ଭାରତ ଗୋଟିଏ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ କରିବାରେ ସକ୍ଷମ ହୋଇଥିଲା। ହେଲେ ଜର୍ମାନୀ ଗୋଟିଏ ବି ଗୋଲ କରିବାରେ ବିଫଳ ହୋଇଥିଲା। ତେବେ ଭାରତ ୪-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଥିଲା। ପରେ ଟର୍ଫକୁ ଓହ୍ଲାଇଥିଲେ ମହିଳା ଭାରତ ଓ ସ୍ପେନ ହକି ଦଳ। ଏହି ମ୍ୟାଚଟି ଭାରତ ପାଇଁ ସଂପୂର୍ଣ୍ଣ ନୈରାଶ୍ୟଜନ ଥିଲା। ୪ଟି କ୍ୱାର୍ଟରରେ ମହିଳା ଭାରତୀୟ ହକି ଦଳ ଗୋଟିଏ ବି ଗୋଲ କରିବାରେ ବିଫଳ ହୋଇଥିଲା। ସେହିପରି ମହିଳା ସ୍ପେନ ହକି ଦଳ ୩ଟି କ୍ୱାର୍ଟରରେ ଗୋଲ କରିବାରେ ବିଫଳ ହୋଇଥିବା ବେଳେ ଚତୁର୍ଥ କ୍ୱାର୍ଟରରେ ଗୋଟିଏ ଗୋଲ କରି ମ୍ୟାଚ୍ ଜିଣି ନେଇଥିଲା। ସ୍ପେନ ମହିଳା ହକି ଦଳ ୪-୦ ଗୋଲରେ ଭାରତୀୟ ହକିଦଳକୁ ପରାସ୍ତ କରିଥିଲା।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–निविदा आमंत्रण सूचना**
**ई– पुनर्निविदा सूचना संख्या – RDD/SD/BOKARO/02/2024-25/GR_02/RE**

1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिलान्तर्गत गोमिया प्रखण्ड के शास्त्रीनगर एवं तुईयों के बीच खीराबेड़ा नाला में उच्च स्तरीय पुल निर्माण। (लम्बाई 105.85 मी०) | 55571000.00 | 1112000.00 | 10000.00 | 24 माह |

2. वेबसाइट में निविदा प्रकाशन की तिथि – 01.03.2025
3. ई–निविदा प्राप्ति की तिथि एवं समय – दिनांक 01.03.2025 से दिनांक 22.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 24.03.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो

PR 346804 Rural Development(24-25).D



ଆଧୁନିକ ଯୁଗରେ କେବଳ ଲୋକଙ୍କ ଜୀବନଶୈଳୀ ବଦଳିନାହିଁ ବରଂ ସେମାନଙ୍କର ଖାଦ୍ୟପେୟ ଅଭ୍ୟାସ ମଧ୍ୟ ବଦଳିଛି । ପୂର୍ବରୁ ଲୋକମାନେ ଘରେ ସଦ୍ୟ ପ୍ରସ୍ତୁତ ଶୁଦ୍ଧ ଖାଦ୍ୟ ଖାଉଥିଲେ କିନ୍ତୁ ଏବେ ବାହାରେ ଖାଇବାର ଧାରା ଆରମ୍ଭ ହୋଇଛି । ଏପରିକି ଲୋକମାନେ ପ୍ରତିଦିନର ଖାଦ୍ୟ ପାଇଁ ରେଷ୍ଟୁରାଣ୍ଟ ଉପରେ ନିର୍ଭର କରିବା ଆରମ୍ଭ କରିଦେଲେଣି । ବାହାରେ ଖାଇବା କେବଳ ଅସ୍ୱାସ୍ଥ୍ୟକର ନୁହେଁ, ଏକ ନୂତନ ଅଧ୍ୟୟନରୁ ଜଣାପଡିଛି ଯେ ଏହାକୁ ପ୍ୟାକ୍ କରାଯାଇଥିବା ପାତ୍ରଗୁଡ଼ିକ ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଅଧ୍ୟୟନ ଅନୁଯାୟୀ ପ୍ଲାଷ୍ଟିକ୍ ପାତ୍ରରେ ପ୍ୟାକ୍ ହୋଇଥିବା ଖାଦ୍ୟ ଖାଇବା ଦ୍ୱାରା ହୃଦଘାତର ଆଶଙ୍କା ବଢ଼ିବାର ସମ୍ଭାବନା ରହିଥାଏ । କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୁଅର କ'ଣ ?- ରିପୋର୍ଟ ଅନୁଯାୟୀ, କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୁଅର ଏକ ଏପରି ଅବସ୍ଥା ଯେଉଁଥିରେ ହୃଦୟ ଶରୀରର ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାପ୍ତ ରକ୍ତ ପମ୍ପ କରିପାରେ ନାହିଁ । ଏହାକୁ ହୃଦଘାତ ମଧ୍ୟ କୁହାଯାଏ । ଏଥିରେ ସମୟ ସହିତ ଫୁସଫୁସ ଏବଂ ଗୋଡରେ ରକ୍ତ ଏବଂ ତରଳ ପଦାର୍ଥ ଜମା ହେବା ଆରମ୍ଭ ହୋଇଥାଏ । ହାର୍ଟ ଆଟାକ୍ ଆଶଙ୍କା ବୃଦ୍ଧି- ଏହି ନୂତନ ଅଧ୍ୟୟନରୁ ଜଣାପଡିଛି ଯେ ପ୍ଲାଷ୍ଟିକ୍ ପାତ୍ରରେ ପ୍ୟାକିଂ ହୋଇଥିବା ଖାଦ୍ୟ ସିଏଚ୍‌ଏଫ୍‌ର ବିପଦ ବଢ଼ାଇପାରେ । ଗବେଷକମାନେ କହିଛନ୍ତି ଯେ ସେମାନେ ଏହା ପଛରେ ଥିବା କାରଣ ମଧ୍ୟ ଆବିଷ୍କାର କରିଛନ୍ତି, ଯାହା ହେଉଛି ଅନ୍ତନଳୀ ବାୟୋମରେ ପରିବର୍ତ୍ତନ ଶରୀରରେ ପ୍ରଦାହ ସୃଷ୍ଟି କରେ, ଯାହା ରକ୍ତ ସଞ୍ଚାଳନ ପ୍ରଣାଳୀକୁ କ୍ଷତି ପହଞ୍ଚାଏ ।





ଜାଣନ୍ତୁ କାରଣ...

# କାହିଁକି ବଦ୍ରିନାଥରେ ଫୁଙ୍କାଯାଏନି ଶଙ୍ଖ ?

ହିନ୍ଦୁ ଧର୍ମରେ କୌଣସି ପୂଜାପାଠର ପ୍ରଥମ ଏବଂ ଶେଷରେ ଶଙ୍ଖରନାଦ କରାଯାଇଥାଏ । ଆପଣାମମାନେ ଜାଣିଥିବେ ଯେ ପୂଜା ସହିତ, ପ୍ରତ୍ୟେକ ଶୁଭ କାର୍ଯ୍ୟ ସମୟରେ ଶଙ୍ଖ ଫୁଙ୍କା ଯାଏ । ଶଙ୍ଖକୁ ସୁଖ, ସମୃଦ୍ଧତା ଏବଂ ଶୁଭତାର କାରକ ଭାବରେ ପ୍ରମାଣିତ କରାଯାଇଛି । କୁହାଯାଏ ଯେ ଶଙ୍ଖ ନ ଫୁଙ୍କା ହେଲେ ପୂଜା ଅସମ୍ପୂର୍ଣ୍ଣ ବୋଲି ଧରାଯାଏ । ମାତ୍ର ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଉତ୍ତରାଖଣ୍ଡର ବଦ୍ରିନାଥ ମନ୍ଦିରରେ ପୂଜା ସମୟରେ ଶଙ୍ଖ ବାଜେନି । ବଦ୍ରୀନାଥ ଭାରତର ଚାରିଧାମ ମଧ୍ୟରେ ଅନ୍ୟତମ । ହିମାଳୟ ପାର୍ବତ୍ୟାଞ୍ଚଳରେ ଅଳକାନନ୍ଦା ନଦୀ କୂଳରେ ଅବସ୍ଥିତ ବଦ୍ରିନାଥ ମନ୍ଦିରରେ ପୂଜା ପାଆନ୍ତି ଭଗବାନ ସ୍ୱୟଂ ଶ୍ରୀହରି ବଦ୍ରିନାରାୟଣ । ୩.୩ ଫୁଟ ଉଚ୍ଚର କଳା ଶାଳଗ୍ରାମ ପଥରରେ ନିର୍ମିତ ଶ୍ରୀହରି ମୂର୍ତ୍ତି ସ୍ୱୟଂ ଆବିର୍ଭୂତ ହୋଇଥିବା କୁହାଯାଏ । ତେବେ ବଦ୍ରିନାଥ ଧାମରେ ଶଙ୍ଖ ନ ଫୁଙ୍କାଯିବାର ଅନେକ କାରଣ ଅଛି, ଯେଉଁଥିରେ ପୌରାଣିକ, ଧାର୍ମିକ ବିଶ୍ୱାସ ବ୍ୟତୀତ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ତେବେ ଆସନ୍ତୁ ଜାଣିବା ଏହାର କାହାଣୀ ବିଷୟରେ... ।

ଶାସ୍ତ୍ରରେ ବର୍ଣ୍ଣିତ ଏକ କାହାଣୀ ଅନୁଯାୟୀ, ଥରେ ଦେବୀ ଲକ୍ଷ୍ମୀ ବଦ୍ରିନାଥ ଧାମରେ ଧ୍ୟାନରେ ବସିଥିଲେ । ସେହି ସମୟରେ ଭଗବାନ ବିଷ୍ଣୁ ଶଙ୍ଖଚୂର୍ଣ୍ଣ ନାମକ ଏକ ରାକ୍ଷସକୁ ହତ୍ୟା କରିଥିଲେ । ହିନ୍ଦୁ ଧର୍ମର ମାନ୍ୟତାରେ, ବିଜୟ ପରେ ଶଙ୍ଖନାଦ ଅବଶ୍ୟ କରାଯାଏ । କିନ୍ତୁ ଭଗବାନ ବିଷ୍ଣୁ ମା' ଲକ୍ଷ୍ମୀଙ୍କର ଧ୍ୟାନ ଭଗ୍ନ କରିବାକୁ ଚାହୁଁନଥିଲେ, ତେଣୁ ସେ ଶଙ୍ଖ ଫୁଙ୍କିନଥିଲେ । ଏହିପରି ଅନ୍ୟ ଏକ ପୌରାଣିକ କଥା ଅନୁଯାୟୀ, ଗୋଟିଏ ସମୟରେ ହିମାଳୟରେ ରାକ୍ଷସମାନେ ଉତପାତ କରୁଥିଲେ । ମୁନି ଋଷିମାନଙ୍କୁ ପୂଜାପାଠ କରାଇ ଦେଉନଥିଲେ । ରାକ୍ଷସଙ୍କର ଏହି ଉତପାତ ଦେଖି ଋଷି ଅଗସ୍ତ୍ୟ ମାତା ଭଗବତୀଙ୍କୁ ଡାକିଲେ, ଏହା ପରେ ମାତା କୁଷ୍ମାଣ୍ଡା ରୂପ ଧରି ରାକ୍ଷସଙ୍କୁ ବିନାଶ କରିଥିଲେ । ତେବେ ମା'ଙ୍କ ଠାରୁ ରକ୍ଷା ପାଇବା ପାଇଁ ଆତାପି ଏବଂ ବାତାପି ନାମକ ଦୁଇ ରାକ୍ଷସ ପଳାୟନ କରିଥିଲେ । ଆତାପୀ ନଦୀରେ ଲୁଚି ରହିଥିବାବେଳେ ବାତାପି ବଦ୍ରିନାଥ ଧାମକୁ ଯାଇ ଏକ ଶଙ୍ଖ ଭିତରେ ଲୁଚି ରହିଥିଲା । ସେହି ଦିନଠାରୁ ବଦ୍ରିନାଥ ଧାମରେ ଶଙ୍ଖ ବାଜେନି । ଏହି ପରମ୍ପରା ଆଜି ପର୍ଯ୍ୟନ୍ତ ଜାରି ରହିଛି ।

ବର୍ଷସାରା ବଦ୍ରିନାଥ ଧାମରେ ଥଣ୍ଡା ଅନୁଭବ ହୁଏ । କିଛି ମାସକୁ ଛାଡ଼ି ସେଠାରେ ପ୍ରାୟତଃ ବରଫ ଦେଖିବାକୁ ମିଳିଥାଏ । ବିଜ୍ଞାନ ଅନୁଯାୟୀ, ପ୍ରତ୍ୟେକ ଜୀବ କିମ୍ବା କୌଣସି ବସ୍ତୁର ନିଜସ୍ୱ ଫ୍ରିକ୍ୱେନ୍ସି ଥାଏ । ଏପରି ପରିସ୍ଥିତିରେ ଯଦି ସେଠାରେ ଶଙ୍ଖ ଫୁଙ୍କାଯାଏ, ତେବେ ଏହାର ଶବ୍ଦ ପର୍ବତକୁ ଧକ୍କା ଦେଇ ପ୍ରତିଧ୍ୱନି ସୃଷ୍ଟି କରିବ । ଏହି କାରଣରୁ ବରଫ ଫାଟିବା କିମ୍ବା ବରଫ ଝଡ଼ ହେବାର ସମ୍ଭାବନା ରହିପାରେ । ଏଥି ସହିତ ବୈଜ୍ଞାନିକମାନେ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସିର ଶବ୍ଦ ପରିବେଶକୁ କ୍ଷତି ପହଞ୍ଚାଏ । ଯେତେବେଳେ ଏହା ଘଟେ, ପର୍ବତରେ ଭୂସ୍ଖଳନ ହେବାର ଆଶଙ୍କା ବଢ଼ିଯାଏ । ଏପରି ପରିସ୍ଥିତିରେ ବୋଧହୁଏ ବଦ୍ରିନାଥଧାମରେ ଶଙ୍ଖ ଫୁଙ୍କାଯାଏ ନାହିଁ ।

# ଗୀତ ଗାଇଲେ ମୋନାଲିସା

ପ୍ରୟାଗରାଜର ମହାକୁମ୍ଭ ମେଳାରେ ମାଳା ବିକ୍ରି କରୁଥିବା ଝିଅର ଭାଗ୍ୟ ପୂରା ବଦଳିଯାଇଛି । ତାଙ୍କର ସୁନ୍ଦର ଆଖି ଏବଂ ସରଳ ବ୍ୟକ୍ତିତ୍ୱ ଏମିତି ଲୋକଙ୍କ ଦୃଷ୍ଟି ଆକର୍ଷଣ କଲା ଯେ ବର୍ତ୍ତମାନ ସେ ମହାକୁମ୍ଭର ଭାଇରାଲ୍ ଗର୍ଲ ଭାବରେ ଜଣାଶୁଣା । କେବଳ ଏତିକି ନୁହେଁ, ତାଙ୍କ ଭାଗ୍ୟ ଏପରି ଭାବେ ବଦଳିଯାଇଛି ଯେ ବର୍ତ୍ତମାନ ସେ ଫିଲ୍ମରେ ପାଦ ଦେବାକୁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି । ଅଭିନୟ ଏବଂ ଗ୍ରୁମିଂ କ୍ଲାସ୍ ନେଉଥିବା ମୋନାଲିସା ଏକ ନୂଆ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ଏକ ଗୀତ ଗାଉଥିବାର ନଜର ଆସିଛନ୍ତି । ତାଙ୍କର ଭିଡିଓ ଜୋରଦାର୍ ଭାଇରାଲ ହେବାରେ ଲାଗିଛି ଏବଂ ପ୍ରଶଂସକମାନେ ପ୍ରତିକ୍ରିୟା ଦେବାରେ ହେଳା କରୁ ନାହାନ୍ତି । ଏହି ଭିଡିଓଟି ହେଉଛି ସେତେବେଳର, ଯେତେବେଳେ ମୋନାଲିସା ଏକ ଅଳଙ୍କାର ବ୍ରାଣ୍ଡ ପାଇଁ ସାମ୍ବାଦିକ ସମ୍ମିଳନୀରେ କେରଳରେ ପହଞ୍ଚିଥିଲେ । ସେଠାରେ ସେ ୧୯୯୯ ମସିହାର 'ଫିଲ୍ମ ହିନ୍ଦୁସ୍ତାନ କି କସମ' ଫିଲ୍ମର 'ଜଲୱା ଜଲୱା' ଗୀତର କିଛି ଧାଡି ଗାଇଥିବା ନଜର ଆସିଛନ୍ତି । ଏହି ସମୟରେ ସେ ଲାଲ୍ ସୁଟ୍ ଏବଂ ହାଲୁକା ମେକ୍‌ଅପ୍ ନେଇଥିବାର ନଜର ଆସିଛନ୍ତି । ଭିଡିଓ ସହିତ ମୋନାଲିସା କ୍ୟାପ୍‌ସନ୍‌ରେ ଲେଖିଛନ୍ତି, ମୁଁ ଗାଇଥିବା ଭିଡିଓ । ପ୍ରଶଂସକମାନେ ଏହି ଭିଡିଓ ଉପରେ ହାର୍ଟ ଇମୋଜିର ବର୍ଷା କରୁଛନ୍ତି । ଜଣେ ଲେଖିଛନ୍ତି - ଭାରତରେ ଆପଣଙ୍କ ଅପେକ୍ଷା ୧୦୦ ଗୁଣ ଅଧିକ ଚମତ୍କାର ଏବଂ ସୁନ୍ଦର ଝିଅ ଅଛନ୍ତି, କିନ୍ତୁ ମୁଁ ପଚାରିବାକୁ ଚାହେଁ ମୋନାଲିସାଙ୍କୁ ଦୁନିଆର ସବୁଠାରୁ ସୁନ୍ଦର ଝିଅ ବୋଲି କିଏ କହିଲା ? ଅନ୍ୟ ଜଣେ ଲେଖିଛନ୍ତି - ତୁମେ ବହୁତ ଆଗକୁ ଯିବ ଭଉଣୀ । ଆଉ ଜଣେ ଲେଖିଛନ୍ତି - ବହୁତ ସୁନ୍ଦର । ଆଉ ଜଣେ କହିଛନ୍ତି – ସୋ କ୍ୟୁଟ୍ । କହିବାକୁ ଗଲେ ଫିଲ୍ମ ନିର୍ଦ୍ଦେଶକ ସନୋଜ ମିଶ୍ର ତାଙ୍କ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର'ରେ ମୋନାଲିସାଙ୍କୁ ଲଞ୍ଚ କରିବାକୁ ଯାଉଛନ୍ତି । ସନୋଜ ନିଜେ ଖରଗୋନ ଜିଲ୍ଲାର ମହେଶ୍ୱର ଗାଁର ମୋନାଲିସାଙ୍କ ଘରକୁ ଯାଇଥିଲେ ଆଉ ଝିଅକୁ ଫିଲ୍ମରେ ନେବାକୁ ଚାହୁଁଛନ୍ତି ବୋଲି ତାଙ୍କ ବାପାଙ୍କ ଅନୁମତି ନେଇଥିଲେ ।

# 'ଧୁରନ୍ଧର'ରେ ନଜର ଆସିବେ ରଣବୀର ସିଂ



ବଲିଉଡ୍‌ର ବାଜିରାଓ ରଣବୀର ସିଂ । ତାଙ୍କ କିଲର ଲୁକ୍ ସମସ୍ତଙ୍କୁ ବେଶ୍ ପସନ୍ଦ । ବର୍ତ୍ତମାନ ରଣବୀର ତାଙ୍କ ଅପକମିଂ ଫିଲ୍ମ ଧୁରନ୍ଧରକୁ ନେଇ ଚର୍ଚ୍ଚାରେ ଅଛନ୍ତି । ନିର୍ମାତା ଆଦିତ୍ୟ ଧରଙ୍କ ଟିମ୍ ସହ ସୁଟିଂରେ ବ୍ୟସ୍ତ ଅଛନ୍ତି । ଗତ ଜୁଲାଇ ମାସରୁ ଏହାର ସୁଟିଂ ମଧ୍ୟ ଆରମ୍ଭ ହୋଇଛି । ଏବେ ଫିଲ୍ମକୁ ନେଇ ଆସିଛି ଅପଡେଟ୍ । ଯାହାକୁ ଶୁଣିବା ପରେ ଦର୍ଶକମାନଙ୍କ ଖୁସି ଦ୍ୱିଗୁଣ ହୋଇଯିବ । କାରଣ ଫିଲ୍ମରେ ଏପରି କଳାକାରମାନଙ୍କୁ ଏକା ସହିତ ଦେଖିବାକୁ ମିଳିବ । ଯେଉଁମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ଅକ୍ଷୟ ଖନ୍ନା , ସଞ୍ଜୟ ଦତ୍ତ, ଅର୍ଜୁନ୍ ରାମପାଲ, ଆର ମାଧବନ , ଯାମି ଗୌତମ । ଫିଲ୍ମରେ ରହିଛି ଜବରଦସ୍ତ ଆକ୍ସନ ସିନ୍ । ମୁମ୍ବାଇ ସିଡ୍ୟୁଲୀରେ କିଛି ହାଇ ଆକ୍ସନ ସିକ୍ୱେନ୍ସ ଉପରେ କେନ୍ଦ୍ରିତ ହୋଇଛି । ପ୍ରଯୋଜନା ସଂସ୍ଥା ମଧ୍ୟ ଅନ୍ଧେରୀରେ ସୁଟ୍ କରିବା ପାଇଁ ଏକବଡ ସେଟ୍ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ରଣବୀରଙ୍କର କିଛି ଦମ୍‌ଦାର ସିନ୍ ଅଛି । ଯେଉଁଥିରେ ଅକ୍ଷୟ ଖାନ୍ନା ଓ ରଣବୀର ସିଂ ମଧ୍ୟ ଆକ୍ସନ ରହିଛି । ଅନ୍ୟ ଅଭିନେତାମାନେ ପରବର୍ତ୍ତୀ ସପ୍ତାହରେ ସୁଟିରେ ସାମିଲ ହେବେ । ରଣବୀରଙ୍କୁ ନେଇ ଅମୃତସରରେ ହୋଇଥିବା ସୁଟିଂ ଉପରେ ରାୟ ଦେଇ ଆଦିତ୍ୟ ତାଙ୍କର ଅଭିନୟଙ୍କୁ ପ୍ରଶଂସା କରିଛନ୍ତି । ସୁଟିଂ ପୂରା କରିବା ପରେ ପୁରା ଧୁରନ୍ଧର ଟିମ୍ ସ୍ୱର୍ଣ୍ଣ ମନ୍ଦିର ଯାଇ ଦର୍ଶନ କରିଥିଲା । ୱାର୍କ ପ୍ରଣ୍ଟ ଦୃଷ୍ଟିରୁ ରଣବୀର ସିଂ ଆଗାମୀ ଦିନରେ ଡନ୍-୩, ତଖତ୍, ଶିମ୍ବା-୨, ଅନ୍ଦାଜ ଅପନା ଅପନା-୨ , ବେଲପାରୀ ଆଦି ଫିଲ୍ମରେ ନଜର ଆସିବେ ।

# ଦମଦାର୍ ଲୁକ୍‌ରେ ସଲ୍‌ମାନ




ସଲ୍‌ମାନ ଖାନଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ସିକନ୍ଦର'ର ନୂଆ ପୋଷ୍ଟର ରିଲିଜ ହୋଇଛି । ତାଙ୍କର ଏହି ଫିଲ୍ମ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଆସିଛି । ସାଜିଦ ନାଡିଆଡୱାଲାଙ୍କ ଜନ୍ମଦିନରେ 'ସିକନ୍ଦର'ର ପ୍ରଥମ ପୋଷ୍ଟର ରିଲିଜ ହୋଇଥିଲା । ପୋଷ୍ଟରରେ ସଲମାନ ଖାନଙ୍କ ଅତି ଗମ୍ଭୀର ଷ୍ଟାଇଲ୍ ଦେଖିବାକୁ ମିଳିଥିଲା । 'ସିକନ୍ଦର' ଫିଲ୍ମ ଘୋଷଣା ହେବା ପରଠାରୁ ପ୍ରଶଂସକମାନେ ପ୍ରତ୍ୟେକ ନୂଆ ଅପଡେଟ୍ ପାଇଁ ଅପେକ୍ଷା କରିଛନ୍ତି, କାରଣ ଏହି ଫିଲ୍ମଟି ଆକ୍ସନ୍-ପ୍ୟାକ୍ ହେବାକୁ ଯାଉଛି । ସାଜିଦ ନାଡିଆଡୱାଲାଙ୍କ ଦ୍ୱାରା ନିର୍ମିତ 'ସିକନ୍ଦର' ସୁପରଷ୍ଟାର ସଲମାନ ଖାନ ଏବଂ ପ୍ରଖ୍ୟାତ ନିର୍ମାତାଙ୍କ ମଧ୍ୟରେ ଆଉ ଏକ ବଡ କୋଲାବୋରେସନ ରହିଛି । ଏଥର ତାଙ୍କ ଜନ୍ମଦିନରେ ସାଜିଦ ନାଡିଆଡୱାଲା ପ୍ରଶଂସକମାନଙ୍କୁ ଏକ ବିଶେଷ ସରପ୍ରାଇଜ୍ ଦେଇଛନ୍ତି । ଫିଲ୍ମ 'ସିକନ୍ଦର'ର ଏକ ନୂଆ ପୋଷ୍ଟର ଲଞ୍ଚ କରିଛନ୍ତି, ଯାହା ଫିଲ୍ମ ରିଲିଜ୍ ପୂର୍ବରୁ ଉତ୍ସାହକୁ ଆହୁରି ବଢାଇ ଦେଇଛି । ପ୍ରଶଂସକଙ୍କ କ୍ରେଜ୍‌କୁ ବୁଝି ପ୍ରଡକ୍‌ସନ୍ ହାଉସ୍ କହିଛି, 'ଆମର ସମସ୍ତ ପ୍ରିୟ ପ୍ରଶଂସକ, ଆପଣଙ୍କ ଧୈର୍ଯ୍ୟ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଜିଦ୍ ନାଡିଆଡୱାଲାଙ୍କ ଜନ୍ମଦିନରେ, 'ସିକନ୍ଦର'କୁ ଯେଉଁ ଭଲ ପାଇବା ମିଳିଛି, ଏହା ପରେ, ଆମେ ଆପଣଙ୍କ ପାଇଁ ଏକ ଛୋଟ ଉପହାର ଆଣିଛୁ ! ୨୭ ଫେବୃଆରୀରେ ଆପଣଙ୍କ ପାଇଁ ଏକ ବଡ ସରପ୍ରାଇଜ୍ ଅଛି, ଅପେକ୍ଷା କରନ୍ତୁ ! ଆମ ସହିତ ରୁହନ୍ତୁ ।' ଫିଲ୍ମର ପ୍ରଥମ ଟିଜର ଏବଂ ପୋଷ୍ଟର ଇଣ୍ଟରନେଟ୍‌ରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା । ବର୍ତ୍ତମାନ ନୂଆ ପୋଷ୍ଟରରେ ସଲମାନ ଖାନଙ୍କ ଦମଦାର ଲୁକ୍‌ର ଝଲକ ଦିଆଯାଇଛି । ତେବେ ଦର୍ଶକଙ୍କ ଉତ୍ସାହକୁ ରଖିବା ପାଇଁ ଫିଲ୍ମର ନିର୍ମାତା କାହାଣୀର ଅନେକ ଅଂଶକୁ ଲୁଚାଇ ରଖିଛନ୍ତି । ପ୍ରତ୍ୟେକ ନୂଆ ଖୁଲାସା ସହିତ ପ୍ରଶଂସକଙ୍କ ଆଶା ଆହୁରି ବଢୁଛି, ଏବଂ ସେମାନେ ଫିଲ୍ମକୁ ନେଇ ଅଧିକ ଜାଣିବାକୁ ଉତ୍ସାହିତ ହୋଇପଡୁଛନ୍ତି । ନିର୍ମାତା ଏବଂ ସଲମାନ ଖାନ 'ସିକନ୍ଦର'ର ଉତ୍ସାହକୁ ଆହୁରି ବଢାଉଛନ୍ତି । ପ୍ରଶଂସକମାନଙ୍କୁ ଅଳ୍ପ ଦେଖାଯାଉଛି, କିନ୍ତୁ ଅନେକ ରହସ୍ୟ ହୋଇ ରହିଛି । ଫିଲ୍ମର ଦମଦାର ପୋଷ୍ଟର ଏବଂ ସୂଚନା ପ୍ରଶଂସକଙ୍କ ଅପେକ୍ଷାକୁ ଆହୁରି ଆକର୍ଷଣୀୟ କରିଛି । 'ସିକନ୍ଦର'ର ଖ୍ୟାତି ଯେତିକି ବଢୁଛି, ପ୍ରଶଂସକଙ୍କ କୌତୁହଳ ଏବଂ ଅପେକ୍ଷା ମଧ୍ୟ ସେତିକି ଆକାଶଛୁଆଁ ହେଉଛି । ସଲମାନ ଖାନ ଇଦ୍ ୨୦୨୫ରେ 'ସିକନ୍ଦ' ସହିତ ବଡ ପରଦାକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି । ଏଥର ତାଙ୍କ ସହ ରଶ୍ମିକା ମନ୍ଦାନାଙ୍କୁ ମଧ୍ୟ ଦେଖିବାକୁ ମିଳିବ । ସାଜିଦ ନାଡିଆଡୱାଲା ଏବଂ ଏଆର୍. ମୁରୁଗାଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଏକ ବିସ୍ଫୋରକ ସିନେମାଟିକ୍ ଅନୁଭୂତି ଦେବାକୁ ଯାଉଛି ।

# ଦହିରେ ଲୁଣ ମିଶାଇ ଖାଉଥିଲେ ଜାଣିନିଅନ୍ତୁ....



*ଯେକୌଣସି ଋତୁ ହେଉ, ସମସ୍ତେ ଖାଦ୍ୟ ସହିତ ଦହି ଖାଇବାକୁ ପସନ୍ଦ କରନ୍ତି । କିଛି ଲୋକ ଏହାକୁ ଚିନି ସହିତ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଛି ଲୋକ ଲୁଣ ସହିତ ଖାଆନ୍ତି । କିଛି ଲୋକ କିଛି ନ ମିଶାଇ ଦହିର ସ୍ୱାଦ ଉପଭୋଗ କରନ୍ତି । କିନ୍ତୁ ଅନେକ ଲୋକ ଜାଣିବାକୁ ଚାହାଁନ୍ତି ଯେ ଦହି ଲୁଣ ସହିତ ଖାଇବା ଉଚିତ କି ନୁହେଁ ? ଜାଣିନିଅନ୍ତୁ..*

◆ ବିଶେଷଜ୍ଞଙ୍କ ମତରେ, ଲୁଣ ଖାଦ୍ୟର ସ୍ୱାଦକୁ ଉନ୍ନତ କରିବାର କ୍ଷମତା ରଖେ । ତେଣୁ, ଦହିରେ ଅଳ୍ପ ପରିମାଣର ଲୁଣ ମିଶାଇଲେ ଆପଣଙ୍କର କୌଣସି ବିଶେଷ କ୍ଷତି ହୁଏ ନାହିଁ । ରାତିରେ ଦହି ଖାଇବା ସମୟରେ, ଅଧିକାଂଶ ଡାକ୍ତର ଲୁଣ ମିଶାଇବାକୁ ପରାମର୍ଶ ଦିଅନ୍ତି କାରଣ ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ବୋଲି ବିଶ୍ୱାସ କରାଯାଏ । ଏହା ଶରୀରରୁ ବିଷାକ୍ତ ଉପାଦାନଗୁଡ଼ିକୁ ମଧ୍ୟ ବାହାର କରିଦିଏ, କିନ୍ତୁ ଦହିର ପ୍ରକୃତି ଏସିଡିକ । ସରଳ ଭାଷାରେ କହିବାକୁ ଗଲେ, ଏହା ପେଟରେ ଗ୍ୟାସ ସୃଷ୍ଟି କରେ । ତେଣୁ, ଦହିରେ ଅଧିକ ଲୁଣ ମିଶାଇବା ଉଚିତ ନୁହେଁ । କାରଣ ଏହା ପିତ୍ତ ଏବଂ କଫ ସମସ୍ୟାକୁ ବୃଦ୍ଧି କରିପାରେ ।

◆ ଡାକ୍ତରଙ୍କ ମତରେ, ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଅଛି ସେମାନେ ଦହିରେ ଲୁଣ ମିଶାଇବା ଆଦୌ ଉଚିତ୍ ନୁହେଁ । ଏହା ଷ୍ଟ୍ରୋକ, ଉଚ୍ଚ ରକ୍ତଚାପ, ଡିମେନ୍ସିଆ ଏବଂ ଅନ୍ୟାନ୍ୟ ହୃଦରୋଗର ସମ୍ଭାବନାକୁ ବୃଦ୍ଧି କରେ । ଦ୍ୱିତୀୟତଃ, ଦହି ସହିତ ଲୁଣ ମିଶାଇ ଖାଇବା ଦ୍ୱାରା ଏଥିରେ ଥିବା ଲାଭଦାୟକ ଜୀବାଣୁ ମରିଯାଏ । ଯଦି ଆମର ପାଚନ ପ୍ରକ୍ରିୟାକୁ ଉନ୍ନତ କରିପାରୁଥିବା ଜୀବାଣୁ ମରିଯାଆନ୍ତି, ତେବେ ଦହି ଖାଇବାର କୌଣସି ଲାଭ ନାହିଁ, ବରଂ ଏହା ରୋଗ ଏବଂ ଅସୁବିଧାର କାରଣ ହୋଇପାରେ । ଆପଣ କାଶ ଏବଂ ଥଣ୍ଡା ସହିତ ଗଳା ଯନ୍ତ୍ରଣା ମଧ୍ୟ ଭୋଗିପାରନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନାର (ଆରଏସ ପି) ଆନୁକୂଲ୍ୟରେ ଆୟୋଜିତ ଏସପିଏସବି ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିଅନସିପ୍ ୧୮ ତାରିଖରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସହର ପ୍ରଶାସନ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନ-ଚାର୍ଜ ପିକେ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି କେ ଜୋଜୋ ଏବଂ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ସ୍ୱାଇଁ ଏହି ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଖେଳାଳି ଏବଂ ମ୍ୟାଚ୍ ଅଧିକାରୀଙ୍କ ସହ ପରିଚିତ ହୋଇଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ସ୍ୱାଇଁ ଏଥିରେ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ କ୍ରୀଡ଼ା ମନୋଭାବ ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ସଫଳତା କାମନା କରିଥିଲେ। ଉଲ୍ଲେଖନୀୟ ଯେ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ (ବିଏସ୍‌ପି), ଆରଆଇଏନଏଲ, ଟାଟା ଷ୍ଟିଲ୍ ଏବଂ ଆୟୋଜକ ଆର୍‌ଏସ୍‌ପି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଉଦଘାଟନୀ ମ୍ୟାଚ୍‌ରେ, ଆର୍‌ଏସ୍‌ପି ଦଳ ୫ -୧ ଗୋଲରେ ଆରଆଇଏନଏଲ ଦଳକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ଦଳ ୬ -୧ ଗୋଲରେ ବିଏସ୍‌ପି ଦଳକୁ ପରାସ୍ତ କରିଥିଲା।

# ମାର୍ଚ୍ଚ ୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା



କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ମାର୍ଚ୍ଚ ୭ ତାରିଖରେ କଟକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୪ଟି ଯାକ ବ୍ଲକର ୧୮ରୁ ୩୫ ବର୍ଷର ଯୁବକ ଯୁବତୀ ଅଂଶଗ୍ରହଣ କରିପାରିବେ । ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବାଠାରୁ ଆରମ୍ଭ କରି ଯୁକ୍ତ ଦୁଇ ପାଶ୍ କରିଥିବା, ଆଇଟିଆଇ, ଡିପ୍ଲୋମା ଏବଂ ସ୍ନାତକ ପାଶ୍ କରିଥିବା ଯେକୌଣସି ଯୁବକ ଯୁବତୀ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିପାରିବେ । ଏହି ନିଯୁକ୍ତି ମେଳାରେ କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟ ସେବା, ଅଟୋମୋବାଇଲ୍ ଭଳି ପ୍ରାୟ ୫୦ଟି କ୍ଷେତ୍ର ଅଂଶଗ୍ରହଣ କରିବେ । ବିଭିନ୍ନ କାଉଣ୍ଟରରେ ଯୁବକଯୁବତୀମାନେ ପଞ୍ଜିକରଣ କରିପାରିବେ ଏବଂ ନିଜ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ସଂସ୍ଥାରେ ନିଯୁକ୍ତି ବା ତାଲିମ ପାଇପାରିବେ । ବିଭିନ୍ନ ବ୍ଲକରୁ ଆସୁଥିବା ଯୁବକଯୁବତୀମାନଙ୍କୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ନେବା ଆଣିବା କରିବା ପାଇଁ କଟକ ନେତାଜୀ ବସ୍ ଟର୍ମିନାଲ ଏବଂ କଟକ ରେଳ ଷ୍ଟେସନ୍‌ଠାରେ ଗାଡ଼ିର ବ୍ୟବସ୍ଥା କରାଯିବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ପୁରୁଣା ସଦଭାବନା ଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ପ୍ରସ୍ତୁତି ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ ଅତିରିକ୍ତ କମିଶନର, କଟକ ମହାନଗର ନିଗମ କଳ୍ପତରୁ ବେହେରା ସହକାରୀ ପରିବହନ ଅଧିକାରୀ ଟନା ମୁର୍ମୁ, ସହକାରୀ ପ୍ରବନ୍ଧକ ଶିଳ୍ପ ତାଲିମ କେନ୍ଦ୍ର କଟକ ଶରତ କୁମାର ମହାଳିକ, ଏସ. ଡ଼ି. ଓ ରାସ୍ତା ଓ ଗୃହ ବିଭାଗ ରମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ପରିଚାଳକ ଓ୍ୱାଟକୋ ଅରବିନ୍ଦ ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅଗ୍ନିଶମ ଅଧିକାରୀ, ଅଧ୍ୟକ୍ଷ ବୋଷ, ଅଧ୍ୟକ୍ଷ ବୟନ ଶିଳ୍ପ ପ୍ରତିଷ୍ଠାନ, ଚୌଦ୍ୱାର, ଅଧ୍ୟକ୍ଷ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ଅଧ୍ୟକ୍ଷ ମଧୁସୂଦନ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ଚୌଦ୍ୱାର ଓ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଓଡ଼ିଶା ଯାତ୍ରୀ ଆପ୍‌ରେ ୪୫ ଦିନରେ ୧ ଲକ୍ଷରୁ ଅଧିକ ଯାତ୍ରୀଙ୍କ ଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ରାଜ୍ୟର ଅଗ୍ରଣୀ ଗତିଶୀଳତା ଆପ୍ ‘ଓଡ଼ିଶା ଯାତ୍ରୀ’ ଏହାର ଶୁଭାରମ୍ଭ ହେବାର ମାତ୍ର ୪୫ ଦିନ ମଧ୍ୟରେ ଏକ ଲକ୍ଷରୁ ଅଧିକ ଯାତ୍ରା ସୁବିଧା ଯୋଗାଇ ଏକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିଛି। ଏହି ସଫଳତା ଭୁବନେଶ୍ୱର ଏବଂ କଟକର ଯାତ୍ରୀମାନଙ୍କ ବର୍ଦ୍ଧିତ ବିଶ୍ୱାସ ଏବଂ ଉତ୍ସାହକୁ ପ୍ରତିଫଳିତ କରେ, ଯେଉଁମାନେ ସୁରକ୍ଷା, ସ୍ୱଚ୍ଛତା ଏବଂ ସୁବିଧା ପାଇଁ ଆପର ପ୍ରତିଶ୍ରୁତିକୁ ଗ୍ରହଣ କରୁଛନ୍ତି। ଓଡ଼ିଶା ସରକାରଙ୍କ ସହାୟତାରେ, ଓଡ଼ିଶା ଯାତ୍ରୀ ଦୈନନ୍ଦିନ ଯାତ୍ରୀମାନଙ୍କ ପାଇଁ ଏକ ପସନ୍ଦର ପସନ୍ଦ ଭାବରେ ଉଭା ହୋଇଛି, ଯାହା ଏକ ସୁଗମ ଏବଂ ନିର୍ଭରଯୋଗ୍ୟ ଯାତ୍ରା ଅଭିଜ୍ଞତା ପ୍ରଦାନ କରୁଛି।ଯାତ୍ରୀ ସୁରକ୍ଷା ଏବଂ ଡ୍ରାଇଭର ସଶକ୍ତିକରଣକୁ ପ୍ରାଥମିକତା ଦେବା ପାଇଁ ଡିଜାଇନ୍ କରାଯାଇଥିବା, ଓଡ଼ିଶା ଯାତ୍ରୀ ରିଅଲ୍-ଟାଇମ୍ ଟ୍ରିପ୍ ଟ୍ରାକିଂ, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ଓଡ଼ିଶା ପୋଲିସ ୧୧୨ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସହିତ ସମନ୍ୱୟ ଭଳି ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକରେ ସଜ୍ଜିତ। ଯାତ୍ରୀମାନେ ସେମାନଙ୍କର ଯାତ୍ରା ବିବରଣୀ ପରିବାର ଏବଂ ବନ୍ଧୁମାନଙ୍କ ସହ ମଧ୍ୟ ସେୟାର କରିପାରିବେ, ଯାହା ସୁରକ୍ଷା ଏବଂ ବିଶ୍ୱାସକୁ ଆହୁରି ବୃଦ୍ଧି କରିବ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି ଯେ ଓଡ଼ିଶା ଯାତ୍ରୀ ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛି, ଏହା ସୁରକ୍ଷା, ସ୍ୱଚ୍ଛତା ଏବଂ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ପ୍ରତ୍ୟେକ ଯାତ୍ରା ସହିତ, ଏହି ଆପ୍ ଓଡ଼ିଶାକୁ ଏକ ସ୍ମାର୍ଟ, ଅଧିକ ସଂଯୁକ୍ତ ଭବିଷ୍ୟତର ନିକଟତର କରୁଛି - ଯାହା ସମସ୍ତଙ୍କ ପାଇଁ ସୁଗମ, ସୁରକ୍ଷିତ ଏବଂ ସଶକ୍ତ ଭ୍ରମଣକୁ ପ୍ରାଥମିକତା ଦିଏ। ଏହାର ଦ୍ରୁତ ସଫଳତା ସହିତ, ଓଡ଼ିଶା ଯାତ୍ରୀ ଏବେ ରାଜ୍ୟବ୍ୟାପୀ ଆହୁରି ବିସ୍ତାର ପାଇଁ ପ୍ରସ୍ତୁତ ହେଉଛି। ଭବିଷ୍ୟତର ଉନ୍ନତିରେ ରିଅଲ୍-ଟାଇମ୍ ପବ୍ଲିକ୍ ଟ୍ରାକିଂ, ଓଟିଡିସି ସହିତ ସମନ୍ୱୟ, ଏଆଇ - ଚାଳିତ ସୁରକ୍ଷା ପ୍ରୋଟୋକଲ୍ ଏବଂ ମଲ୍ଟି-ମୋଡାଲ୍ ଯାତ୍ରା ଯୋଜନା ଅନ୍ତର୍ଭୁକ୍ତ। ଏହି ବିକାଶଗୁଡ଼ିକ ଓଡ଼ିଶାର ସ୍ମାର୍ଟ ଏବଂ ସ୍ଥାୟୀ ଗତିଶୀଳତା ଇକୋସିଷ୍ଟମର ମେରୁଦଣ୍ଡ ଭାବରେ ଓଡ଼ିଶା ଯାତ୍ରୀର ସ୍ଥିତିକୁ ଆହୁରି ସୁଦୃଢ଼ କରିବ, ଲକ୍ଷ ଲକ୍ଷ ଯାତ୍ରୀ ଏବଂ ଡ୍ରାଇଭରଙ୍କୁ ସଶକ୍ତ କରିବ। ଓଡ଼ିଶା ଯାତ୍ରୀ କେବଳ ଏକ ଆପ୍ ନୁହେଁ-ଏହା ଓଡ଼ିଶାର ଭବିଷ୍ୟତକୁ ଏକ ସୁରକ୍ଷିତ, ସ୍ମାର୍ଟ ଏବଂ ଅଧିକ ସୁଲଭ ସହରାଞ୍ଚଳ ଗତିଶୀଳତା ଦିଗରେ ଏକ ଆନ୍ଦୋଳନ।

# ହରିୟାଣା ଓ ଦିଲ୍ଲୀ ଗସ୍ତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ହରିୟାଣା ଓ ଦିଲ୍ଲୀ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ସେ ହରିୟାଣାରେ ଅନୁଷ୍ଠିତ ୩୮ତମ ସୁରଜକୁଣ୍ଡ ଅନ୍ତର୍ଜାତୀୟ କ୍ରାଫ୍ଟସ ମେଳା - ୨୦୨୫ ରେ ଯୋଗ ଦେବେ। ଓଡିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ଆୟୋଜିତ ଏହି ମେଳାର ସ୍ୱତନ୍ତ୍ର ଆକର୍ଷଣ ଓଡିଶା ଥିମ ପାଭିଲିୟନକୁ ପରିଦର୍ଶନ କରିବେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ।

# ଛତ୍ରପତି ଶିବାଜୀ ମହାରାଜଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛତ୍ରପତି ଶିବାଜୀ ମହାରାଜଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଶୌର୍ଯ୍ୟ, ସ୍ୱାଭିମାନ ଓ ସ୍ୱରାଜର ଅପ୍ରତିମ ପ୍ରତୀକ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମନ କରୁଛି ।

# ପୂର୍ବତନ ସାଂସଦଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନ ଧରି ଜନସେବାରେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି।

# ପୂର୍ବତନ ସାଂସଦଙ୍କ ବିୟୋଗରେ ଧର୍ମେନ୍ଦ୍ର ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଜନପ୍ରତିନିଧି ଭାବରେ ତାଙ୍କର ଜନକଲ୍ୟାଣକାରୀ କାର୍ଯ୍ୟ ଗୁଡ଼ିକ ଚିର ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

# ରାଜ୍ୟରେ ନାରୀ ନିର୍ଯାତନା ବଢିଚାଲିଛି: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମା ସୁରକ୍ଷିତ ନାହାନ୍ତି । ୩୬ ହଜାର ମହିଳା ଓ ୮ ହଜାର ଶିଶୁ ନିଖୋଜ । ନାରୀ ନିର୍ଯାତନା ବଢ଼ି ବଢ଼ି ଚାଲିଛି । ମିଶନ ଶକ୍ତି ମହିଳା ରାଜରାସ୍ତାରେ ବସିଛନ୍ତି । ପୂର୍ବ ସରକାର ଅଧା ରାସ୍ତାରେ ମିଶନ ଶକ୍ତି ମହିଳାଙ୍କୁ ଛାଡି ପଳେଇଲେ ଏବେ ସରକାର ଶୁଣୁ ନାହାନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । କଂଗ୍ରେସ ପ୍ରତିବାଦ କରି ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି କରିଥିଲା । ହେଲେ ସରକାର ଜାଣିଶୁଣି ଗୃହ ବନ୍ଦ କରିଛନ୍ତି ସେ କହିଛନ୍ତି। ମହିଳା ଓ ଶିଶୁ ସୁରକ୍ଷିତ ନ ହେଲେ ରାଜ୍ୟ କେମିତି ଚାଲିଛି ବୋଲି ରାମଚନ୍ଦ୍ର କାଡାମ କହିଛନ୍ତି ।

# ସଙ୍କଟ ବେଳେ ୟୁପି ଓ ପଞ୍ଜାବରୁ ଆସିଛି ସର୍ବାଧିକ ଆଳୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଳୁ ସଙ୍କଟ ବେଳେ ଉତ୍ତର ପ୍ରଦେଶ ଓ ପଞ୍ଜାବରୁ ଓଡ଼ିଶା ଆସିଛି ସର୍ବାଧିକ ଆଳୁ । ୨୦୨୪ ରେ ଓଡ଼ିଶାରେ ଆଳୁ ସଙ୍କଟ ବେଳେ ଉତ୍ତର ପ୍ରଦେଶରୁ ୬୦୦ କୁଇଣ୍ଟାଲ ଆଳୁ ଓଡ଼ିଶା ଆସିଛି। ଉତ୍ତରପ୍ରଦେଶ, ପଞ୍ଜାବ ଆଦି ସ୍ଥାନରୁ ଦୈନିକ ହାରାହାରି ୮୦୦୦ ରୁ ୧୦୦୦୦ କୁଇଣ୍ଟାଲ ଆଳୁ ଓଡିଶାକୁ ଅଣାଯାଇ ବିକ୍ରୀ କରାଯାଇଥିଲା । ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଡିସେମ୍ବର ଓ ଜାନୁଆରୀ ୨୦ ଭିତରେ ୨୫୦ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ଯାଂଚ କରାଯାଇଥିବା ସ୍ଥଳେ ୩୬ ଜଣ ଖିଲାପକାରି ବ୍ୟବସାୟୀଙ୍କ ଠାରୁ ୨୯୧୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ସଙ୍ଗେସଙ୍ଗେ ୧୯ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା।

# ଖୋଖୋ ବିଶ୍ୱକପ୍ ବିଜେତାଙ୍କୁ ଜିଲ୍ଲାପାଳଙ୍କ ଶୁଭେଚ୍ଛା



ରାୟଗଡ଼ା (ଭାସ୍କର ନ୍ୟୁଜ୍): ଭାରତୀୟ ମହିଳା ଖୋ ଖୋ ଦଳ ଇତିହାସ ରଚିଛନ୍ତି। ନୂଆଦିଲ୍ଲୀର ସ୍ଥାନୀୟ ଇନ୍ଦିରା ଗାନ୍ଧି ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳାରେ ଆୟୋଜକ ଭାରତ ବିଜେତା ହୋଇଛି। ଫଳରେ ସାରା ଦେଶରେ ଖୁସିର ଲହରି ଖେଳିଯାଇଛି। ଫାଇନାଲ୍‌ରେ ନେପାଳକୁ ହରାଇ ଏହି ସଫଳତା ପାଇଛି ଭାରତୀୟ ଖୋ ଖୋ ଦଳ। ଭାରତୀୟ ମହିଳା ଦଳରେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ମାଗାଇ ମାଝୀ ସାମିଲ ହୋଇଥିଲେ। ଆଜି ଜିଲ୍ଲାପାଳ ପାରୁଲ ପଟାଓ୍ୱରୀ ମାଗାଇ ମାଝିଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଆଗାମୀ ଭବିଷ୍ୟତ ମଙ୍ଗଳ କାମନା କରିଥିଲେ। ରାୟଗଡା ଭଳି ଉପାନ୍ତ ଜିଲ୍ଲାର କାଶୀପୁର ବ୍ଲକର ଜଣେ ଝିଅ ଖୋ ଖୋ ଭାରତୀୟ ମହିଳା ଦଳରେ ସାମିଲ ହୋଇ ପ୍ରଥମ ବିଶ୍ୱକପରେ ଖେଳିଥିବାରୁ ସେ ଦେଶ, ରାଜ୍ୟ ଏବଂ ଆମ ଜିଲ୍ଲାକୁ ଗୌରବନ୍ୱିତ କରିଥିବାରୁ ଅଭିନନ୍ଦନୀୟ ବୋଲି ଜିଲ୍ଲାପାଳ କହିଛନ୍ତି। ସୁଶ୍ରୀ ମାଗାଇ ମାଝୀ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ କସନାଦରା ଗ୍ରାମର ଦାମୁ ମାଝୀ ଏବଂ ବୁଧବାରୀ ମାଝୀଙ୍କ ଝିଅ ମାଗାଇ। ସେ ଭୁବନେଶ୍ୱର ସ୍ଥିତ କିସ୍ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସହ ଖୋଖୋ ଖେଳର ପ୍ରଶିକ୍ଷଣ ନେଉଥିଲେ। ଫଳରେ ଦୀର୍ଘ ବର୍ଷର ସଂଘର୍ଷ ପରେ ଖୋ ଖୋ ଭାରତୀୟ ଦଳରେ ଖେଳିବା ସହ ବିଶ୍ୱଦରବାରରେ ସୁନାମ କରିଛନ୍ତି। କଠିନ ପରିଶ୍ରମ ହିଁ ସଫଳତା ଦେଇଥାଏ ବୋଲି ଖେଳାଳି ମାଗାଇ ମାଝୀ କହିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ଓ ଗଣମାଧ୍ୟମ ପ୍ରତନିଧି ଉପସ୍ଥିତ ଥିଲେ।

# କରୋନା ମହାମାରୀ ସମୟରେ ନର୍ସଙ୍କ ତ୍ୟାଗ ଅଭୂତପୂର୍ବ: ସୋଆ ଉପସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ । କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ । ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା ‘ମିସ୍ ଏସ୍‌ଏନ୍‌ସି’ ଆଖ୍ୟା ହାସଲ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ ଲିକାନ୍‌ଡୋମୁନିଡ ଦ୍ୱିତୀୟ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଡ ଜାମ୍ବିଆର ନାଗରିକ । ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତି ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭାନ୍ସ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ । ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସନାଲ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ୯ଜଣ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଧାନ କିଣାରେ ୯ ଜଣ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସରକାର । ବିଧାନସଭାରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି । ସେବା ସମବାୟ ସମିତିରେ ନିଯୁକ୍ତ ମିଲରଙ୍କ ବିରୋଧରେ କଟଣୀ ଛଟଣୀ ସହ ବିଭିନ୍ନ ଅଭିଯୋଗ ପରେ ହୋଇଛି ଆକ୍ସନ ।

# ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ଭାଗନେବେ ରାଖାଲ ସେଠୀ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ମାଟିର ପୁଅ ରାଖାଲ ସେଠୀ ଆନ୍ତର୍ଜାତୀୟ ଭିନ୍ନକ୍ଷମ ପାରା ଫେନ୍ସିଂ ବିଶ୍ୱ କପ୍ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ବ୍ରାଜିଲର ସାଓ ପାଉଲ ସହରରେ ଚଳିତ ମାସ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ଭାରତ ପକ୍ଷରୁ ଶ୍ରୀ ସେଠୀ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ କଠିନ ଅଭ୍ୟାସ ଜାରି ରଖିଥିବା ଜଣାଯାଇଛି। ୨୦୨୪ ମସିହାରେ ରାଖାଲ ଜାତୀୟ ଚାମ୍ପିଅନସିପରେ ୫ଟି ମେଡାଲ ଓ ଆନ୍ତର୍ଜାତୀୟ ପ୍ରତିଯୋଗୀତାରେ ୪ଟି ମେଡାଲ ଜିଣି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଚଳିତ ବର୍ଷର ପ୍ରଥମ ଆନ୍ତର୍ଜାତୀୟ ପ୍ରତିଯୋଗୀତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ୨୨ରେ ଦୌଡକୁଦ ପ୍ରତିଯୋଗିତା ନିମନ୍ତେ ଚୟନ ପରୀକ୍ଷା

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାର ସମସ୍ତ ଦୌଡକୁଦ ଖେଳାଳୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ଦ୍ୱାରା ଆଗାମୀ ତା.୧୦.୦୩.୨୦୨୫ରିଖ ଠାରୁ ତା.୧୨.୦୩.୨୦୨୫ରିଖ ପର୍ଯ୍ୟନ୍ତ ପାଟନା, ବିହାର ଠାରେ ବିଂଶତମ ଦୌଡକୁଦ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ଖେଳାଳୀମାନଙ୍କର ଏକ ଚୟନ ପରୀକ୍ଷା ଚଳିତ ଫେବୃଆରୀ ମାସ ୨୨ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ଆଥ୍ଲେଟିକ ଫେଡେରେସନ୍ ଇଣ୍ଡିଆ ସୂଚନା ଅନୁସାରେ ଭାଗନେବାକୁ ଇଚ୍ଛୁକ ଖେଳାଳୀମାନେ ୨୦୦୮ ରୁ ୨୦୦୯ ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ । ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳୀମାନେ ଅଧିକ ଜାଣିବା ପାଇଁ ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟାଳୟରେ ଦିନ ୧୧ ଘଟିକା ଠାରୁ ଦିନ ୨ ଘଟିକା ମଧ୍ୟରେ ପହଁଚି ଯୋଗାଯୋଗ କରିବା ପାଇଁ ଜିଲ୍ଲା କ୍ରୀଡା ସଂଘର ସଂପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

## ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ

# ଛତିଶଗଡକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ ସେମିରେ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସ୍ଥାନିୟ ମୁଖ୍ୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଫରେଷ୍ଟ-୧୧ ଛତିଶଗଡକୁ ୬୮ରନରେ ପରାସ୍ତ କରି କଟକର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ରାଇଜିଂ ଷ୍ଟୁଡେଣ୍ଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ୧୫୯ରନ କରି ଦଳର ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ଅତୁଲ ୩୭ଟି ବଲରେ ୩ଟି ଛକା ଓ ୪ଟି ଚୌକା ସହ ୫୧ରନ ସଂଗ୍ରହ କରିଥିଲେ। ଫରେଷ୍ଟ-୧୧ ପକ୍ଷରୁ ତନ୍ମୟ ଦତ୍ତ ୪ ଓଭର ବୋଲିଂ କରି ୩୦ରନ ଦେଇ ୪ଟି ଓ୍ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଫରେଷ୍ଟ-୧୧ ଛତିଶଗଡ ୧୬.୩ ଓଭରରେ ୮୧ରନ କରି ଦଳର ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ । ବିଜୟୀ ରାଇଜିଂ ଷ୍ଟୁଡେଣ୍ଟ ଦଳ ପକ୍ଷରୁ ଦିନା ଦାସ ୩.୩ ଓଭର ବୋଲିଂ କରି ୨୨ରନ ଦେଇ ୪ଟି ଓ ସତ୍ୟକାନ୍ତ ଭରଦ୍ୱାଜ ୪ ଓଭରରେ ୧୫ରନ ଦେଇ ୩ଟି ଓ୍ୱିକେଟ ଅକ୍ତିଆର କରିଥିଲେ । ରାଇଜିଂ ଷ୍ଟୁଡେଣ୍ଟ ଦଳର ଅତୁଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ମ୍ୟାଚକୁ ଅମ୍ପାୟାର ତପନ ବେହେରା ଓ ବିଭୁ ଚୌଧୁରୀ ପରିଚାଳନା କରିଥିଲେ। ଜିତେନ୍ଦ୍ର କୁମାର ସେନାପତି ସ୍କୋରର ରହିଥିବା ବେଳେ ସୁଦିପ ପଣ୍ଡା ଓ ପ୍ରେମାନନ୍ଦ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସମାଜସେବୀ ତଥା ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଓ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବରିଷ୍ଠ ଖେଳାଳି ମନୋଜ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ରିତ ବିଶାଲ, ଅଭିମନ୍ୟୁ ପଣ୍ଡା, ସୁଚିତ୍ର ବେହେରା, ଧ୍ରୁବ ଚରଣ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ନାସିର୍ ଅହମ୍ମଦ ଅଲ୍ଲି ମେମୋରିଆଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଗୁଣ୍ଡିଚାପଡାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମ୍‌ଠାରେ ଶାରଳା କ୍ଲବ୍ ଆନୁକୂଲ୍ୟରେ ୪ର୍ଥ ନାସିର୍ ଅହମ୍ମଦ ଅଲ୍ଲି ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗୁଣ୍ଡିଚାପଡା ଗ୍ରାମର ସଭାପତି ମୀନକେତନ ସାହୁ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଉଭୟ ଖେଳାଳୀଙ୍କୁ କରମର୍ଦ୍ଦନ କରି ଧନ୍ୟବାଦ ଅର୍ପଣ କରିବା ସହିତ ଏହି ଅନୁଷ୍ଠାନ ଆଗକୁ କିପରି ଉନ୍ନତି କରିବ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫୁଟ୍‌ବଲ୍ ଆସୋସିଏସନ୍‌ର ସଭାପତି ପୁରୁଷୋତ୍ତମ ରାଉତ ଓ ବାବା ଚନ୍ଦ୍ରଶେଖର ଫୁଟ୍‌ବଲ୍ ଆସୋସିଏସନ୍‌ର ଉପଦେଷ୍ଟା ଗଙ୍ଗାଧର ରାଉତ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଠଗଡର ଖୁଂଟୁକଟା ଫୁଟ୍‌ବଲ୍ ଟିମ୍ ୨-୦ ଗୋଲ୍‌ରେ ଗୁଣ୍ଡିଚାପଡା ଫୁଟ୍‌ବଲ୍ ଟିମ୍‌କୁ ପରାସ୍ତ କରିଛି । କ୍ଲବ୍‌ର ସଭାପତି ମଇଉଦ୍ଦିନ୍ ଖାଁ ଓ ସଂପାଦକ ପ୍ରକାଶ କୁମାର ସାହୁ ଉପସ୍ଥିତ ରହି ଖେଳକୁ ଶୃଙ୍ଖଳା ଭାବେ ପରିଚାଳନା କରିଥିଲେ । ରେଫରୀ ଭାବେ ଅନିଲ୍ ନନ୍ଦ, ଅମୂଲ୍ୟ ସାମଲ ଓ ମନୋଜ ସେଠୀ ଖେଳକୁ ପରିଚାଳନା କରିଥିଲେ । ଘୋଷକ ଭାବେ ସ୍ୱରୂପ କୁମାର ସାହୁ ଉପସ୍ଥିତ ରହି ଦର୍ଶକମାନଙ୍କୁ ତାଙ୍କ ମଧୁର ବାଣୀରେ ମୁଗ୍ଧ କରିଥିଲେ । ୨୪ରେ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ।

### ।।। ଆନ୍ତଃଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମ ।।।

## କଳାହାଣ୍ଡିରେ ପହଞ୍ଚିଲେ କଟକର ୨୭ ଯୁବକ-ଯୁବତୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଈଁ ଭାରତ, ନେହେରୁ ଯୁବକେନ୍ଦ୍ରର 'ଆନ୍ତଃଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମ' ଉପଲକ୍ଷେ କଟକ ଜିଲ୍ଲା ପକ୍ଷରୁ ୨୭ ଜଣ ଯୁବକ-ଯୁବତୀ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ୧୮ ତାରିଖ ମଙ୍ଗଳବାର ଦିନ ପହଞ୍ଚି ଥିଲେ। ସ୍ଥାନୀୟ ସାଂସ୍କୃତିକ ଦଳ ସହିତ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀମାନେ କଟକରୁ ଆସିଥିବା ଏହି ଅତିଥି ଯୁବଦଳଙ୍କୁ ସ୍ୱାଗତ ଜଣାଇଥିଲେ। ସ୍ଥାନୀୟ ସଂପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ର ଠାରେ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ପ୍ରଶିକ୍ଷକ ବିନୟ ସାହୁଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ନବରଙ୍ଗପୁର ମାଈଁ ଭାରତ ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ, ବି. ରମେଶ, କଳାହାଣ୍ଡି ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଉପସ୍ଥିତ ଥିଲାବେଳେ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ଉଦ୍ୟମ ତଥା ଜିଲ୍ଲା ନେହେରୁ ଯୁବକେନ୍ଦ୍ରର ଏଭଳି ଆନ୍ତରିକତାକୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିବା ସହ ଯୁବଶକ୍ତି ଏହାଦ୍ୱାରା ଅଧିକ ଶକ୍ତିଶାଳୀ ହେବ ବୋଲି ବକ୍ତବ୍ୟ ରଖିଥିଲେ। କଳାହାଣ୍ଡି ମାଟିର ପରମ୍ପରା, ଐତିହ୍ୟ, ସାଂସ୍କୃତିକ ବିଭବ, ଦର୍ଶନୀୟ ସ୍ଥାନ ଗୁଡିକ ବିଷୟରେ ଯେଭଳି ଅଧିକରୁ ଅଧିକ ତଥ୍ୟ ଓ ସୂଚନା ପରିଭ୍ରମଣରେ ଆସିଥିବା ଯୁବକଯୁବତୀ ମାନେ ପାଇ ପାରିବେ ଓ ସେମାନଙ୍କ ଅଭିଜ୍ଞତାକୁ ନେଇ ଅନ୍ୟମାନେ କଳାହାଣ୍ଡି ଜିଲ୍ଲା ପ୍ରତି ଆକୃଷ୍ଟ ହେବେ ସେଥିପାଇଁ ଦୃଷ୍ଟି ଦେବାକୁ ଅତିଥି ମାନେ ଗୁରୁତ୍ୱ ଦେଇଥିଲେ। ପରେ ପରେ କଳାହାଣ୍ଡି ଏନ୍‌ୱାଇକେର ଏକାଉଣ୍ଟ୍ ଏଣ୍ଡ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଦୁତୀୟା ବନଛୋର୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆନ୍ତଃଜିଲ୍ଲା ଯୁବ ବିନିମୟ କାର୍ଯ୍ୟକ୍ରମରେ ଆସିଥିବା ଦଳ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଆସନ୍ତା ୨୨ ତାରିଖ ଶନିବାର ଦିନ ଏଠାରୁ ଫେରି ଯିବାର ଅଛି ବୋଲି ସୂଚନା ମିଳିଛି। ଏହି ଦଳ ବିଭିନ୍ନ ଦିନରେ କଳାହାଣ୍ଡିର ଇଷ୍ଟଦେବୀ ମାଆ ମାଣିକେଶ୍ୱରୀ ମନ୍ଦିର, ଗୁରୁଜିମୁଣ୍ଡା ଦେବୀପୀଠ, ଇନ୍ଦ୍ରାବତୀ ବହୁମୁଖୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ଜଳଭଣ୍ଡାର, ଡୋକରୀଚଞ୍ଚରା ଗୁଡହାଣ୍ଡି ଜଳ ପ୍ରପାତ, କଳାହାଣ୍ଡିର ବିଭିନ୍ନ ଦକ୍ଷତା କେନ୍ଦ୍ର, ବେସରକାରୀ ଯୁବ ଅନୁଷ୍ଠାନ ପ୍ରଭୃତି ବୁଲି ଦେଖିବା ସହ ପ୍ରତିଦିନ ବିଭିନ୍ନ ଆଲୋଚନା ଚକ୍ର, ଡିବେଟ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଅଂଶ ଗ୍ରହଣ କରିବେ ବୋଲି ମାଈଁ ଭାରତ ନେହେରୁ ଯୁବ କେନ୍ଦ୍ର, କଳାହାଣ୍ଡି ପକ୍ଷରୁ ଜଣାପଡିଛି।

### ରାସ୍ତା ସମସ୍ୟାକୁ ନେଇ ବଢୁଛି ତୀବ୍ର ଜନ ଅସନ୍ତୋଷ

## କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଲା ଲାଞ୍ଜିଗଡ ପ୍ରେସ୍ କ୍ଲବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି-ରାୟଗଡାକୁ ସଂଯୋଗ କରୁଥିବା ଛଅ ନମ୍ବର ରାଜ୍ୟ ରାଜପଥର ଛତିକୁଡ଼ା କଦଳୀଘାଟି ଛକରୁ କିଡିଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। କଳାହାଣ୍ଡି ଜିଲ୍ଲାର ଲାଇଫ ଲାଇନ ତଥା କଳାହାଣ୍ଡି-ରାୟଗଡା ଜିଲ୍ଲାକୁ ସଂଯୋଗ କରୁଥିବା ଛଅ ନମ୍ବର ରାଜ୍ୟ ରାଜପଥର ଛତିକୁଡ଼ା କଦଳୀଘାଟି ଛକରୁ କିଡିଙ୍ଗ ପର୍ଯ୍ୟନ୍ତ ରାସ୍ତା ବର୍ଷେ ହେଲା ସରିପାରୁନି। ରାସ୍ତାରେ ମେଟାଲ ଓ କ୍ରସର ଗୁଣ୍ଡ ପକାଇ ଛଅ ମାସରୁ ଅଧିକ ସମୟ ହେଲା ସେମିତି ଛାଡ଼ି ଦେଇଛନ୍ତି ଠିକାଦାର। ରାସ୍ତା ତିଆରି ହେବା ତ ଦୂରର କଥା, ପାଣି ବି ଆଦୌ ଦିଆଯାଉନି। ଏତେ ଧୂଳି ଉଡୁଛି ଯେ ଏଇ ରାସ୍ତା ଦେଇ ବାଇକ ଆରୋହୀ, ସାଧାରଣ ଲୋକେ ଯାତାୟତ କରିବା ଦୁର୍ବିସହ ହୋଇପଡିଛି। ଠିକାଦାରଙ୍କୁ ଅଭିଯୋଗ କଲେ ମୋର ବିଲ ମିଳିନି ବୋଲି କହୁଛନ୍ତି, ସେହିପରି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ଏହା କେନ୍ଦ୍ରୀୟ ସ୍ତରରୁ ଅନୁଦାନ ରୋକିଦିଆଯାଇଛି ବୋଲି କହୁଛନ୍ତି। ତେବେ ଏଥିଯୋଗୁଁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହାକୁ ନେଇ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ଏହି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି ଲାଞ୍ଜିଗଡ ପ୍ରେସ କ୍ଲବ। ଜିଲ୍ଲାର ସବୁଠୁ ବ୍ୟସ୍ତ ବହୁଳ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା, ଚାରିଥକିଆ ରାସ୍ତା ନିର୍ମାଣ, ଆବଶ୍ୟକସ୍ଥଳେ ପୋଖରୀବନ୍ଧ ଛକରେ ଟୋଲଗେଟ ସ୍ଥାପନ, ପୂର୍ବରୁ ସେ କରିଥିବା ଦାବି ମୁତାବକ ଭବାନୀପାଟଣା-ରାୟଗଡ଼। ରାସ୍ତାକୁ ଜାତୀୟ ରାଜପଥ ଭାବେ ଘୋଷଣା କରିବା ନଚେତ ଏହି ରାସ୍ତା ଅନ୍ତର୍ଗତ ରାଞ୍ଚି-ବିଜୟୱାଡାକୁ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା କିମ୍ବା ଅନ୍ୟ କୌଣସି କେନ୍ଦ୍ରୀୟ ଯୋଜନାରେ ସାମିଲ କରାଗଲେ ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସିଧାସଳଖ ଯୋଗସୂତ୍ର ସ୍ଥାପନ ହୋଇପାରିବ ବୋଲି ଚିଠିରେ ଦର୍ଶାଇଛନ୍ତି। ସେହିପରି ଏ ଦିଗରେ ତୁରନ୍ତ ସମୁଚିତ ପଦକ୍ଷେପ ନେବା ସହିତ ବର୍ତ୍ତମାନ ପରିସ୍ଥିତିରେ କଦଳୀଘାଟି ଛକ-କିଡିଙ୍ଗ ରାସ୍ତାକୁ ଅନୁଦାନ ଯୋଗାଇ ଦେବା ସହିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଏହାର ପ୍ରତିଲିପି ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ପ୍ରେରଣ କରିଛନ୍ତି। ସୂଚନାଯୋଗ୍ୟ, ଏହି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଜନ ଅସନ୍ତୋଷ ବଢୁଥିବାବେଳେ ଏକ ବିରାଟ ଜନ ଆନ୍ଦୋଳନ ଦାନା ବାନ୍ଧୁଥିବା ସୂଚନା ମିଳିଛି। ଏଣୁ ଏହି ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରାନଗଲେ ପରିସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ପାଟଯାତ୍ରା ମହୋତ୍ସବ



କୋକସରା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବତାସୀଗୁଡାଠାରେ ଚାଲିଥିବା ଜିଲ୍ଲା ପୟାଗ ପାତ୍ର ପରିବାରର ପାଟଯାତ୍ରା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପାଟଯାତ୍ରା ପାଇଁ ସୋମବାର କଳସଯାତ୍ରା ଅନୁଷ୍ଠିତ ହୋଇ ମହୋତ୍ସବ ଆରମ୍ଭ ହୋଇଥିଲା। ମଙ୍ଗଳବାର ସକାଳୁ କୁଳ ଦେବତା ଭୈରବ ଦେବ ଓ ମା' କାଳୀସୁନ୍ଦରୀ ଦେବୀଙ୍କ ସହ ସମସ୍ତ କୁଳ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦିର୍ଘ ୩୩ ବର୍ଷ ପରେ ଅନୁଷ୍ଠିତ ହୋଇଥିବା ଏହି ପାଟଯାତ୍ରାରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରୁ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା। ପୟାଗ ପାତ୍ର ପରିବାରର ସମସ୍ତ ବନ୍ଧୁ ପରିଜନ ମିଳନର ମହାସମାବେଶ ନିମନ୍ତେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୟାଗ ପାଟଯାତ୍ରା କମିଟିର ସଂଯୋଜକ ଇଂ ତୃପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ନବରଙ୍ଗପୁର ସାଂସଦ ପର୍ଶୁରାମ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ, ନାଟଗୁର ତଥା ବରିଷ୍ଠ ସମାଜସେବୀ ବନମାଳୀ ମାଝୀ ମୁଖ୍ୟବକ୍ତା, କୈଳାଶ ଚନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚକୁ ପୟାଗ ପାତ୍ର ପରିବାର ସଭାପତି ସଂଯୋଜନା କରିଥିଲେ। ମାଁ ପୂଜକ ମଧୁ ପାତ୍ର, ଟୁନୁପାତ୍ର, ଭୈରବ ପୂଜକ ମଦନମୋହନ ପାତ୍ର, ଶୋଭା ପାତ୍ର, ରକ୍ଷିମଣି ପାତ୍ର, ମନୁ ପାତ୍ର, ଗୋବର୍ଦ୍ଧନ ପାତ୍ର, ମୋହନ ପାତ୍ର ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବଂଶୀୟ ଭାଇ ଶଶି କୁମାର ପାତ୍ର, ରାମଦେବ ପାତ୍ର, ରାମ ପାତ୍ର, ଦୁର୍ଲ୍ଲଭ ପାତ୍ର, ମକରନ୍ଦ ପାତ୍ର, ମନୋହର ପାତ୍ର, ଦୁଷ୍ମନ୍ତ ପାତ୍ର, ଲକ୍ଷ୍ମଣ ପାତ୍ର, ପର୍ଶୁରାମ ପାତ୍ର, ଅନ୍ତ ପାତ୍ର, ଗଙ୍ଗାଧର ପାତ୍ର ସମେତ ସମସ୍ତ ବଂଶିୟ ଭାଇ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ

## ବ୍ୟବହାର ହୋଇପାରୁନି ଅତ୍ୟାଧୁନିକ ଯନ୍ତ୍ରପାତି

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଗୁରୁତ୍ୱ ଦେଇଥାନ୍ତି। ହେଲେ ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବେମାତୃ ଭାବ କରାଯାଇଥିବା ସମାଲୋଚନା ହେଉଛି। ପର୍ଲା ଠାରେ ଥିବା ଡାକ୍ତରଖାନା ଇତି ମଧ୍ୟରେ ପିଏଚସିରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇ ସାରିଛି। ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମ ଅନୁଯାୟୀ ମୁଖ୍ୟତଃ ୪ଜଣ ବିଶେଷଜ୍ଞ ସମେତ ୧୧ଜଣ ସାଧାରଣ ଡାକ୍ତର ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି। ତେବେ ପର୍ଲା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସଦା ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିକମରେ ଜଣେ ମେଡ଼ିସିନ ବିଶେଷଜ୍ଞ ସମେତ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ଶୈଲ୍ୟ ରୋଗ ବିଶେଷଜ୍ଞ ସହ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମୂଳରୁ ବିଶେଷଜ୍ଞ ଡାକ୍ତର ସାତ ସପନ ପାଲଟିଛି। ଯାହା ଫଳରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟ ଦେଖା ଦେଇଛି। ସାଧାରଣ ଭାବେ ଗ୍ରାମାଞ୍ଚଳ ମହିଳା, ଶିଶୁ, ଗର୍ଭବତୀ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ପ୍ରୟାସ କରୁଥିବା ବେଳେ ଏଥିପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଛି। ବିଶେଷଜ୍ଞ ଅଭାବରୁ ତାହା ଖତ ଖାଉଥିବା ଆଲୋଚନା ହେଉଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଛତିଶଗଡ଼, ନବରଙ୍ଗପୁର ସମେତ ପ୍ରାୟ ୧୪ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ବିଶେଷ ଭାବେ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ମାତ୍ର ଅଞ୍ଚଳର ସାହା ଭରସା ପାଲଟି ଥିବାବେଳେ ସ୍ତ୍ରୀ ରୋଗ ବିଶେଷଜ୍ଞ ଅଭାବରୁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ନଜର ରହିଛି। ସରକାର ବିଶେଷ ଭାବେ ମହିଳା ମାନଙ୍କୁ ତ୍ୱରାନ୍ୱିତ ସେବା ଯୋଗାଇବାକୁ ଅନେକ ବ୍ୟବସ୍ଥା ହାତକୁ ନେଇଛନ୍ତି। ଏପରିକି ମାଗଣାରେ ଜନନୀ ଏକ୍ସପ୍ରେସ ଜରିଆରେ ଡାକ୍ତରକୁ ନେବା, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ପରୀକ୍ଷା ନିରୂପଣ ଆଦି ଉପଲବ୍ଧ ଥିବାବେଳେ ଡାକ୍ତର ଅଭାବରୁ ଲୋକେ ହଇରାଣ ହରକତ ହେଉଛନ୍ତି। ସୂଚନା ମତେ ୨୦୨୩-୨୦୨୪ମସିହାରେ ମୋଟ ୭୭୦ଜଣ ଗର୍ଭବତୀ ମହିଳା ପର୍ଲା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି ହୋଇ ଥିବାବେଳେ ୬୮୧ଜଣ ମହିଳା କ୍ଷେତ୍ରରେ ସାଧାରଣ ଭାବେ ପ୍ରସବ ହୋଇଛନ୍ତି ଓ ୮୯ଜଣଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଭଳି ଅପ୍ରେଲ ୨୦୨୪ରୁ ବର୍ତ୍ତମାନ ଯାଏ ୪୮୯ ପ୍ରସବ ହୋଇଥିବା ବେଳେ ୭୪ଜଣଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା କୁହାଯାଏ। ବର୍ତ୍ତମାନ ନୂତନ ସରକାର ଆସିଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଧାନ୍ୟ ଦେଉଛନ୍ତି-ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି କେବେ ଦୃଷ୍ଟି ପଡିବ ଦେଖିବାକୁ ବାକି ରହିଛି।

### ବାଆଦୀ ଠାକୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲ ମ୍ୟାଚ୍

## ବାଞ୍ଜିବାହାଲକୁ ହରାଇ ବଡପୁଝାରୀଗୁଡା ବିଜୟୀ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ ବାଆଦୀ ଠାକୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବାଞ୍ଜିବାହାଲକୁ ହରାଇ ବଡପୁଝାରୀଗୁଡା ଟୁର୍ଣ୍ଣାମେଣ୍ଟ୍‌ର ଚାମ୍ପିଅନ୍ ହୋଇଛି। ବଡପୁଝାରୀଗୁଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଞ୍ଜିବାହାଲ ଟିମ୍ ପଡିଆକୁ ଓହ୍ଲାଇ ୧୨ ଓଭରରେ ୫ ୱିକେଟ ବିନିମୟରେ ୧୦୯ ରନ୍ ସଂଗ୍ରହ କରିଥିଲା। ତେବେ ୫୩ ରନ୍‌ରେ ବଡପୁଝାରୀଗୁଡା ଦଳ ବିଜେତା ହୋଇ ଟୁର୍ଣ୍ଣାମେଣ୍ଟ୍‌ର ଚାମ୍ପିଅନ୍ ହୋଇଛି। ଅମ୍ପାୟାର ଭାବରେ ଅଜିତ ମଙ୍ଗରାଜ ଓ ତରୁଣ ନାଏକ ଖେଳ ପରିଚାଳନା କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଜମୁନା ନାଏକ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ପୂର୍ବତନ ନାଏବ ସରପଞ୍ଚ ଧନୁ ଦୁର୍ଗା, ଯୁଗଳ କିଶୋର ନାଏକ, ନିଳାମ୍ବର ଦାସ, ନକୁଳ ନାଏକ, ବ୍ଲକ ସାମ୍ବାଦିକ ସଂଘର ସଭାପତି ଚକ୍ରଧର ବେଶ୍ରା, ପ୍ରେମଲାଲ ସରାବୁ, ସପୁରସିଂ ନାଗ, ମକରନ୍ଦ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ବଡପୁଝାରୀଗୁଡାର ଅପୁ ସୁନା ବିବେଚିତ ହୋଇଥିଲେ। ସ୍କୋର ବୋର୍ଡରେ ସୁରେନ୍ଦ୍ର ସୁନାନୀ ଦାୟିତ୍ୱ ନିର୍ବାହ କରିଥିବାବେଳେ ମୁନ୍ନା ଧଙ୍ଗଡାମାଝୀ ଓ ଲିଙ୍ଗରାଜ ରାଠୋଡ ଖୋଲର ଧାରାବିବରଣୀ ପ୍ରଦାନ କରିଥିଲେ। ଭଜମନ ନାଏକଙ୍କ ତତ୍ତ୍ୱାବଧାନରେ ବାଆଦୀ ଠାକୁର କ୍ରିକେଟ କ୍ଲବର ସଭାପତି କ୍ଷୀରୋଦ ନାଏକ, ଉପସଭାପତି ଆଦିତ୍ୟ ବନ୍ଦିଛୋଡ, କୋଷାଧ୍ୟକ୍ଷ ମନବୋଧ ନାଏକ, ଧର୍ମାନନ୍ଦ ନାଏକ ଜଗଦୀଶ ନାଏକ, ଲାଲସିଂ ବାଗ, ଯୋଗିନ୍ଦ୍ର ନାଏକ, ନରେଶ ବିଶି, ନଳିନୀ ବିଶି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପରିହାସ ପାଲଟିଛି ବସୁଧା ଯୋଜନା: କଲବଲ କରୁଛି ଜଳ ସଙ୍କଟ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଦିନକୁ ଦିନ ଏହାର ପ୍ରଭାବ ବଢ଼ିବାରେ ଲାଗିଛି। ହେଲେ ଆରମ୍ଭରୁ ଏବେ ବିଭିନ୍ନ ସ୍ଥାନରେ ଜଳ ସଙ୍କଟ ଉପୁଜିଥିବା ନଜରକୁ ଆସିଛି। ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ରଇନଗୁଡା ସୋରିପଡାରେ ଟୋପାଏ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ରଇନଗୁଡା ଗାଁ ପଶ୍ଚିମରେ ସୋରିପଡା ଅବସ୍ଥିତ ରହିଥିବା ବେଳେ ୧୦-୧୨ ପରିବାର ଏଠାରେ ବସବାସ କରି ରହୁଛନ୍ତି। କେବଳ ଗୋଟାଏ ସରକାରୀ ନଳକୂପ ଏଠାରେ ରହିଛି ସତ ହେଲେ ବହୁ କଷ୍ଟରେ ଟୋପାଏ ପାଣି ବାହାରି ଥାଏ। ଏହି ପଡାବାସୀ ବହୁ ସମୟରେ ପାଖରେ ଥିବା ନାଳରେ ବାଲିଚୁଆ ଖୋଲି ପାଣି ଆଣିଥାନ୍ତି। ସେହି ପାଣି ବ୍ୟବହାର କରି ଅନେକ ଲୋକ ବିଭିନ୍ନ ରୋଗର ଶିକାର ସାଜୁଥିବା କୁହାଯାଏ। ଅନ୍ୟପଟେ ରଇନଗୁଡା ଠାରେ ବସୁଧା ଯୋଜନା ନିର୍ମାଣ ହୋଇଛି ସତ ହେଲେ ଧର୍ମକୁ ଆଖିଠାର। କେବେ ଯନ୍ତ୍ରାଂଶ ତ୍ରୁଟି ତ କେବେ ଅଚଳାବସ୍ଥା। ଏହି ବସୁଧା ଯୋଜନାରୁ ସିଧାସଳଖ ଭାବେ ସୋରିପଡାକୁ ଜଳ ଯୋଗାଣ କରିବାକୁ ପାଇପ, ନାଳ ଇତ୍ୟାଦି ପୋତା ଯାଇଛି। ଏପରିକି ଘରକୁ ଘର ପାଇପ ପୋତା ଯାଇ ପାଇପ ପଏଣ୍ଟ ସବୁ ଦିଆ ଯାଇଛି। ହେଲେ ବସୁଧା ଯୋଜନା ଆରମ୍ଭ ଦିନଠୁ ପାଣି ଟୋପାଏ ପାଇ ପାରିନାହାନ୍ତି ପଡ଼ାବାସୀ ବୋଲି ପ୍ରକାଶ କରନ୍ତି। ନିମ୍ନମାନ କାମ ଓ ନିମ୍ନମାନ ସାମଗ୍ରୀ ସଂଯୋଗ ସମେତ ବିଭାଗୀୟ ଯନ୍ତ୍ରୀଙ୍କ ତ୍ରୁଟି ପୂର୍ଣ୍ଣ ପ୍ଲାନିଂ ଯୋଗୁଁ ପାଣି ଆସୁ ନଥିବା ଅଭିଯୋଗ କରନ୍ତି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଆରମ୍ଭ ହେଲାଣି -କିଛି ନ ହେଉଣୁ ପଡାରେ ଜଳ ସଙ୍କଟ ଗ୍ରାସ କରିଥିବା ବେଳେ ଆଗକୁ ଘୋର ସଙ୍କଟ ଦେଖା ଯିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଜଳ ଯୋଗାଣ ବିଭାଗ ଯୁଦ୍ଧ କାଳୀନ ଭିତ୍ତିରେ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଧର୍ମଗଡ଼ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ସରୋଜ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଖୁବ ଜଲଦି ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

## ରାଶିଫଳ

ଗୁରୁବାର, ୨୦ ଫେବୃଆରୀ ୨୦୨୫



**ମେଷ:** ପରିବାର ସାହାଯ୍ୟ କରିବେ । ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ । କାର୍ଯ୍ୟ ସମାପ୍ତ ହୋଇପାରିବ । କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବୃଷ:** ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।



**ମିଥୁନ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ । ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ।



**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ଜୀବନସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ସନ୍ଧ୍ୟାରେ ଅତିଥିମାନଙ୍କ ଆଗମନ ସହିତ ଘରର ପରିବେଶ ମଧ୍ୟ ସୁଖଦ ରହିବ। ମନ୍ଦିରରେ ଘିଅ ଦୀପ ଜାଳନ୍ତୁ, ପତି-ପତ୍ନୀଙ୍କ ସମ୍ପର୍କ ମଜବୁତ ହେବ।



**ସିଂହ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ । ଅଫିସ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ ଏକ ଚାପଗ୍ରସ୍ତ ପରିସ୍ଥିତି ହୋଇପାରେ । ଆପଣ ବନ୍ଧୁ ଏବଂ ପରିବାରର ଆବଶ୍ୟକତାରେ ଅଟକି ଯାଇପାରନ୍ତି ।



**କନ୍ୟା:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ । ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ ।



**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ । କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି । ସମୟ ଭଲ ଅଟେ ।



**ବିଛା:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ । ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ ।



**ଧନୁ:** ଧନୁ- ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ । ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯